# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୫/୨୦୨୧ (୧୨ ପୃଷ୍ଠା) | Bhubaneswar, Tuesday, June 15/2021 | ★★★★★★

୪୭ଶ ଭାଗ ୨୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଉଦ୍‌ଘାଟନୀରେ ନେମାରଙ୍କ ଗୋଲ

କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟର ଭେନିଜୁଏଲା ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ଗୋଲ ସ୍କୋର କରିଛନ୍ତି ବ୍ରାଜିଲ ସୁପରଷ୍ଟାର ନେମାର।

୧୨

୧୦

## ସୁଶାନ୍ତଙ୍କ ପାଇଁ ଭାବପ୍ରବଣ ହେଲେ ରିଆ

ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ପୁଣ୍ୟତିଥିରେ ପ୍ରେମିକା ରିଆ ଚକ୍ରବର୍ତ୍ତୀ ଭାବପ୍ରବଣ ହୋଇ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି।






# ଓଡ଼ିଶାରେ ନକଲି ଔଷଧ କାରବାର ପୁରୁଣା

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୬(ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣକୁ ନେଇ ଜୀବନ ଜୀବିକା ସହ ଲଢ଼େଇ ଚାଲିଥିବା ବେଳେ ନକଲି ଔଷଧ କାରବାର ରାଜ୍ୟର ଜନସାଧାରଣଙ୍କୁ ବିପଦ ମୁହଁକୁ ଠେଲି ଦେଇଛି। କରୋନା ସଂକ୍ରମିତଙ୍କ ପାଇଁ ଯୋଗାଇ ଦିଆଯାଉଥିବା ଫାଭିପିରାଭିର ଟାବ୍‌ଲେଟ(ଫାବିମାକ୍ସ-୪୦୦), ଭିଟାମିନ-ସି, ଆଜିଥ୍ରୋମାଇସିନ୍ ଭଳି ୯ ପ୍ରକାର ନକଲି ଔଷଧ ଓଡ଼ିଶା ବଜାରରେ କାରବାର ହୋଇ ଚାଲିଛି। ଗତ କିଛିଦିନ ହେବ କଟକ, ଭୁବନେଶ୍ୱର ସମେତ ବଲାଙ୍ଗୀର, ଝାରସୁଗୁଡ଼ା, ବାରିପଦା, ସମ୍ବଲପୁର, ରାଉରକେଲାରୁ ନକଲି ଔଷଧ ଠାବ କରାଯାଇଛି। ଜବତ ଔଷଧର ନମୁନା ପରୀକ୍ଷା ପାଇଁ ଲାବରେଟୋରୀକୁ ପଠାଯାଇଥିବାବେଳେ ଏହା ନକଲି ବୋଲି ଜଣାପଡ଼ିଛି। ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ ହିମାଚଳ ପ୍ରଦେଶ ସୋଲାନ୍‌ଠାରେ ଥିବା ମାସ୍କ ରିଲିଫ ହେଲ୍‌ଥ କେୟାର ନାମକ ଔଷଧ ନିର୍ମାତା କମ୍ପାନୀ ଫାଭିପିରାଭିର ଟାବଲେଟ(ଫାବିମାକ୍ସ-୪୦୦) ଯୋଗାଉଥିବା ଜଣାପଡ଼ିବା ପରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଏହାର



ଯାଞ୍ଚ କରାଯାଇଥିଲା। ତେବେ ସେଭଳି କୌଣସି ସଂସ୍ଥା ହିମାଚଳ ପ୍ରଦେଶରେ ନ ଥିବା ଖୋଳତାଡ଼ରୁ ଜଣାପଡ଼ିଥିଲା। ସେହି ସଂସ୍ଥା ନାମରେ ଆସିଥିବା ନକଲି ଔଷଧ ଓଡ଼ିଶା ବଜାରରେ ପ୍ରବେଶ ସୂଚନା ପାଇବା ପରେ ରାଜ୍ୟର ବିଭିନ୍ନ ଔଷଧ ଦୋକାନରେ ଜୁନ୍ ୧୧ରୁ ଚଢ଼ାଉ ଜାରି ରହିଛି। ଫାବିମାକ୍ସ-୪୦୦ ନକଲି ଔଷଧକୁ କଟକ କନିକାଛକସ୍ଥିତ ମେଡିଲଏଡ୍ ମେଡିକାମେଣ୍ଟ ପ୍ରାଇଭେଟ ଲିମିଟେଡ୍ କ୍ରୟ କରିଥିଲା। କଟକ ଡ୍ରଗ୍ସ ଇନ୍‌ସପେକ୍ଟରଙ୍କ ଯାଞ୍ଚ ପରେ ଏହି ଘଟଣା ଜଣାପଡ଼ିଥିଲା। ଉତ୍ତର ପ୍ରଦେଶ ଗୌତମ ବୁଦ୍ଧନଗର ସ୍ଥିତ ମାସ୍କ ରିଲିଫ୍ ହେଲ୍‌ଥ କେୟାର୍‌ଠାରୁ ମେଡିଲଏଡ୍ ୫୮ ହଜାର ଟାବଲେଟ କ୍ରୟ କରିଥିଲା। ସେଥିରୁ ସମ୍ପୃକ୍ତ ସଂସ୍ଥା ୪୦,୬୦୦ ଟାବଲେଟ ମଧ୍ୟପ୍ରଦେଶ ଗୋଆଲିୟର ସ୍ଥିତ ମହାଦେବ ମେଡିକାଲ୍ସକୁ ଯୋଗାଣ କରିଥିବା ଚଢ଼ାଉ ବେଳେ ଜଣାପଡିଥିଲା। ବଳକା ୧୭,୪୦୦ ଟାବଲେଟ୍‌ରୁ ୪୦୦ ପରୀକ୍ଷା ପାଇଁ ଅଣାଯାଇଥିବା ବେଳେ ୧୭ ହଜାର ଟାବଲେଟ୍ ଜବତ କରାଯାଇଥିଲା। ମାସ୍କ ରିଲିଫ୍ ହେଲ୍‌ଥ କେୟାରଠାରୁ ଆହୁରି ୯ ପ୍ରକାର ଔଷଧ କ୍ରୟ କରାଯାଇଥିବା ଚଢ଼ାଉ ବେଳେ ☞ପୃଷ୍ଠା-୪

## ପୁରୁଣା ଚେର

ଭୁବନେଶ୍ୱର,୧୪।୬(ବ୍ୟୁରୋ)

ଓଡ଼ିଶାରେ ନକଲି ଔଷଧର କାରବାର ବହୁ ପୁରୁଣା। ୨୦୦୭ ଜୁଲାଇ ୨୦ରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ନକଲି ଔଷଧ କାରଖାନା ଠାବ ହୋଇଥିଲା। ସେଠାରେ ୩୦ଟି ନାମୀ କମ୍ପାନୀର ୩୯୨ ପ୍ରକାର ଏଲୋପାଥି ଓ ଆୟୁର୍ବେଦିକ ଔଷଧ ନକଲ ହେଉଥିବା




୨୦୦୭ ଜୁଲାଇ ୨୨ରେ 'ଧରିତ୍ରୀ'ରେ ପ୍ରକାଶିତ ଖବରର ଉଦ୍ଧୃତାଂଶ।

ଜଣାପଡ଼ିଥିଲା, ଯାହାକି ରାଜ୍ୟରେ ଚହଳ ପକାଇଥିଲା। ଜୀବନ ରକ୍ଷାକାରୀ ଔଷଧ ନାଁରେ କିଭଳି ☞ପୃଷ୍ଠା-୪

# କୋଭିଡ୍ ଅନାଥଙ୍କୁ ମାଗଣା ଶିକ୍ଷା

ଭୁବନେଶ୍ୱର,୧୪।୬(ବ୍ୟୁରୋ)

- 'ଗ୍ରୀନ୍ ପ୍ୟାସେଜ୍' ଯୋଜନାରେ ସାମିଲ ହେବେ
- ପାଠପଢ଼ାର ସମସ୍ତ ଖର୍ଚ୍ଚ ବହନ କରିବେ ସରକାର

କୋଭିଡ୍-୧୯ ମହାମାରୀ ରାଜ୍ୟର ଅନେକ ଶିଶୁଙ୍କୁ ଅନାଥ କରିଦେଇଛି। ଏହି ମହାମାରୀର ଶିକାର ହୋଇ ମାତା, ପିତା ଏପରିକି ପରିବାରର ଅନ୍ୟ ସଦସ୍ୟଙ୍କର ମୃତ୍ୟୁ ହେବାରୁ ଶିଶୁମାନେ ସମ୍ପୂର୍ଣ୍ଣ ବେସାହାରା ହୋଇ ଯାଇଛନ୍ତି। ସେହି ପିଲାମାନଙ୍କୁ ରାଜ୍ୟ ସରକାର 'ଗ୍ରୀନ୍ ପ୍ୟାସେଜ୍' ଯୋଜନାରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ବୈଷୟିକ ଶିକ୍ଷା ଏପରିକି ମେଡିକାଲ ଓ ଇଞ୍ଜିନିୟରିଂ ପାଠପଢ଼ା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିଲେ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ସମସ୍ତ ଖର୍ଚ୍ଚ ଦିଆଯିବ। ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ ଏହି ସୂଚନା ଦେଇଛନ୍ତି।

ସୂଚନା ମୁତାବକ ବର୍ତ୍ତମାନ ଅନାଥ ଶିଶୁଙ୍କୁ ୨ ହଜାର ଟଙ୍କା ଭତ୍ତା ମିଳୁଛି। କୋଭିଡ୍‌ରେ ଅନାଥ ହୋଇଥିବା ଶିଶୁଙ୍କ ପାଇଁ ମଧ୍ୟ ଉକ୍ତ ଭତ୍ତା ବ୍ୟବସ୍ଥା କରାଯାଉଥିବା ଦେଓ କହିଛନ୍ତି। ସେ କହିଛନ୍ତି, କୋଭିଡ୍ ☞ପୃଷ୍ଠା-୪

## ଓଜେଇଇ ସ୍ଥଗିତ, ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୧୪।୬(ବ୍ୟୁରୋ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)କୁ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷା ଆସନ୍ତା ୧୭ ତାରିଖରେ ଆରମ୍ଭ ହୋଇ ୨୪ରେ ଶେଷ ହେବାର ଥିଲା। କିନ୍ତୁ ବର୍ତ୍ତମାନର କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ନେଇ ସୋମବାର ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଜୁଲାଇ ପ୍ରଥମ ସପ୍ତାହରେ କରୋନା ସ୍ଥିତିକୁ ଦେଖି ପରୀକ୍ଷା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଅନ୍ୟପଟେ ଓଜେଇଇ ପାଇଁ ଅନ୍‌ଲାଇନ୍ ଆବେଦନ ଅବଧିକୁ ପୁଣି ବଢ଼ାଇ ଦିଆଯାଇଛି। ଫଳରେ ଯେଉଁ ଛାତ୍ରୀଛାତ୍ରମାନେ ଏ ପର୍ଯ୍ୟନ୍ତ ଆବେଦନ କରିପାରି ନ ଥିଲେ, ସେମାନଙ୍କୁ ଆଉ ଏକ ସୁଯୋଗ ମିଳିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅସହାୟ ଜି ୭**

# ୧୬ରୁ ଖୋଲିବ ଐତିହ୍ୟସ୍ଥଳୀ

## କୋଭିଡ୍ ଗାଇଡ୍‌ଲାଇନ ମାନି ବୁଲିବେ ପର୍ଯ୍ୟଟକ

ଭୁବନେଶ୍ୱର,୧୪।୬(ବ୍ୟୁରୋ)

ଆସନ୍ତା ୧୬ ତାରିଖରୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ଐତିହ୍ୟସ୍ଥଳୀଗୁଡ଼ିକ ଖୋଲିବ। ସୋମବାର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

କୋଭିଡ୍-୧୯ ସଂକ୍ରମଣକୁ ଲକ୍ଷ୍ୟରେ ରଖି ଗତ ଏପ୍ରିଲ୍ ୧୫ରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପ୍ରମୁଖ ଐତିହ୍ୟସ୍ଥଳୀ ଓ ମ୍ୟୁଜିୟମ ବନ୍ଦ ରହିଛି। ଏବେ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବାରୁ ଆସନ୍ତା ବୁଧବାରଠାରୁ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ସାରା ଦେଶରେ ଥିବା ଐତିହ୍ୟସ୍ଥଳୀ ଓ ମ୍ୟୁଜିୟମଗୁଡ଼ିକ ଖୋଲିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ଏଏସ୍‌ଆଇ ଦ୍ୱାରା ସଂରକ୍ଷିତ ପ୍ରାୟ ୮୦ଟି ଐତିହ୍ୟସ୍ଥଳୀ ରହିଛି। ଏଗୁଡ଼ିକ ମଧ୍ୟରେ ପୁରୀ ଶ୍ରୀମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର ଓ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିର ରହିଛି। ଏହା ସହିତ ୩ଟି ମ୍ୟୁଜିୟମ ଲଳିତଗିରି, ରତ୍ନଗିରି ଓ କୋଣାର୍କଠାରେ ରହିଛି। ଏସବୁ ଐତିହ୍ୟସ୍ଥଳୀ ଓ ମ୍ୟୁଜିୟମ ଏଏସ୍‌ଆଇ ଭୁବନେଶ୍ୱର ସର୍କଲ ଅଧୀନରେ ଆସୁଛି। ଐତିହ୍ୟସ୍ଥଳ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ କେଉଁ ଐତିହ୍ୟସ୍ଥଳୀ ଖୋଲିବ ସେ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ବିଶେଷ କରି ରାଜ୍ୟରେ ଲକ୍‌ଡାଉନ ଉଠିବା ପରେ ଐତିହ୍ୟ ସ୍ଥଳୀଗୁଡ଼ିକୁ ପର୍ଯ୍ୟଟକଙ୍କୁ ବୁଲିବାକୁ ଅନୁମତି ମିଳିବ ବୋଲି କୁହାଯାଉଛି।



ଲକ୍‌ଡାଉନ କଟକଣା କୋହଳ ହେବା ପରେ ସୋମବାର ନୂଆଦିଲ୍ଲୀର ସଦର ବଜାର ମାର୍କେଟରେ କିଣାବିକା ଲାଗି ଲୋକଙ୍କ ଗହଳି।

# ବେଦାନ୍ତର ଅସୁରକ୍ଷିତ ଖଣି

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୪।୬

ବେଦାନ୍ତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯାଜପୁର ଜିଲା ସୁକିନ୍ଦା ବ୍ଲକର ଓସ୍ତପାଳ କ୍ରୋମାଇଟ ଖଣି ଅସୁରକ୍ଷିତ ହୋଇପଡ଼ିଛି। କାରଣ ଖଣି ଗର୍ତ୍ତଠାରୁ ମାତ୍ର ୨୦ ମିଟର ଦୂରରେ ଥିବା ୭୮ ମିଟର ଉଚ୍ଚତାର ଏକ ଡମ୍ପ ମୃତ୍ୟୁର ପାହାଡ଼ ଭଳି ଠିଆହୋଇଛି। ବର୍ଷାଦିନ ଆରମ୍ଭ ହୋଇଯାଇଥିବାରୁ ଯେକୌଣସି ସମୟରେ ଉକ୍ତ ଡମ୍ପରୁ ଅତଡ଼ା ଖସି ଶ୍ରମିକ ଓ କର୍ମଚାରୀଙ୍କ ଜୀବନ ବିପଦରେ ପଡ଼ିପାରେ। କିନ୍ତୁ ଏଥିପ୍ରତି ବେଦାନ୍ତର ଭ୍ରୂକ୍ଷେପ ନାହିଁ। ବରଂ ଦ୍ରୁତଗତିରେ କ୍ରୋମାଇଟ ଉତ୍ତୋଳନ କରି ବିନିଯୋଗ ଅର୍ଥ ଭରଣା କରିବାକୁ ନିଜର ସମସ୍ତ ବଳ ଲଗାଇ ଦେଇଛି। ଏହାପରେ ଲିଜ୍ ଦେଇ ବେଦାନ୍ତ ଖସିଯିବାକୁ ଯୋଜନା ରଖିଥିବା ଶ୍ରମିକ ଓ କର୍ମଚାରୀ ମହଲରେ ଚର୍ଚ୍ଚା ହେଉଛି।

ଅସୁରକ୍ଷିତ ଓସ୍ତପାଳ କ୍ରୋମାଇଟ୍ ମାଇନ୍ସ ବିରୋଧରେ ୧୬।୪।୨୦୨୧ରେ ଅଞ୍ଚଳବାସୀଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ୱେବ୍‌ପୋର୍ଟାଲ୍ 'ସେଣ୍ଟ୍ରାଲାଇଜଡ୍ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସ୍ ଆଣ୍ଡ ମନିଟରିଂ ସିଷ୍ଟମ୍' ମାଧ୍ୟମରେ ଅଭିଯୋଗ ହୋଇଥିଲା। ଏହି କ୍ରମରେ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି(ଡିଜିଏମ୍‌ଏସ୍) ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଭୁବନେଶ୍ୱର କ୍ଷେତ୍ର ଖଣି ସୁରକ୍ଷା ନିର୍ଦ୍ଦେଶକ(ଡିଏମ୍‌ଏସ୍)ଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ଭୁବନେଶ୍ୱର ଡିଏମ୍‌ଏସ୍ ୧୦।୬।୨୦୨୧ରେ ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ ଚାଲିଛି ବୋଲି ଧାନବାଦସ୍ଥିତ ଡିଏମ୍‌ଏସ୍ ମୁଖ୍ୟାଳୟକୁ ଚିଠି (ବିବିଆର୍/ପିଜି/୨୦୨୧/୩୧୪) ମାଧ୍ୟମରେ ସୂଚନା ଦେଇଛନ୍ତି। ଖଣି ଗର୍ତ୍ତ ଓ ଡମ୍ପ ମଧ୍ୟରେ ଅନ୍ୟୂନ ୧୦୦ ମିଟର ଦୂରତା ସହ ଡମ୍ପର ଉଚ୍ଚତା ଅତିବେଶିରେ ୬୦ ମିଟର ପର୍ଯ୍ୟନ୍ତ ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି ବୋଲି ଭୁବନେଶ୍ୱର ଡିଏମ୍‌ଏସ୍ ପକ୍ଷରୁ ଚିଠିରେ ଦର୍ଶାଯାଇଛି। ବେଦାନ୍ତ ରିସୋର୍ସ ଲିମିଟେଡ୍ ତେଲ, ଗ୍ୟାସ୍, ଜିଙ୍କ୍, ସିଲ୍‌ଭର, କପର, ଆଇରନଓର, ଷ୍ଟିଲ୍, ଆଲୁମିନିୟମ ଆଦି ଉତ୍ପାଦନରେ ଭାରତ ସମେତ ଦକ୍ଷିଣ ଆଫ୍ରିକା, ନାମ୍ବିଆ ଓ ଅଷ୍ଟ୍ରେଲିଆରେ ପ୍ରତିଷ୍ଠିତ ହୋଇପାରିଛି। ଲାଭ ବଢ଼ିଛି, କମ୍ପାନୀ ଧନୀ ହୋଇଛି। କିନ୍ତୁ ଯେଉଁ ମାଟିର ବକ୍ଷ ଚିରି କମ୍ପାନୀ ଏହି ଉପଲବ୍ଧି ପାଇପାରିଛି ସେହି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ପ୍ରତି ଏବେ ବିପଦର କାରଣ ସାଜିଛି।

କଟକସ୍ଥିତ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ଙ୍କ ୩୦।୧।୨୦୨୦ ନିର୍ଦ୍ଦେଶ ଅନୁଯାୟୀ ବେଦାନ୍ତ ଇତିମଧ୍ୟରେ ଫେରୋ ଆଲୋଏଜ୍ କର୍ପୋରେଶନ ଲିମିଟେଡ୍ (ଫାକର)କୁ ସମୁଦାୟ ୨୭୦ କୋଟି ଟଙ୍କାରେ ଅଧିଗ୍ରହଣ କରିଛି। ଫଳରେ ଫାକର ମାଲିକାନାରେ ଥିବା ଯାଜପୁର ଜିଲାର ଓସ୍ତପାଳ, କଳାରଙ୍ଗିଅଟା,



भारत सरकार/ Government of India
श्रम एवं रोजगार मंत्रालय / Ministry of Labour & Employment
खान सुरक्षा महानिदेशालय / Directorate General of Mines Safety
भुवनेश्वर क्षेत्र /(Bhubaneswar Region)

No. BBR/PG/2021/314 Bhubaneswar 10/06/2021

प्रेषक
खान सुरक्षा निदेशक,
भुवनेश्वर क्षेत्र ।

सेवा में,
खान सुरक्षा निदेशक (वि.का.),
मुख्यालय, धनबाद।

Subject: Public Grievance received from Centralized Public Grievance Redress and Monitoring System with registration no. (1) MOLBR/E/2021/17617 dated 27.05.2021.

Sir,
Please refer to your letter No.Admin-II/PG/4684dated01.06.2021 enclosing therewith, a public grievances lodged online on "Centralized Public Grievance Redress and Monitoring System"Portal by Sri Suresh Kumar vide registration No.MOLBR/E/2021/17617 dated 27.05.2021 against Ostapal Chromite Mine of M/s Ferro Alloys Corporation Limited (FACOR) regarding the points mentioned below.

| Sl. No. | Question | Answer |
| --- | --- | --- |
| 1. | Disaster in waiting. DGMS allowed most unsafe Ostapal Chromite Mine, VEDANTA to work without statutory person.DMS Bhubaneswar replied L No.223 23.4 that enquiry under progress. Outcome not informed Dump is at Pit edge. | Management of Ostapal Chromite Mine has been advised to (i) keep a distance of at least 100m between toe of any dump and mine workings and (ii) restrict height of dump maximum up to 60m. |

10/6/2021
खान सुरक्षा निदेशक,
भुवनेश्वर क्षेत्र

ଭୁବନେଶ୍ୱର ଡିଏମ୍‌ଏସ୍ ପକ୍ଷରୁ ଧାନ୍‌ବାଦ୍‌ସ୍ଥିତ ମୁଖ୍ୟାଳୟକୁ ଦିଆଯାଇଥିବା ପତ୍ରର ନକଲ

କାଠପାଳ କ୍ରୋମାଇଟ୍ ମାଇନ୍ସ ଏବଂ ଭଦ୍ରକ ଜିଲାରେ ଥିବା ଚାର୍ଜ କ୍ରୋମ୍ ପ୍ଲାଣ୍ଟ(ସିସିପି) ବେଦାନ୍ତ ପରିଚାଳନା ଅଧୀନକୁ ଆସିଛି। ହେଲେ ବେଦାନ୍ତ ପ୍ରଥମେ ଓସ୍ତପାଳ କ୍ରୋମାଇଟ୍ ଖଣି ମଧ୍ୟରେ ଥିବା ୧୫ ଲକ୍ଷ ☞ପୃଷ୍ଠା-୪

# କାଲିମେଳାରେ ଡିଜେଲ ୧୦୦ ଟଙ୍କା ଟପିଲା

## ପେଟ୍ରୋଲ ୨୯, ଡିଜେଲ ୩୨ ପଇସା ବଢ଼ିଲା

ନୂଆଦିଲ୍ଲୀ/ଭୁବନେଶ୍ୱର,୧୪।୬

**୨ ମାସରେ ବଢ଼ିଲାଣି ପେଟ୍ରୋଲ ୬, ଡିଜେଲ ୭ ଟଙ୍କା**

ଦିନକର ବିରତି ପରେ ପୁଣି ଥରେ ତୈଳ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୨୯ ପଇସା ବଢ଼ିଥିବା ବେଳେ ଡିଜେଲ ୩୨ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୭.୧୬ ଟଙ୍କା ଏବଂ ଡିଜେଲ ୯୫.୧୧ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୯୭.୪୯ ଟଙ୍କା ଏବଂ ଡିଜେଲ ୯୫.୪୨ ଟଙ୍କାରେ ଖାଉଟି କ୍ରୟ କରୁଥିବା ଜଣାପଡିଛି।

ଅନ୍ୟପକ୍ଷରେ ଓଡ଼ିଶାର ନବରଙ୍ଗପୁର, ମାଲକାନଗିରି, ସମ୍ବଲପୁର ଓ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ



ଥିବାବେଳେ ଡିଜେଲ ଦର ମଧ୍ୟ ୧୦୦ଟଙ୍କା ନିକଟବର୍ତ୍ତିରେ ବିକ୍ରି କରାଯାଉଛି। ହେଲେ ମାଲକାନଗିରି ଜିଲ୍ଲାର କାଲିମେଳାରେ ପ୍ରଥମ ଥର ପାଇଁ ଡିଜେଲ ଲିଟର ପିଛା ୧୦୦.୯୧ ଟଙ୍କା ଟପି ଯାଇଥିବା ସ୍ଥାନୀୟ ପେଟ୍ରୋଲିୟମ ଡିଲର ☞ପୃଷ୍ଠା-୪

**ପାକ୍‌ରେ ହିନ୍ଦୁ ଧର୍ମଶାଳା ଉଚ୍ଛେଦ ଉପରେ ରୋକ**

କରାଚିରେ ଥିବା ଏକ ହିନ୍ଦୁ ଧର୍ମଶାଳା ଉଚ୍ଛେଦ ଉପରେ ପାକିସ୍ତାନ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ସଦାର ସହରର ମଧ ଭାଗରେ ୭୧୬ ବର୍ଗ ୟାର୍ଡ ସ୍ଥାନରେ ବହୁ ପୁରୁଣା ଧର୍ମଶାଳା ରହିଥିଲା। ଇଭାକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ (ଇଟିପିବି) ଜଣେ ବ୍ୟକ୍ତିଙ୍କୁ ଉକ୍ତ ଜାଗା ଲିଜ୍‌ରେ ଦେଇ ସେଠାରୁ ଧର୍ମଶାଳା ଉଚ୍ଛେଦ କରିବା ଏବଂ ଏକ କମର୍ସିଆଲ ପ୍ଲାଜା ନିର୍ମାଣ ପାଇଁ ଅନୁମତି ଦେଇଥିଲା। ଧର୍ମଶାଳାର ଦସ୍ତାବିଜ୍ ଦେଖିବା ପରେ ପାକ୍ ସୁପ୍ରିମକୋର୍ଟ ଏହାର ଉଚ୍ଛେଦ ଉପରେ ରୋକ ଲଗାଇଛନ୍ତି।

# ବଢ଼ିଛି ଦ୍ୱନ୍ଦ୍ୱ ମନୋବୃତ୍ତି

## ଗଲୱାନ୍ ସଂଘର୍ଷକୁ ବର୍ଷେ

**ପୂର୍ବ ଲଦାଖ ସ୍ଥିତ ଗଲୱାନ ଘାଟିରେ ଭାରତ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷକୁ ବର୍ଷେ ପୂରିଛି। ଏବେ ବି ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍‌ଏସି) ନିକଟରୁ ହଟିନି ବେଜିଂ। ୧୧ ପର୍ଯ୍ୟାୟ ଧରି ଡିଜିଏମ୍‌ଓ ସ୍ତରୀୟ ଆଲୋଚନା ପରେ ସମୀକରଣ ତ ବଦଳିଛି, ତଥାପି ବିବାଦ ସମାଧାନ ପରିବର୍ତ୍ତେ ଦୁଇ ଦେଶ ମଧ୍ୟରେ ପ୍ରତିଯୋଗିତା ଏବଂ ଦ୍ୱନ୍ଦ୍ୱ ବୃଦ୍ଧି ପାଇଛି। ଚାଇନା ସହ ସବୁ ସ୍ଥିତିରେ ମୁକାବିଲା ପାଇଁ ଭାରତୀୟ ଯବାନ ଆହୁରି ଦୃଢ଼ ହୋଇଛନ୍ତି। ଅଧିକ ସମୟ ଧରି ସେଠାରେ ସେନା ନିୟୋଜିତ କରି ରଖିବାକୁ ଭାରତ ଏହାର ଭିତ୍ତିଭୂମିକୁ ଅଧିକ ମଜଭୁତ କରିଛି।**



ନୂଆଦିଲ୍ଲୀ, ୧୪।୬

ବିସ୍ତାରବାଦୀ ଚିନ୍ତାଧାରା ରଖିଥିବା ପଡ଼ୋଶୀ ଚାଇନାର ସେନା ସହ ସବୁ ସ୍ଥିତିରେ ମୁକାବିଲା ପାଇଁ ପ୍ରସ୍ତୁତ ରହିଛନ୍ତି ଭାରତୀୟ ଯବାନ। ଗଲୱାନ ଘାଟି ସଂଘର୍ଷ ପରେ ଲଦାଖର ବିୟୁକ୍ତ ୪୦ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ସେନାକୁ ଅଧିକ ସମୟ ଧରି ମୁତୟନ କରି ରଖିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତରେ ଲାଗି ପଡ଼ିଛି ଭାରତ। ବର୍ଷେ ଭିତରେ ଭାରତ ଲଦାଖ ନିକଟରେ ପ୍ରାୟ ୬୦ ହଜାର ସେନା ମୁତୟନ କରିବା ସହ ସୁବିଧାଜନକ ସ୍ଥିତି ପାଇଁ ସଡ଼କ ସମେତ ଉତ୍ତମ ଯୋଗାଯୋଗର ବିଭିନ୍ନ ମାଧ୍ୟମକୁ ଉନ୍ନତ କରିଛି। ଚାଇନିଜ୍ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ସମସ୍ତ ଯବାନଙ୍କୁ ସମ୍ପୂର୍ଣ୍ଣ ଜାଗତିଆରରେ ରଖାଯାଇଥିବା ଭାରତୀୟ ସେନା ମୁଖ୍ୟ ଜେନେରାଲ ଏମ୍. ଏମ୍. ନରୱାଣେ ଗତ ମାସରେ ସୂଚନା ଦେଇଥିଲେ। ସେହିପରି ପ୍ରତିକୂଳ ପରିବେଶରେ ସେନା ତିଷ୍ଠିବା କଷ୍ଟକର ହୋଇଥିବାରୁ ଚାଇନା ଏହାର ୬୦ ପ୍ରତିଶତ ସୈନିକଙ୍କୁ ଅଦଳବଦଳ କରିସାରିଲାଣି। ଏହା ବାଦ ଭୀଷଣ ଥଣ୍ଡାରେ ଜଗି ରହିବାକୁ ଚାଇନା ନିଜ ସେନାକୁ ସ୍ୱତନ୍ତ୍ର ଟ୍ରେନିଂ ମଧ୍ୟ ଦେବାରେ ଲାଗିଛି।

- ଦୀର୍ଘ ସମୟ ସେନା ମୁତୟନ ପ୍ରସ୍ତୁତି
- ଏଲ୍‌ଏସି ଜଗିଛନ୍ତି ୬୦ ହଜାର ଯବାନ
- ସେନା ଭିତ୍ତିଭୂମି ମଜଭୁତ କରୁଛି ଭାରତ
- ଚାଇନା ସହ ପ୍ରତିଦ୍ୱନ୍ଦ୍ୱିତା ବଢ଼ୁଛି

ସଂଘର୍ଷ ପରେ ପାଟ୍ରୋଲ ପଏଣ୍ଟ ୧୪କୁ 'ନୋ ପାଟ୍ରୋଲ ଜୋନ୍' କରାଯାଇଥିଲା। ଉଭୟ ଦେଶ ସେଠାରୁ ଦେଢ଼ କି.ମି. ଦୂରକୁ ନିଜ ସେନା ଅପସାରଣ କରି ନେଇଥିଲେ ଏବଂ ସେହି ଅଞ୍ଚଳ ବଫର ଜୋନ୍‌ରେ ପରିଣତ ହୋଇଥିଲା। ବର୍ତ୍ତମାନ ପାଟ୍ରୋଲ ପଏଣ୍ଟ ପର୍ଯ୍ୟନ୍ତ ପାଟ୍ରୋଲିଂ ବନ୍ଦ ରହିଛି। ଚାଇନା କିନ୍ତୁ ଏହାର ସର୍ଭେଲାନ୍ସ କ୍ଷମତା ବଢ଼ାଇବାରେ ଲାଗିଛି। ଏଥିପାଇଁ ବେଜିଂ ପ୍ଲାଟ୍ୟୁ ଅପରେଶନ କ୍ଷମତା ଥିବା ଏକ ମାନବରହିତ ଏରିଆଲ ଯାନ(ୟୁଏଭି) ବିକଶିତ କରିଛି। ଏହାକୁ କୈଳାସ ପର୍ବତ ରେଞ୍ଜରେ ଏଲ୍‌ଏସି ନିକଟରେ ନିୟୋଜିତ କରିବାକୁ ଯୋଜନା କରିଥିବା ଜଣାପଡ଼ିଛି। ଏଥିସହିତ ଏଲଏସିର ୩ଟି ସେକ୍ଟର ପଶ୍ଚିମ (ଲଦାଖ), ମଧ୍ୟ (ଉତ୍ତରାଖଣ୍ଡ, ହିମାଚଳ) ଏବଂ ପୂର୍ବ (ସିକିମ, ଅରୁଣାଚଳ ପ୍ରଦେଶ)ରେ ମଧ୍ୟ ସଶସ୍ତ୍ର ସେନା ମୁତୟନ କରିଛି।

ଏଲ୍‌ଏସି ନିକଟରେ ସେନା ଗତିବିଧି ଜାରି ରହିଥିବାରୁ ଉଭୟ ଦେଶର ରାଜନୈତିକ ନିଷ୍ପତ୍ତି ଉପରେ କାହାର ଭରଷା ପାଉ ନାହିଁ। ଯାହାର ପ୍ରଭାବ ଭବିଷ୍ୟତରେ ଦେଖିବାକୁ ମିଳିବ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। ଚାଇନା ପ୍ରତି ଭାରତୀୟଙ୍କ ମନୋଭାବ ଅଧିକ ବିଗିଡ଼ିଛି। ଏକ ସର୍ଭେ ଅନୁସାରେ ଗତ ୧୨ ମାସରେ ୪୩ ପ୍ରତିଶତ ଭାରତୀୟ ଚାଇନା ସାମଗ୍ରୀ କିଣିବାଠାରୁ ଦୂରେଇ ରହିଛନ୍ତି। ୬୦ ପ୍ରତିଶତରୁ କମ୍ ଲୋକେ ଅତିବେଶୀରେ ୨ଟି ଚାଇନା ସାମଗ୍ରୀ କିଣିଥିବା କମ୍ୟୁନିଟି ସୋସିଆଲ ମିଡିଆ ପ୍ଲାଟଫର୍ମ ଲୋକାଲ ସର୍କଲ୍ସ ପକ୍ଷରୁ ହୋଇଥିବା ଏହି ସର୍ଭେରୁ ଜଣାପଡ଼ିଛି। ଏଥିସହ ବର୍ଷେ ମଧ୍ୟରେ ଭାରତ ସରକାର ଟିକ୍‌ଟକ୍, ଅଲି ଏକ୍ସପ୍ରେସ ଭଳି ଶତାଧିକ ଚାଇନିଜ୍ ଆପ୍‌କୁ ଦେଶରେ ନିଷିଦ୍ଧ କରିଛନ୍ତି।

### ଜୁନ୍ ୧୫ରେ କ'ଣ ହୋଇଥିଲା

ଏଲ୍‌ଏସି ଅତିକ୍ରମ କରି ଚାଇନା ଭାରତ ପଟକୁ ମାଡି ଆସିବାରୁ ଗତବର୍ଷ ଜୁନ୍ ୧୫ରେ ପୂର୍ବ ଲଦାଖର ଗଲୱାନ ଘାଟିରେ ହାତାହାତି ହୋଇଥିଲେ ଭାରତୀୟ ଯବାନ ଓ ଚାଇନା ସେନା। ବିଗତ ୪୫ ବର୍ଷ ମଧ୍ୟରେ ଏହା ସୀମାରେ ପ୍ରଥମ ରକ୍ତାକ୍ତ ସଂଘର୍ଷ ଥିଲା। ଏଥିରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିବାବେଳେ ଚାଇନା ନିଜର ୫ ସୈନ୍ୟଙ୍କୁ ହରାଇଥିବା ମାନିଥିଲା। ହେଲେ ଏଥିରେ ୪୦ରୁ ଊର୍ଦ୍ଧ୍ୱ ଚାଇନା ସୈନ୍ୟଙ୍କ ଜୀବନ ଯାଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ପରେ ସୀମା ନିକଟରେ ଉଭୟ ଦେଶ ବ୍ୟାପକ ସେନା ମୁତୟନ କରିଥିଲେ। ଦୁଇ ଦେଶ ମଧ୍ୟରେ ୧୧ ରାଉଣ୍ଡ ସାମରିକ ଆଲୋଚନା ପରେ ସମାଧାନର ସୂତ୍ର ବାହାରିଥିଲା। ଏଥିରେ ଉଭୟ ପକ୍ଷ ସୀମାଠାରୁ ଦୂରକୁ ନିଜ ସେନାକୁ ହଟାଇବାକୁ ରାଜି ହୋଇଥିଲେ। ଏହା ପରେ ବି ସୀମାଠାରୁ ବେଶୀ ଦୂରକୁ ହଟିନାହାନ୍ତି ଚାଇନା ସୈନ୍ୟ।

## ଖବରଦାତାଙ୍କୁ ଟାର୍ଗେଟ କରାଯାଉଛି

### ଏଡିଟର୍ସ ଗିଲ୍ଡର ଅଭିଯୋଗ

ନୂଆଦିଲ୍ଲୀ, ୧୪।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ଫୋରମ୍‌ରେ ବାକ୍ ସ୍ୱାଧୀନତା ଓ ମୁକ୍ତ ଅଭିବ୍ୟକ୍ତି ନେଇ ଭାଷଣ ଦେଉଥିବାବେଳେ ଭାରତରେ ଖବରଦାତା ଏବଂ ବ୍ୟଙ୍ଗ ଚିତ୍ରକରମାନଙ୍କୁ ଟାର୍ଗେଟ କରାଯାଉଛି। ପ୍ରଧାନମନ୍ତ୍ରୀ ଶନିବାର ଜି ୭ ସମ୍ମିଳନୀକୁ ଭର୍ଚୁଆଲି ସମ୍ବୋଧିତ କରିବା ଅବସରରେ ସାଇବରସ୍ପେସ୍‌ରେ ମୁକ୍ତ ଅଭିବ୍ୟକ୍ତି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାସ୍ତବରେ ଦେଶରେ ତା'ର ଓଲଟା ଦେଖିବାକୁ ମିଳୁଥିବା ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ କହିଛି। ଗଣମାଧ୍ୟମ ପେସାଦାରଙ୍କ ମତାମତ ସରକାରଙ୍କ ବିରୋଧରେ ଗଲେ ସେମାନଙ୍କ ଉପରେ ଚାପ ପକାଯାଉଛି। ସେମାନଙ୍କୁ ସୋସିଆଲ ମିଡିଆରେ ଟାର୍ଗେଟ କରାଯାଉଛି। ଦେଶର ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ଉକ୍ତ ଖବରଦାତାଙ୍କୁ ବହିଷ୍କାର କରିବା ଲାଗି ସମ୍ପୃକ୍ତ ସଂସ୍ଥା ଉପରେ ଚାପ ପ୍ରୟୋଗ କରାଯାଉଥିବା ଏଡିଟର୍ସ ଗିଲ୍ଡ କହିଛି। ଉତ୍ତରପ୍ରଦେଶରେ ଖବରଦାତା ସୁଲଭ ଶ୍ରୀବାସ୍ତବଙ୍କ ରହସ୍ୟମୟ ମୃତ୍ୟୁ ଘଟଣାରେ ପୋଲିସର ଖାମଖିଆଲି ମନୋଭାବକୁ ନିନ୍ଦା କରାଯାଇଛି। ପ୍ରତାପଗଡ଼ର ଟେଲିଭିଜନ ରିପୋର୍ଟର ସୁଲଭଙ୍କର ରବିବାର ରାତିରେ ମୃତ୍ୟୁ ଘଟିଥିଲା। ମଦ ମାଫିଆଙ୍କ ବିରୋଧରେ ରିପୋର୍ଟକୁ ନେଇ ତାଙ୍କ ପ୍ରତି ବିପଦ ଥିବା ସେ ଦିନକ ପୂର୍ବରୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ତାଙ୍କର ମୋଟରସାଇକେଲ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ପୋଲିସ କହିଥିଲା।

## ସଂକ୍ଷେପରେ

### ନୋଭାଭାକ୍ସ ଟିକା ୯୦% ଫଳପ୍ରଦ

**ୱାଶିଂଟନ, ୧୪।୬:** କରୋନା ଭୂତାଣୁର ବିଭିନ୍ନ ଭାରିଆଣ୍ଟ ବିରୋଧରେ ନୋଭାଭାକ୍ସ କୋଭିଡ୍ ଟିକା ୯୦.୪ ପ୍ରତିଶତ ଫଳପ୍ରଦ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ଭାରତରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଉତ୍ପାଦନ କରିବାକୁ ଥିବା ଏହି ଟିକା ମଧ୍ୟମ ଓ ଗୁରୁତର ସଂକ୍ରମଣ ମାମଲାରେ ୧୦୦ ପ୍ରତିଶତ ସୁରକ୍ଷା ଦେଉଥିବାବେଳେ ମୋଟାମୋଟି ଭାବେ ୯୦.୪% ଫଳପ୍ରଦ ବୋଲି ଆମେରିକାରେ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି। ଟିକାର ଫଳପ୍ରଦତା, ନିରାପତ୍ତା ଏବଂ ରୋଗ ପ୍ରତିରୋଧ ଶକ୍ତିର ମୂଲ୍ୟାୟନ ପାଇଁ ଆମେରିକା ଏବଂ ମେକ୍ସିକୋର ୧୧୯ଟି ସ୍ଥାନରେ ମୋଟ ୨୯,୯୬୦ ଜଣଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଚଳିତ ବର୍ଷ ତୃତୀୟ ତ୍ରୈମାସିକ ସୁଦ୍ଧା ନୋଭାଭାକ୍ସ କମ୍ପାନୀ ଉକ୍ତ ଟିକାର ଜରୁରୀ ବ୍ୟବହାର ଅନୁମତି ପାଇଁ ଆବେଦନ କରିବ ବୋଲି କହିଛି। ଅନୁମତି ମିଳିବା ପରେ କମ୍ପାନୀ ତୃତୀୟ ତ୍ରୈମାସିକ ଶେଷ ସୁଦ୍ଧା ମାସକୁ ୧୦ କୋଟି ଏବଂ ବର୍ଷ ଶେଷ ସୁଦ୍ଧା ମାସିକ ୧୫ କୋଟି ଡୋଜ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏହି ଟିକାକୁ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ସଂରକ୍ଷିତ କରି ରଖାଯାଇପାରିବ।

### ରାଜସ୍ଥାନରେ ଭିଡ଼ହିଂସା: ଜଣେ ମୃତ

**ଜୟପୁର, ୧୪।୬(ପି.ଟି.):** ଗୋରୁ ଚୋରି ସନ୍ଦେହରେ ରବିବାର ଆସାମରେ ଜଣେ ଲୋକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଥିବାବେଳେ ସୋମବାର ରାଜସ୍ଥାନରେ ଅନୁରୂପ ଘଟଣା ଘଟିଛି। ଚିତ୍ତୋରଗଡ଼ ଜିଲାରେ ଗୋରୁ ଚୋରି ସନ୍ଦେହରେ ସ୍ଥାନୀୟ ଲୋକେ ଜଣକୁ ପିଟି ମାରିଦେଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପୋଲିସ କହିବା ଅନୁଯାୟୀ ମଧ୍ୟପ୍ରଦେଶ ଝାବୁଆ ଜିଲାର ବାବୁ ଭିଲ୍ ଓ ପିଣ୍ଟୁ ଭିଲ୍ ଚାଷ କାମ ପାଇଁ ଚିତ୍ତୋରଗଡ଼ର ବେଗୁନ ସହରରୁ ୩ଟି ବଳଦ କିଣି ନେଉଥିଲେ। ରବିବାର ରାତିରେ ଭିଲଖଣ୍ଡାଠାରେ କିଛି ଲୋକ ସେମାନଙ୍କୁ ଗୋରୁ ଚୋର ସନ୍ଦେହରେ ଅଟକାଇବା ସହ ମାଡ଼ ମାରିଥିଲେ। ଗୁରୁତର ଆହତ ବାବୁ ଭିଲ୍‌ଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିଲା।

### ଗୁଜରାଟ ନିର୍ବାଚନ: ସବୁ ଆସନରେ ଲଢ଼ିବ ଏଏପି

**ନୂଆଦିଲ୍ଲୀ, ୧୪।୬:** ଆସନ୍ତାବର୍ଷ ହେବାକୁ ଥିବା ଗୁଜରାଟ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସବୁ ଆସନରେ ପ୍ରାର୍ଥୀ ଦେବ ବୋଲି ସୋମବାର ଦଳର ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରିଛନ୍ତି। କେଜ୍‌ରିୱାଲଙ୍କ ଉପସ୍ଥିତିରେ ଲୋକପ୍ରିୟ ଗୁଜରାଟୀ ଖବରଦାତା ଇସୁଦାନ ଗଢ଼ବି ଏଏପିରେ ସାମିଲ ହୋଇଛନ୍ତି। ସମାଜ ସେବା କରିବା ତାଙ୍କର ଲକ୍ଷ୍ୟ ବୋଲି ଗଢ଼ବି କହିଥିବା ଗୁଜରାଟ ଏଏପି ପକ୍ଷରୁ କୁହାଯାଇଛି। ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ଲାଗି ଗୁଜରାଟ ଆସିଥିବା କେଜ୍‌ରିୱାଲ କହିଛନ୍ତି, ରାଜ୍ୟରେ ଏଏପି ଶାସକ ଭାଜପା ଏବଂ ବିରୋଧୀ ଦଳ କଂଗ୍ରେସର ବିଶ୍ୱସନୀୟ ବିକଳ୍ପ ହୋଇପାରିବ।

### ଅଭିନେତା ସଞ୍ଚାରି ବିଜୟଙ୍କ ପରଲୋକ



**ବେଙ୍ଗାଲୁରୁ, ୧୪।୬:** ଜାତୀୟ ପୁରସ୍କାର ପ୍ରାପ୍ତ କନ୍ନଡ ଅଭିନେତା ସଞ୍ଚାରି ବିଜୟ(୩୮)ଙ୍କ ସୋମବାର ପରଲୋକ ଘଟିଛି। ଗତ ୧୨ ତାରିଖରେ ସେ ଏକ ଦୁର୍ଘଟଣାରେ ଗୁରୁତର ହୋଇ ବେଙ୍ଗାଲୁରୁର ଆପୋଲ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ବିଜୟଙ୍କ ବ୍ରେନ୍‌ରେ ଆଘାତ ଲାଗିଥିବାରୁ ତାଙ୍କୁ ନ୍ୟୁରୋ ଆଇସିୟୁରେ ଲାଇଫ୍ ସପୋର୍ଟରେ ରଖାଯାଇଥିଲା। ମୃତ୍ୟୁ ପରେ ସଞ୍ଚାରିଙ୍କ ପରିବାର ଲୋକେ ତାଙ୍କ ଅଙ୍ଗଦାନ କରିବାକୁ ସ୍ଥିର କରିଛନ୍ତି। ତାଙ୍କ ପରଲୋକରେ ବହୁ କଳାକାର ଶୋକ ବ୍ୟକ୍ତ କରିଛନ୍ତି। ବିଜୟଙ୍କ ଚିକିତ୍ସାରେ ଖର୍ଚ୍ଚ ହୋଇଥିବା ଟଙ୍କା କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡ. ଅଶ୍ୱଥ୍ ନାରାୟଣଙ୍କ ପରିଚାଳିତ ଏକ ଫାଉଣ୍ଡେଶନ ବହନ କରିବ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ୨୦୧୧ରେ ବିଜୟ ଫିଲ୍ମ ଜଗତରେ ପାଦ ଥାପିଥିଲେ। ଚଳଚ୍ଚିତ୍ର 'ନାନୁ ଆଭାନଲ୍ଲା ଆଭାଲୁ' ପାଇଁ ତାଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା।



ପଶ୍ଚିମବଙ୍ଗର ବୀରଭୂମ ଜିଲାରେ ପ୍ରବଳ ବର୍ଷାଯୋଗୁ ରାସ୍ତା ଉପରେ ବନ୍ୟାପାଣି ଚାଲିଥିବାବେଳେ ପିଲାମାନେ ଖେଳୁଛନ୍ତି।

## ହାଇକୋର୍ଟ ଗଲେ ଆୟେଶା

**କୋଚି, ୧୪।୬(ପି.ଟି.):** ଦେଶଦ୍ରୋହ ମାମଲାର ସମ୍ମୁଖୀନ ହୋଇଥିବା ଲାକ୍ଷାଦ୍ୱୀପ ଅଭିନେତ୍ରୀ ଆୟେଶା ସୁଲତାନା ଜାମିନ ପାଇଁ ସୋମବାର କେରଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜୁନ୍ ୨୦ରେ ତାଙ୍କୁ କାଭାରାଟ୍ଟି ଥାନାରେ ହାଜର ହେବା ଲାଗି ପୋଲିସ ନିର୍ଦ୍ଦେଶ ଦେଇଥିବାରୁ ଗିରଫ ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ଏକ ଟିଭି ବିତର୍କରେ ଭାଗନେଇ ଆୟେଶା କହିଥିଲେ, କୋଭିଡ୍-୧୯କୁ ସରକାର ଲାକ୍ଷାଦ୍ୱୀପରେ ଜୈବଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ମିଛ ଖବର ପ୍ରସାର କରୁଥିବା ନେଇ ଲାକ୍ଷାଦ୍ୱୀପ ଭାଜପା ସଭାପତି ଅବଦୁଲ ଖାଦେରଙ୍କ ଅଭିଯୋଗକ୍ରମେ ପୋଲିସ ଗତ ୧୦ ତାରିଖରେ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିଥିଲା।

## ଦିନକରେ ୩,୯୨୧ ମୃତ

ନୂଆଦିଲ୍ଲୀ, ୧୪।୬

ଦେଶରେ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ଗତ ୭୪ ଦିନରେ ସର୍ବନିମ୍ନ ରହିଛି। ୨୪ ଘଣ୍ଟାରେ ୭୦,୪୨୧ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହ୍ରାସ ଘଟୁଥିଲେ ହେଁ ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ ରହିଛି। ଦିନକରେ ୩,୯୨୧ ଜଣଙ୍କ ଜୀବନ ଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏହାକୁ ମିଶାଇ ଦେଶରେ ମୋଟ କରୋନା ମୃତ୍ୟୁ ୩,୭୪,୩୦୫ରେ ପହଞ୍ଚିଛି। ତେବେ ସକ୍ରିୟ ମାମଲା ୯,୭୩,୧୫୮କୁ ହ୍ରାସ ପାଇଛି, ଯାହା କି ମୋଟ ସଂକ୍ରମିତଙ୍କ ୩.୩୦ ପ୍ରତିଶତ। ସେହିପରି ଆରୋଗ୍ୟ ହାର ୯୫.୪୩%କୁ ବୃଦ୍ଧି ପାଇଛି। ରବିବାର ୧୪,୯୨,୧୫୨ ନମୁନା ପରୀକ୍ଷା କରାଯାଇଥିଲା। ଏବେ ସୁଦ୍ଧା ମୋଟ ୩୭,୯୬,୨୪,୬୨୬ ଟେଷ୍ଟିଂ ହୋଇଥିବାବେଳେ ଦୈନିକ ପଜିଟିଭ୍ ହାର ୪.୭୨ ପ୍ରତିଶତ ରହିଛି। ଗତ ୨୧ ଦିନ ହେଲା ପଜିଟିଭ୍ ହାର ୧୦ % ତଳେ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଆଜିଠୁ ଦିଲ୍ଲୀ ଏମ୍ସରେ ପିଲାଙ୍କ ଉପରେ କୋଭାକ୍ସିନ ପରୀକ୍ଷା

ନୂଆଦିଲ୍ଲୀ, ୧୪।୬(ଆଇଏଏନ୍‌ଏସ୍)

ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ତଥା ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ ଟିକାର କ୍ଲିନିକାଲ ପରୀକ୍ଷା ଦିଲ୍ଲୀ ଏମ୍ସରେ ମଙ୍ଗଳବାରଠାରୁ ୬ରୁ ୧୨ ବର୍ଷ ବୟସର ପିଲାମାନଙ୍କଠାରେ କରାଯିବ। ପୂର୍ବରୁ ପାଟନାସ୍ଥିତ ଏମ୍ସରେ ପିଲାମାନଙ୍କ ଠାରେ ଏହି ଟିକାର ପରୀକ୍ଷା ଆରମ୍ଭ ହୋଇଥିଲା। ଯାଞ୍ଚ ରିପୋର୍ଟ ଆସିବା ପରେ ଅଂଶଗ୍ରହଣକାରୀ ପିଲାମାନଙ୍କୁ କୋଭାକ୍ସିନ ଟିକା ଦିଆଯିବ। ୧୨ରୁ ୧୮ ବର୍ଷ ବୟସ ବର୍ଗର ପିଲାମାନଙ୍କଠାରେ ସିଙ୍ଗଲ୍ ଡୋଜ୍ କୋଭାକ୍ସିନର ପରୀକ୍ଷା ଶେଷ ହେବା ପରେ ଏବେ ୬ରୁ ୧୨ ବର୍ଷର ପିଲାଙ୍କଠାରେ ଏହି ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହା ପରେ ୨ରୁ ୬ ବର୍ଷର ପିଲାଙ୍କୁ ପରୀକ୍ଷାରେ ସାମିଲ କରାଯିବ। ମୋଟ ୫୨୫ଟି କେନ୍ଦ୍ରରେ ଏହି ପରୀକ୍ଷା ହେବ ବୋଲି ଜଣାପଡ଼ିଛି। ୨ରୁ ୧୮ ବର୍ଷ ବୟସ ବର୍ଗର ପିଲାମାନଙ୍କଠାରେ କୋଭାକ୍ସିନର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା କରାଇବା ପାଇଁ ଭାରତର ଔଷଧ ନିୟନ୍ତ୍ରକ ଅନୁମତି ଦେବା ପରେ ଦିଲ୍ଲୀ ଏମ୍ସ ଜୁନ୍ ୭ରୁ ପିଲାମାନଙ୍କ ସ୍କ୍ରିନିଂ ଆରମ୍ଭ କରିଥିଲା। ଏହା ବ୍ୟତୀତ ଏମ୍ସ ପାଟନା, ମହୀଶୂର ମେଡିକାଲ କଲେଜ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌କୁ ମଧ୍ୟ ପିଲାଙ୍କ ଉପରେ ଉକ୍ତ ଟିକାର ପରୀକ୍ଷା ଲାଗି ଚୟନ କରାଯାଇଥିଲା।

ଜାନୁୟାରୀ ୧୬ରୁ ଦେଶରେ ବୟସ୍କ ଲୋକମାନଙ୍କ ପାଇଁ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ କୋଭାକ୍ସିନ ଏବଂ କୋଭିଶିଲ୍ଡ ଟିକାକୁ ସାମିଲ କରାଯାଇଛି। ତେବେ ପିଲାମାନେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହେଉଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ଟିକାକରଣ ଜରୁରୀ ହୋଇପଡ଼ିଛି।

## ଏଆଇଏଡିଏମ୍‌କେରୁ ୧୭ ନେତା ବହିଷ୍କୃତ

ଚେନ୍ନାଇ, ୧୪।୬(ଆଇଏଏନ୍‌ଏସ୍)

### ଶଶିକଳାଙ୍କ ସହ ସମ୍ପର୍କ ରଖିବା ମହଙ୍ଗା ପଡ଼ିଲା

ପୂର୍ବତନ ସାଧାରଣ ସମ୍ପାଦକ ଭି.କେ. ଶଶିକଳାଙ୍କ ସହ ସମ୍ପର୍କ ରଖିଥିବା ଏଆଇଏଡିଏମ୍‌କେର ମୁଖପାତ୍ର ଭି. ପୁଗାଝେନ୍ଦିଙ୍କ ସମେତ ୧୭ ଜଣ ନେତାଙ୍କୁ ସୋମବାର ଦଳରୁ ବହିଷ୍କାର କରାଯାଇଛି। ଦଳ ମୁଖ୍ୟାଳୟରେ ଏଆଇଏଡିଏମ୍‌କେର ବୈଠକ ବସି ଏଭଳି ନିଷ୍ପତ୍ତି ନିଆଯାଇଛି। ବହିଷ୍କୃତ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଏମ୍. ଆନନ୍ଦନ ଏବଂ ପୂର୍ବତନ ଏମ୍‌ପି ଚିନ୍ନାସ୍ୱାମୀ ଅଛନ୍ତି। ବୈଠକରେ ଶଶିକଳାଙ୍କ ବିରୋଧରେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ଦଳୀୟ ନେତାମାନଙ୍କ ସହ ସମ୍ପର୍କ ରଖୁଥିବାରୁ ତାଙ୍କୁ ନିନ୍ଦା କରାଯାଇଛି। ସେ ଦଳକୁ କବ୍‌ଜା କରିବା ପାଇଁ ଉଦ୍ୟମ କରୁଥିବା ଏବଂ କେତେଜଣ ନେତାଙ୍କ ସହ କଥା ହୋଇ ପରେ କଥାବାର୍ତ୍ତାର କିଛି ଅଂଶକୁ ପ୍ରଘଟ କରାଇବାର ଡ୍ରାମା କରୁଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବାଙ୍ଗାଲୋର ସେଣ୍ଟ୍ରାଲ ଜେଲ୍‌ରେ ୪ ବର୍ଷ ରହି ଫେରିବା ପରେ ଶଶିକଳା ତାମିଲନାଡୁ ରାଜନୀତିରେ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। ଏହାର କିଛି ଦିନ ପରେ ସେ ସକ୍ରିୟ ରାଜନୀତିରୁ ଓହରିଯିବା ନେଇ ଘୋଷଣା କରି ରାଜନୈତିକ ସମୀକ୍ଷକ ଏବଂ ଦଳପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଗତ ନିର୍ବାଚନରେ ଏଆଇଏଡିଏମ୍‌କେ ପରାଜିତ ହେବା ପରେ ଶଶିକଳା ପୁଣିଥରେ ରାଜନୀତିରେ ପ୍ରବେଶ ଲାଗି ଉଦ୍ୟମ ଚଳାଇଥିବା କୁହାଯାଉଛି।



ଭି.କେ. ଶଶିକଳା

## ଏଲ୍‌ଜେପିରେ ବିଦ୍ରୋହ

ନୂଆଦିଲ୍ଲୀ, ୧୪।୬(ପି.ଟି.)

ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ରେ ବିଦ୍ରୋହ ଦେଖାଦେଇଛି। ଦଳର ୬ ଲୋକ ସଭା ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଚିରାଗ ପାଶ୍ୱାନଙ୍କ ବିରୋଧରେ ହାତ ମିଳାଇଛନ୍ତି। ସେମାନେ ଚିରାଗଙ୍କୁ ସଂସଦୀୟ ଦଳ ନେତା ପଦରୁ ବହିଷ୍କାର କରିବା ସହ ତାଙ୍କ ଦାଦା ପଶୁପତି କୁମାର ପରାସଙ୍କୁ ନୂଆ ନେତା ନିର୍ବାଚନ କରିଛନ୍ତି। ଫଳରେ ବିହାର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି।

ଏଲ୍‌ଜେପି ପ୍ରତିଷ୍ଠାତା ରାମବିଳାସ ପାଶ୍ୱାନଙ୍କ ସାନଭାଇ ପଶୁପତିଙ୍କ ନେତୃତ୍ୱରେ ରବିବାର ରାତିରେ ଏଲ୍‌ଜେପିରେ ବିଦ୍ରୋହ ଦେଖାଦେଇଥିଲା। ଏଲ୍‌ଜେପିର ୫ ବିଦ୍ରୋହୀ ଏମ୍‌ପି ପଶୁପତିଙ୍କୁ ଲୋକ ସଭାରେ ଦଳର ନେତା ନିର୍ବାଚନ କରିଥିବା ସମ୍ପର୍କରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଜଣାଇ ଦେଇଛନ୍ତି।



ଚିରାଗ ପାଶ୍ୱାନ



ପଶୁପତି କୁମାର ପରାସ

ରାମବିଳାସଙ୍କ ପୁଅ ଚିରାଗ ଜେଡିୟୁ ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦୃଢ଼ ସମାଲୋଚକ ହୋଇଥିବାବେଳେ ପଶୁପତି ସୋମବାର ନୀତୀଶଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ନୀତୀଶ ଜଣେ ଭଲ ନେତା ଏବଂ ବିକାଶ ପୁରୁଷ ବୋଲି ସେ କହିବା ସହ ଏଲ୍‌ଜେପିରେ ସୃଷ୍ଟ ଫାଟ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହାଜିପୁରରୁ ଏମ୍‌ପି ଥିବା ପଶୁପତି କହିଛନ୍ତି, ଦଳକୁ ବଞ୍ଚାଇବା ଲାଗି ୫ ଜଣ ଏମ୍‌ପି ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଦଳକୁ ଭାଙ୍ଗିବାରୁ ରକ୍ଷା କରାଯାଇଛି ବୋଲି ସେ କହିଛନ୍ତି। ଚିରାଗ ଦଳକୁ ଜେଡିୟୁ ବିରୋଧରେ ନେବା ଏବଂ ୨୦୨୦ ବିଧାନସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପାଇଁ ୯୯ ପ୍ରତିଶତ ଏଲ୍‌ଜେପି କର୍ମୀ ଅସନ୍ତୁଷ୍ଟ। ଏହି ଦଳ ଭୁଶୁଡ଼ି ପଡ଼ିବା ସ୍ଥିତିକୁ ଆସିଯାଇଥିଲା। ଚିରାଗଙ୍କୁ ଆମେ ବିରୋଧ କରୁନାହୁଁ। ସେ ସଂଗଠନରେ ରହିପାରନ୍ତି, କିନ୍ତୁ ଦଳ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଅଂଶବିଶେଷ ହୋଇରହିବ ବୋଲି ନୂଆ ନେତା ପଶୁପତି କହିଛନ୍ତି।

### ପଶୁପତି ନୂଆ ସଂସଦୀୟ ଦଳ ନେତା

ଦିଲ୍ଲୀରେ ଏଲ୍‌ଜେପିରେ ଏଭଳି ହାଇଡ୍ରାମା ସମ୍ପର୍କରେ ଜାଣିବା ପରେ ଚିରାଗ ତାଙ୍କ ଦାଦା ପଶୁପତିଙ୍କ ସହ କଥା ହେବା ପାଇଁ ଯାଇଥିଲେ। ତେବେ ସେ ତାଙ୍କ ଘରକୁ ନ ଯାଇ କାର ଭିତରେ ରହିଥିଲେ ଏବଂ ପଶୁପତି ମଧ୍ୟ ପୁତୁରାଙ୍କୁ ଭେଟିବା ପାଇଁ ବାହାରକୁ ଆସି ନ ଥିଲେ। ଅନ୍ୟପକ୍ଷରେ ଏଲ୍‌ଜେପିରେ ଫାଟ ସୃଷ୍ଟି କରିବା ପଛରେ ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ହାତ ଥିବା କୁହାଯାଉଛି। ବିହାରରେ ଏଲ୍‌ଜେପି ଗତବର୍ଷ ପର୍ଯ୍ୟନ୍ତ ଏନ୍‌ଡିଏର ଅଂଶବିଶେଷ ହୋଇ ରହିଥିଲା। ୨୦୨୦ ବିଧାନସଭା ନିର୍ବାଚନ ଏଲ୍‌ଜେପି ଏକାକୀ ଲଢ଼ିବ ବୋଲି ଦଳର ନେତା ଚିରାଗ ଘୋଷଣା କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୬୯,୦୨,୦୩୮ | ୩୮,୨୨,୫୧୮ | ୧୬,୧୦,୨୫,୫୬୫ |
| ଭାରତ | ୨,୯୫,୬୮,୮୯୧ | ୩,୭୫,୧୮୫ | ୨,୮୨,୭୦,୨୧୬ |
| ଓଡ଼ିଶା | ୮,୫୬,୧୨୧ | ୩୩୪୬(+୫୩) | ୮,୦୪,୯୮୧ |

ସୋମବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୬ରୁ ଚତୁର୍ଥ ସେରୋ ସର୍ଭେ

ଭୁବନେଶ୍ୱର, ୧୪।୬(ବ୍ୟୁରୋ): କୋଭିଡ୍-୧୯ର ଚତୁର୍ଥ ନ୍ୟାଶନାଲ ସେରୋ ସର୍ଭେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏହି ତାଲିକାରେ ଓଡ଼ିଶାର ଗଞ୍ଜାମ, ରାୟଗଡ଼ା ଓ କୋରାପୁଟ ଆଦି ୩ ଜିଲା ରହିଛି। ପ୍ରତି ଜିଲାକୁ ୧୦ଟି ଲେଖାଏ କ୍ଲଷ୍ଟର କରାଯାଇ ସେରୋ ସର୍ଭେ କରାଯିବ। ରାଜ୍ୟ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି) ପକ୍ଷରୁ ଏହି ସେରୋ ସର୍ଭେ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଏହି ସର୍ଭେ ପାଇଁ ଆର୍‌ଏମ୍‌ଆର୍‌ସି ଲଜିଷ୍ଟିକ୍ ସର୍ପୋଟ (ସଞ୍ଚାଳନ ସହାୟତା) ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି। ଏପଟେ ଚତୁର୍ଥ ସେରୋ ସର୍ଭେର ସୁପରିଚାଳନା ପାଇଁ ଆର୍‌ଏମ୍‌ଆର୍‌ସିକୁ ସବୁ ପ୍ରକାର ସହାୟତା ଯୋଗାଇବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଉପରୋକ୍ତ ୩ ଜିଲାର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଏଥର ଚତୁର୍ଥ ସେରୋ ସର୍ଭେରେ ୬ ବର୍ଷରୁ ଅଧିକ ବୟସ୍କ ପିଲା ସାମିଲ ହେବେ। ଦେଶର ଯେଉଁ ୭୦ ଜିଲାରେ ପୂର୍ବରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରାଉଣ୍ଡ୍ ସେରୋ ସର୍ଭେ ହେଇଥିଲା, ଚତୁର୍ଥ ରାଉଣ୍ଡରେ ମଧ ସେହିସବୁ ଜିଲାରେ ସର୍ଭେ ହେବ। ଏଥିରେ ଓଡ଼ିଶାର ଏହି ୩ ଜିଲା ସାମିଲ ଥିଲା। ଚତୁର୍ଥ ରାଉଣ୍ଡ ସେରୋ ସର୍ଭେ ପାଇଁ ଡିଜି ଆଇସିଏମ୍‌ଆର ସ୍ୱୀକୃତି ଦେଇସାରିଛନ୍ତି।

### ୧୭ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୪।୬(ବ୍ୟୁରୋ): ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଲଘୁଚାପ ମିଶ୍ରିତ ମୌସୁମୀ ଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର ଓ କେନ୍ଦୁଝରର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିସହିତ ଜଗତ୍‌ସିଂହପୁର, କଟକ, ପୁରୀ, ଅନୁଗୋଳ, ବରଗଡ଼, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ ଏବଂ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲାପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଗାଣ ବର୍ଷା ନ ଥିଲେ ମଧ ଆସନ୍ତା ୧୯ ତାରିଖ ଯାଏ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୧.୯ ମିଲିମିଟର ବର୍ଷା ହୋଇଥିବା ବେଳେ ଚାନ୍ଦବାଲିରେ ୩୫.୮, କଟକ ୪୪.୨, ପାରାଦୀପ ୦.୪, ଭୁବନେଶ୍ୱର ୧୧.୪, ଗୋପାଳପୁର ୦.୯, ପୁରୀ ୫୨.୮, ଅନୁଗୋଳ ୯.୬, ବାରିପଦା ୪, ଝାରସୁଗୁଡ଼ା ୩୮.୧, କେନ୍ଦୁଝର ୩୪.୫, ସୁନ୍ଦରଗଡ଼ ୩୩, ଭବାନୀପାଟଣା ୩୦.୬, ବଲାଙ୍ଗୀର ୨.୮, କୋରାପୁଟ ୩୯, ଟିଟିଲାଗଡ଼ ୨୫, ମାଲକାନଗିରି ୧୭.୨, ଛତ୍ରପୁର ୨.୪ ଏବଂ ରାୟଗଡ଼ାରେ ୫.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।



କଟକଣା ଭିତରେ ସୋମବାର ପହିଲି ରଜରେ ଭୁବନେଶ୍ୱର ଉପକଣ୍ଠ ଏକ ଗାଁରେ ଶିଶୁମାନେ ଦୋଳିର ମଜା ନେଉଛନ୍ତି।

# ଅନ୍‌ଲକ୍ ଅଙ୍କକଷା

ଭୁବନେଶ୍ୱର, ୧୪।୬(ବ୍ୟୁରୋ)




- ୧୪ ଜିଲାରେ ସଂକ୍ରମଣ ହାର ୫% ତଳେ
- ୧୦% ତଳେ ରହିଛି ୧୧ ଜିଲା
- ଖୋର୍ଦ୍ଧା ସମେତ ୫ ଜିଲାରେ ସର୍ବାଧିକ ସଂକ୍ରମଣ ହାର

ରାଜ୍ୟରେ ଏବେ ଲକ୍‌ଡାଉନ ଓ ଶଟ୍‌ଡାଉନ୍ ଜାରି ରହିଛି। ପ୍ରାୟ ଦେଢ଼ ମାସ ହେବ ଜୀବନ ଓ ଜୀବିକାକୁ ନେଇ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥିତିରେ ଆସନ୍ତା ୧୭ ତାରିଖ ସକାଳ ୫ଟାରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ସରୁଛି। ହେଲେ ଏହା ପୂର୍ବରୁ ଅନ୍‌ଲକ୍‌କୁ ନେଇ କିଛିଦିନ ହେବ ଚର୍ଚ୍ଚା ଲାଗି ରହିଛି। ଇତିମଧ୍ୟରେ ଦିଲ୍ଲୀ, ମୁମ୍ବାଇରେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପଶ୍ଚିମବଙ୍ଗ ସରକାର ମଧ ଦୋକାନ ବଜାର ଖୋଲିବାକୁ ଅନୁମତି ଦେଇସାରିଲେଣି। ତେଣୁ ଅନ୍‌ଲକ୍‌କୁ ନେଇ ସରକାରୀ ଘୋଷଣାକୁ ଓଡ଼ିଶାବାସୀ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ଏବେ ରାଜ୍ୟରେ ସଂକ୍ରମଣ ହାର ୭ ପ୍ରତିଶତ ତଳକୁ ଖସି ଆସିଥିବାବେଳେ କେତେକ ଜିଲାରେ ୫ ପ୍ରତିଶତରୁ କମ୍ ରହିଛି। କେଉଁ କେଉଁ ଜିଲାରେ ଅନ୍‌ଲକ୍ ପ୍ରକ୍ରିୟା ଲାଗୁ ହେବ ସେନେଇ ସରକାରୀ ସ୍ତରରେ ବିଚାରବିମର୍ଶ ଚାଲିଛି। ଯେଉଁ ଜିଲାରେ ସଂକ୍ରମଣ ହାର କମୁଛି, ସେଠାରେ ପର୍ଯ୍ୟାୟକ୍ରମେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାର ଚିନ୍ତା କରୁଥିବା ନିକଟରେ ମୁଖ୍ୟମନ୍ତ୍ରୀ ମଧ କହିଥିଲେ। ତେବେ କ'ଣ ରହିବ ସରକାରଙ୍କ ଅନ୍‌ଲକ୍ ପ୍ରକ୍ରିୟାର ଆଭିମୁଖ୍ୟ, ତାହା ଉପରେ ଏବେ ସମସ୍ତଙ୍କ ନଜର। କେଉଁ ଜିଲାରେ କଟକଣା ବଳବତ୍ତର ରହିବ ଓ କେଉଁଠି କୋହଳ ହେବ ସେ ନେଇ ଅଙ୍କକଷା ଆରମ୍ଭ ହୋଇଛି।

ସରକାରଙ୍କ କୋଭିଡ୍ ତଥ୍ୟ ଅନୁସାରେ, ରବିବାର ରାଜ୍ୟରେ ସଂକ୍ରମଣ ହାର ୬.୩୩%କୁ ଖସି ଆସିଛି। ଯେଉଁ ଜିଲାରେ ସଂକ୍ରମଣ ହାର ୫% ତଳକୁ ରହିଛି ସେସବୁ ସ୍ଥାନରେ କଟକଣା କୋହଳ ହେବ ବୋଲି ଶୁଣିବାକୁ ମିଳୁଛି। ତେଣୁ ବର୍ତ୍ତମାନ ୧୪ଟି ଜିଲାରେ ସଂକ୍ରମଣ ହାର ୫% ତଳେ ରହିଛି। ଝାରସୁଗୁଡ଼ାରେ ସର୍ବନିମ୍ନ ସଂକ୍ରମଣ ହାର ୦.୫% ଥିବାବେଳେ ନୂଆପଡ଼ା ୧.୧୫, ଗଞ୍ଜାମ ୧.୨, ସମ୍ବଲପୁର ୧.୬୭, ବଲାଙ୍ଗୀର ୨.୨୩, ବରଗଡ଼ ୨.୮୩, ସୋନପୁର ୩.୧୧, କନ୍ଧମାଳ ୩.୬୮, ଗଜପତି ୩.୮୯, ସୁନ୍ଦରଗଡ଼ ୩.୯୩, କଳାହାଣ୍ଡି ୪.୧୩, ନବରଙ୍ଗପୁର ୪.୨୮, ମାଲକାନଗିରି ୪.୫, ଅନୁଗୋଳ ୪.୭୪% ରହିଛି। ତେଣୁ ଏସବୁ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହେବା ସମ୍ଭାବନା ଅଧିକ ରହିଛି। ସେହିପରି ୧୧ ଜିଲାରେ ୧୦% ତଳେ ସଂକ୍ରମଣ ହାର ରହିଛି। ଏସବୁ ଜିଲା ମଧ୍ୟରେ ବାଲେଶ୍ୱରରେ ୯.୪୨, ଭଦ୍ରକ ୭.୩୫, ବୌଦ୍ଧ ୮.୬୩, ଦେବଗଡ଼ ୬.୩୭, ଢେଙ୍କାନାଳ ୭.୨୧, ଜଗତ୍‌ସିଂହପୁର ୭.୯୫, କେନ୍ଦ୍ରାପଡ଼ା ୫.୫, କେନ୍ଦୁଝର ୫.୫୫, କୋରାପୁଟ ୫.୦୫, ମୟୂରଭଞ୍ଜ ୬.୯୯ ଓ ରାୟଗଡ଼ା ୬.୫୬% ରହିଛି। ଏସବୁ ଜିଲାରେ ଯଦିଓ ସଂକ୍ରମଣ ହ୍ରାସ ପାଇଛି, କିନ୍ତୁ ୫ ପ୍ରତିଶତ ଉପରେ ରହିଥିବାରୁ ଏସବୁ ଜିଲାରେ କଟକଣା ସଂକ୍ରାନ୍ତରେ ବିଚାରବିମର୍ଶ ଚାଲିଛି। ଅନ୍ୟପକ୍ଷରେ ୫ଟି ଜିଲାରେ ସଂକ୍ରମଣ ହାର ୧୦% ଉପରେ ରହିଛି। ସେଥିମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୩.୩୬% ସଂକ୍ରମଣ ହାର ଥିବାବେଳେ ଯାଜପୁର ୧୨.୮୫, ପୁରୀରେ ୧୧.୮୮, କଟକରେ ୧୦.୧୫, ନୟାଗଡ଼ରେ ୧୦.୦୩% ରହିଛି।

ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ରାଜ୍ୟରେ ସଂକ୍ରମଣ ରୋକିବାକୁ ଏବେ ଲକ୍‌ଡାଉନ ଓ ଅନଲକ୍ ବ୍ୟବସ୍ଥା ଏକ ନିୟମିତ ପ୍ରକ୍ରିୟା ହୋଇଯାଇଛି। ପରିସ୍ଥିତି ଉପରେ ତର୍ଜମା କରାଯାଇ ଅନ୍‌ଲକ୍‌ପ୍ରକ୍ରିୟା ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।

# ପରିବର୍ତ୍ତିତ ସଂକ୍ରମଣ ଉପରେ ନିର୍ଭର କରେ ତୃତୀୟ ଲହର

ଭୁବନେଶ୍ୱର, ୧୪।୬(ବ୍ୟୁରୋ)



ରାଜ୍ୟରେ କେବଳ ସଂକ୍ରମଣ ହାର କମୁନାହିଁ, କୋଭିଡ୍-୧୯ ନମୁନାରେ ଭାଇରାଲ ଲୋଡ୍ ମଧ କମୁଛି। ଏ ନେଇ ସୋମବାର ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ପରୀକ୍ଷଣ ଅନୁଯାୟୀ ଇନ୍‌ଫେକ୍ସନ ଭାଇରାଲ ଲୋଡ୍ କମିଛି। ପୂର୍ବରୁ ହାରାହାରି ସିଟି ଭ୍ୟାଲୁ ୧୪ ରୁ ୧୫ ପ୍ରତିଶତ ରହୁଥିଲା। ଏବେ ଏହା ୨୮ ପାଖାପାଖି ରହୁଛି। ଜଣେ ବ୍ୟକ୍ତିର ଯଦି ସିଟି ଭାଲ୍ୟୁ ୩୫ କିମ୍ବା ତା'ଠାରୁ ଅଧିକ ରହିଲେ ତାହା କୋଭିଡ୍ ନେଗେଟିଭ୍। ଯଦି ସିଟି ଭାଲ୍ୟୁ ୩୫ରୁ କମ୍ ରହେ, ତେବେ ବ୍ୟକ୍ତି ଜଣକ କରୋନା ପଜିଟିଭ୍ ବୋଲି ଚିହ୍ନଟ ହୁଅନ୍ତି। ସେପଟେ ତୃତୀୟ ଲହରକୁ ନେଇ ଡା. ପରିଡ଼ା କହିଛନ୍ତି, ସମ୍ଭାବ୍ୟ ତୃତୀୟ ଲହରରେ ସମସ୍ତ ବର୍ଗର ଲୋକମାନେ ସଂକ୍ରମିତ ହୋଇପାରନ୍ତି। କରୋନା ଭୂତାଣୁ କେବଳ ବଡ଼ ଲୋକଙ୍କୁ ନୁହେଁ, ଶିଶୁମାନଙ୍କୁ ମଧ ସଂକ୍ରମଣ କରିପାରେ। କିନ୍ତୁ ତୃତୀୟ ଲହର ଆସିବା ନେଇ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କୋଭିଡ୍ କଟକଣା, ଟିକାକରଣ ଓ ଭୂତାଣୁର ପରିବର୍ତ୍ତିତ ସଂକ୍ରମଣ ଉପରେ ତୃତୀୟ ଲହର ନିର୍ଭର କରିବ ବୋଲି ସେ କହିଛନ୍ତି। ଭାଇରସର ମ୍ୟୁଟାଣ୍ଟରେ ପରିବର୍ତ୍ତନ ହେଉଛି। ଆଗକୁ ମଧ ପରିବର୍ତ୍ତନ ହୋଇପାରେ। ଏବେ ଭାରତର ୨୮ଟି ଲାବ୍‌ରେ ଜିନମ ସିକ୍ୱେନ୍‌ସିଂ କରାଯାଉଛି। ଏହାଦ୍ୱାରା ଭାଇରସର ମ୍ୟୁଟାଣ୍ଟରେ କିପରି ପରିବର୍ତ୍ତନ ହେବ ଓ ଏହାର ପରିବର୍ତ୍ତିତ ରୂପ କ'ଣ ହେବ ସେ ବିଷୟରେ ଜାଣିପାରିବା ବୋଲି ସେ ସୂଚନା ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି, ରାଜ୍ୟରେ ଲକ୍‌ଡାଉନର ସୁଫଳ ମିଳିଛି। ଯଦି ସରକାର ଅନ୍‌ଲକ ପ୍ରକ୍ରିୟାକୁ ଯିବେ ତେବେ ଲୋକମାନେ କଟକଣାକୁ ମାନନ୍ତୁ। ନଚେତ ପୁଣି ଥରେ ସଂକ୍ରମଣ ବଢ଼ିପାରେ। ଅନ୍ୟ ରାଜ୍ୟରେ ପର୍ଯ୍ୟାୟକ୍ରମେ ଲକ୍‌ଡାଉନର କଟକଣା କୋହଳ କରାଯାଇଛି। ଲୋକମାନେ ଯଦି ସହଯୋଗ କରିବେ ତେବେ କଟକଣାର ଆବଶ୍ୟକ ନାହିଁ ବୋଲି ଡା. ପରିଡ଼ା କହିଛନ୍ତି।

# ୭% ତଳକୁ ଖସିଲା ସଂକ୍ରମଣ ହାର

ଭୁବନେଶ୍ୱର,୧୪।୬(ବ୍ୟୁରୋ)

**ଦିନକରେ ୪,୩୩୯, ୪୪ ମୃତ୍ୟୁ**
- ୮ଲକ୍ଷ ଟପିଲା ଆରୋଗ୍ୟ ସଂଖ୍ୟା
- ୫୦ହଜାରରୁ କମିଲା ସକ୍ରିୟ ରୋଗୀ ସଂଖ୍ୟା

ରାଜ୍ୟରେ କରୋନା ସଂକ୍ରମଣ ହାର ୭ ପ୍ରତିଶତ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୮,୫୩୫ ନମୁନା ପରୀକ୍ଷା ହୋଇଥିବାବେଳେ ୪,୩୩୯ ପିଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ହାର ୬.୩% ରହିଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୭୦୦ଜଣ ଥିବାବେଳେ କଟକରେ ୪୮୦, ବାଲେଶ୍ୱର ୨୯୬, ପୁରୀ ୨୫୫, ଅନୁଗୋଳ ୨୨୬, ଭଦ୍ରକ ୨୦୯, ଯାଜପୁର ୨୦୭ଜଣ ରହିଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮,୫୬,୧୨୧ରେ ପହଞ୍ଚିଛି।

ସେପଟେ ରାଜ୍ୟରେ କରୋନା ନେଇଛି ଆଉ ୪୪ଜଣଙ୍କ ଜୀବନ। ଖୋର୍ଦ୍ଧାରୁ ସର୍ବାଧିକ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁନ୍ଦରଗଡ଼, ରାୟଗଡ଼ା, ପୁରୀ, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ବରଗଡ଼ ଓ ବାଲେଶ୍ୱରରେ ୩ଜଣ ଲେଖାଏ ରହିଛନ୍ତି। ସେହିପରି ଅନୁଗୋଳ, କଳାହାଣ୍ଡି ଓ ନୟାଗଡ଼ରେ ୨ଜଣ ଲେଖାଏ ଏବଂ ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ଢେଙ୍କାନାଳ, ବଲାଙ୍ଗୀର ଓ ଭଦ୍ରକରେ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୩୪୬କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଆରୋଗ୍ୟଙ୍କ ସଂଖ୍ୟା ୮ଲକ୍ଷ ଟପିଛି। ଗତ ୨୪ ଘଣ୍ଟାରେ ୮,୧୮୨ ଆକ୍ରାନ୍ତ କରୋନାରୁ ଆରୋଗ୍ୟ ଲାଭ କରିବା ପରେ ଏହି ସଂଖ୍ୟା ୮,୦୪,୯୮୧କୁ ବୃଦ୍ଧି ପାଇଛି। ସଂକ୍ରମଣ ହାର ଠାରୁ ଆରୋଗ୍ୟ ଅଧିକ ହେଉଥିବାରୁ ସକ୍ରିୟ ରୋଗୀଙ୍କ ସଂଖ୍ୟା ମଧ ଦ୍ରୁତ ଗତିରେ ଖସିବାରେ ଲାଗିଛି। ଏବେ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୦ହଜାର ତଳକୁ ଖସି ୪୭,୭୪୧ରେ ପହଞ୍ଚିଛି। ଫଳରେ ରେଡ୍ ଜୋନ୍‌ରେ ମାତ୍ର ୪ ଜିଲା ରହିଥିବାବେଳେ ୧୨ଟି ଜିଲା ୟେଲୋ ଜୋନ୍ ଓ ୧୪ଟି ଜିଲା ଗ୍ରୀନ ଜୋନ୍‌ରେ ରହିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭,୨୪୯ଜଣ ସକ୍ରିୟ ରୋଗୀ ରହିଥିବା ବେଳେ ନୂଆପଡ଼ାରେ ସର୍ବନିମ୍ନ ୧୪୪ଜଣ ରୋଗୀ ରହିଛନ୍ତି।

# ଗୋପନୀୟତା କ୍ଷୁଣ୍ଣ ଦର୍ଶାଇ ଆବେଦନ ରଦ୍ଦ କଲେ ହାଇକୋର୍ଟ

**କୋଭିଡ୍ ହସ୍ପିଟାଲରେ ସିସିଟିଭି କ୍ୟାମେରା ଲଗାଇବା ପ୍ରସଙ୍ଗ**

କଟକ ଅଫିସ, ୧୪।୬

କରୋନାରେ ସଂକ୍ରମିତ ରୋଗୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ କୋଭିଡ୍ ହସ୍ପିଟାଲରେ ସିସିଟିଭି କ୍ୟାମେରା ସହ ହସ୍ପିଟାଲ ପରିସରରେ ଡିସ୍‌ପ୍ଲେ ବୋର୍ଡ ଲଗାଇବାକୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆଗତ ଜନସ୍ୱାର୍ଥ ମାମଲା ଖାରଜ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି କେ. ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି କହିଛନ୍ତି, ହସ୍ପିଟାଲଗୁଡ଼ିକରେ ସିସିଟିଭି ଲଗାଇବା ଦ୍ୱାରା ରୋଗୀଙ୍କ ଗୋପନୀୟତା କ୍ଷୁଣ୍ଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସମସ୍ତ ବିଷୟକୁ ଅନୁଧ୍ୟାନ ନ କରି କେବଳ ଉପର ଠାଉରିଆ ଭାବେ ଏଭଳି ଆବେଦନ କରାଯାଇଛି। ଆବେଦନକାରୀ କିମ୍ବା ତାଙ୍କ ଓକିଲ ମାମଲା ରୁଜୁ କରିବା ପୂର୍ବରୁ ଜଣେ ରୋଗୀଙ୍କ ଗୋପନୀୟତା କ୍ଷୁଣ୍ଣ ସମ୍ପର୍କିତ ବାସ୍ତବ ସ୍ଥିତିକୁ ବିଶ୍ଳେଷଣ କରିନାହାନ୍ତି ବୋଲି ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ଏପରି କି ଅବସରପ୍ରାପ୍ତ ବିଚାରପତି କେ.ଏସ୍. ପୁଟ୍ଟାସ୍ୱାମୀ ବନାମ କେନ୍ଦ୍ର ସରକାରଙ୍କ ମାମଲାରେ ଗୋପନୀୟତାର ସାମ୍ବିଧାନିକ ଅଧିକାର ସମ୍ପର୍କରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଆବେଦନକାରୀ ବୁଝିବାକୁ ଚେଷ୍ଟା କରି ନାହାନ୍ତି। କୌଣସି ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ନ କରାଯାଇ ଆବେଦନ କରାଯିବାକୁ ଖଣ୍ଡପୀଠ ନାପସନ୍ଦ କରିଛନ୍ତି। ଜନସ୍ୱାର୍ଥ ମାମଲା ସମ୍ବନ୍ଧିତ ଆବେଦନର ବିଚାର କରିବା ନେଇ ସମ୍ବିଧାନର ଧାରା ୨୨୬ରେ ହାଇକୋର୍ଟଙ୍କ ପର୍ଯ୍ୟାପ୍ତ କ୍ଷମତା ରହିଛି। କିନ୍ତୁ ଆବେଦନକାରୀ ଉପଯୁକ୍ତ ତଥ୍ୟ ଏବଂ ଘଟଣାବଳୀକୁ ଉଚିତ ଢଙ୍ଗରେ ଅଦାଲତରେ ଉପସ୍ଥାପନା କରିବା ଆବଶ୍ୟକ। ଅଧିକାଂଶ ସମୟରେ ଆବେଦନକାରୀ କୌଣସି ବିଷୟବସ୍ତୁକୁ ଠିକ୍ ଭାବେ ନ ବୁଝି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥାନ୍ତି, ଯାହାକି ସମାଜ ପାଇଁ ଭଲ କରିବା ପରିବର୍ତ୍ତେ କ୍ଷତି ପହଞ୍ଚାଇଥାଏ ବୋଲି ଖଣ୍ଡପୀଠ କହିଛନ୍ତି।



ଭାଇକୁ ଧରି ବୁଲାଉଛି କ୍ରିଷ୍ଣା।

# ୭ବର୍ଷର ଭଉଣୀ କାନ୍ଧରେ ଦେଢ଼ମାସର ଭାଇ

**ମା' ବାପାଙ୍କୁ ଛଡ଼ାଇନେଲା କରୋନା**

ଭୋଗରାଇ,୧୪।୬(ଡି.ଏନ.ଏ.)

ମହାମାରୀ କରୋନା ଛଡ଼ାଇ ନେଇଛି ବହୁ ଜୀବନ। ଉଜାଡ଼ି ଦେଇଛି ସୁଖର ସଂସାର। କିଏ ମା'ଙ୍କୁ ହରାଇ ମା'ଛେଉଣ୍ଡ ପାଲଟିଥିବା ବେଳେ କିଏ ବାପାଙ୍କୁ ହରାଇ ପାଲଟିଛି ବାପଛେଉଣ୍ଡ। ଅନ୍ୟ କେଉଁଠି ମା' ବାପା ଦୁଇ ଜଣଙ୍କୁ ହରାଇ ପିଲାମାନେ ପାଲଟିଛନ୍ତି ଅନାଥ। ଏଭଳି ମା' ବାପାଙ୍କୁ ହରାଇଥିବା ୭ ବର୍ଷର ଝିଅ ହେଉଛନ୍ତି କ୍ରିଷ୍ଣା। ତାଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନିମାତ୍‌ପୁର ଗାଁରେ। ନିଜେ ମା' କୋଳରେ ବସି ଗେହ୍ଲା ହେବା ବୟସରେ ତାଙ୍କ କାନ୍ଧରେ ଏବେ ଦେଢ଼ମାସର ଭାଇର ଦାୟିତ୍ୱ। ଭାଇକୁ ଖୁଆଇବାଠାରୁ ଆରମ୍ଭ କରି ଦୋଳି କରି ଝୁଲାଇବା ପର୍ଯ୍ୟନ୍ତ ସେ ସବୁକିଛି କରୁଛନ୍ତି। ଦୁଇ ପିଲାଙ୍କ ଭବିଷ୍ୟତ ନେଇ ସ୍ଥାନୀୟ ବାସିନ୍ଦା ଏବେ ଚିନ୍ତାରେ।

କରୋନାରେ କମଳେଶ ପଣ୍ଡା (୩୬) ଓ ତାଙ୍କ ସ୍ତ୍ରୀ ସ୍ମିତା (୨୮)ଙ୍କ ଅକାଳ ମୃତ୍ୟୁ ହେବା ପରେ କ୍ରିଷ୍ଣା ଓ ଦେଢ଼ମାସର ଭାଇ ଏବେ ସ୍ନେହ ମମତାକୁ ଝୁରି ହେଉଛନ୍ତି। ଅନ୍ୟକୁ ଦେଖିଲେ କ୍ରିଷ୍ଣା ଆଖି ଛଳ ଛଳ କରି ଲୁହ ଗଡାଉଛି। ଦେଢ଼ମାସର ଭାଇ କ୍ଷୀର ପାଇଁ କାନ୍ଦୁଥିବା ବେଳେ ସେ ତା' ଭାଇ ପାଇଁ ବଡ଼ମା' ଓ ବଡ଼ବାପାଙ୍କଠାରୁ ଗାଈ କ୍ଷୀର ଆଣି ଖୁଆଉଛି। ଭାଇକୁ କାନ୍ଧରେ ପକାଇ ନାନା ବାୟା ଗୀତ ଗାଇ ଶୁଣାଉଛି। ବଡ଼ମା' ଓ ବଡ଼ବାପାଙ୍କ ପାଖରେ ରହୁଥିଲେ ମଧ ମା'ବାପାଙ୍କ କଥା ମନେ ପକାଇ ଗୁମୁରି ଗୁମୁରି କାନ୍ଦୁଛି। ବଡ଼ମା' ଓ ବଡ଼ବାପା ଅଭାବ ଅନାଟନ ମଧ୍ୟରେ ଦିନ କାଟୁଥିବା ବେଳେ କ୍ରିଷ୍ଣା ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରିଛି। ନିଜେ ପାଠ ପଢ଼ି ଭାଇକୁ ପାଠ ପଢ଼ାଇବ ବୋଲି ସେ କାନ୍ଦି କାନ୍ଦି କହୁଛି।



**ଆଜିର ମନ୍ତବ୍ୟ**

"ରାମ ମନ୍ଦିର ନିର୍ମାଣ ପାଇଁ ଲୋକେ ଭକ୍ତିରେ ଦାନ କରିଛନ୍ତି। ସେହି ଦାନର ଅପବ୍ୟବହାର ଅନ୍ୟାୟ ଏବଂ ସେମାନଙ୍କ ବିଶ୍ୱାସ ପ୍ରତି ଅପମାନ।"
– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ: ................................

ଜନ୍ମ ତାରିଖ: ................................



ଦିବ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ସହ ସମ୍ପର୍କ ମଜଭୁତ ହେବ: ନେଫ୍ଟାଲି

**ଜେରୁଜେଲମ, ୧୪ା୬**

ଇସ୍ରାଏଲ ଓ ଭାରତ ଭଳି ଦୁଇ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଇସ୍ରାଏଲର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ନେଫ୍ଟାଲି ବେନେଟ ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ କାମ କରିବାକୁ ଇଚ୍ଛୁକ ବୋଲି ସୋମବାର କହିଛନ୍ତି। ଦକ୍ଷିଣପନ୍ଥୀ ନେତା ତଥା ୟେମିନା ପାର୍ଟି ମୁଖ୍ୟ ୪୯ ବର୍ଷୀୟ ନେଫ୍ଟାଲି ରବିବାର ତ୍ରୟୋଦଶ ପ୍ରଧାନମନ୍ତ୍ରୀ ଭାବେ ଇସ୍ରାଏଲ ପାର୍ଲାମେଣ୍ଟ ନେସେଟ୍‌ରେ ଶପଥ ଗ୍ରହଣ କରିଛନ୍ତି। ଏ ନେଇ ମୋଦି ତାଙ୍କୁ ଟୁଇଟ୍ ଯୋଗେ ଅଭିନନ୍ଦନ ଜଣାଇଥିଲେ। ଆସନ୍ତା ବର୍ଷ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କକୁ ୩୦ ବର୍ଷ ପୂରିବାକୁ ଯାଉଥିବାବେଳେ ନେଫ୍ଟାଲିଙ୍କୁ ଭେଟି ରଣନୀତିକ ଭାଗିଦାରୀକୁ ଆହୁରି ଗଭୀର କରିବାକୁ ଉତ୍ସାହିତ ଥିବା ମୋଦି କହିଥିଲେ। ଏହାର ଉତ୍ତରରେ ନେଫ୍ଟାଲି ଧନ୍ୟବାଦ ଜଣାଇବା ସହିତ ମୋଦିଙ୍କ ସହ ମିଶି ଏ ଦିଗରେ କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି ତାଙ୍କ ଅଫିସିଆଲ ହ୍ୟାଣ୍ଡେଲ୍‌ରୁ ଟୁଇଟ୍ କରିଛନ୍ତି।



୮ ବିରୋଧୀ ଦଳକୁ ନେଇ ଗଠିତ ମେଣ୍ଟ ସରକାର ଇସ୍ରାଏଲକୁ ନିରବଚ୍ଛିନ୍ନ ଭାବେ ୧୨ ବର୍ଷ ଶାସନ କରିଥିବା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କଠାରୁ କ୍ଷମତା ଛଡ଼ାଇନେଇଛି। କ୍ଷମତା ଭାଗବଣ୍ଟା ଅନୁଯାୟୀ, ନେଫ୍ଟାଲି ପ୍ରଥମ ୨ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ରହିବେ। ପର ୨ ବର୍ଷ ୫୭ ବର୍ଷୀୟ ମଧ୍ୟମମାର୍ଗୀ ତଥା ୟେଶ୍ ଏଟିଡ୍ ପାର୍ଟି ଅଧ୍ୟକ୍ଷ ୟେର୍ ଲେପିଡ ଶାସନ ଗାଦି ସମ୍ଭାଳିବେ। ବର୍ତ୍ତମାନ ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ଥିବା ଲେପିଡ୍ ମଧ୍ୟ ଭାରତ ପ୍ରତିପକ୍ଷ ଏସ୍. ଜୟଶଙ୍କରଙ୍କ ଅଭିନନ୍ଦନ ବାର୍ତ୍ତାର ଉତ୍ତର ରଖି ଦୁଇ ଦେଶ ମଧ୍ୟରେ ରଣନୀତିକ ସମ୍ପର୍କକୁ ଆଗକୁ ନେବାକୁ ଆଗ୍ରହୀ ବୋଲି କହିଛନ୍ତି। ଅନ୍ୟପକ୍ଷରେ ମୋଦି ଭାରତ-ଇସ୍ରାଏଲ୍ ସମ୍ପର୍କ ପ୍ରତି ବ୍ୟକ୍ତିଗତ ଧ୍ୟାନ ଦେଇଥିବାରୁ ନେତାନ୍ୟାହୁଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

# ଟିକା ଆବଣ୍ଟନ ଅନୁପାତ ସଂଶୋଧନ ପାଇଁ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ଚିଠି

**ଭୁବନେଶ୍ୱର, ୧୪ା୬ (ବ୍ୟୁରୋ)**

ସରକାରୀ ଓ ବେସରକାରୀ ହସ୍ପିଟାଲକୁ ଟିକା ଆବଣ୍ଟନ ଅନୁପାତରେ ସଂଶୋଧନ କରିବାକୁ ଓଡ଼ିଶା ସରକାର କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଏ ନେଇ ସୋମବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟକୁ ବର୍ତ୍ତମାନ ସରକାରୀ ଓ ଘରୋଇ ଅନୁପାତ ଯଥାକ୍ରମେ ୭୫:୨୫ ଦିଆଯାଉଛି। ଏହାକୁ ସଂଶୋଧନ କରି ୯୫: ୫ ଅନୁପାତରେ ଟିକା ଯୋଗାଣ ପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି। ଅର୍ଥାତ୍ ଓଡ଼ିଶା ସରକାରଙ୍କ କୋଭିଡ୍ ଟିକା ଅଂଶ ୯୫%କୁ ବୃଦ୍ଧି ଏବଂ ଘରୋଇ ଡାକ୍ତରଖାନାକୁ ୫% ଆବଣ୍ଟନ କରିବାକୁ କୁହାଯାଇଛି। ଟିକା ଆବଣ୍ଟନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଗତ ୮ ତାରିଖରେ କେନ୍ଦ୍ର ସରକାର ନିର୍ଦ୍ଦେଶାବଳୀକୁ ସଂଶୋଧନ କରିଥିଲେ ଏବଂ ଏହା ଜୁନ୍ ୨୧ରୁ ସାରା ଦେଶରେ ଲାଗୁ ହେବ। ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି ଯେ, ଘରୋଇ ଉତ୍ପାଦକଙ୍କ ଠାରୁ ମାସିକ ୨୫ ପ୍ରତିଶତ ଟିକା ଘରୋଇ ହସ୍ପିଟାଲ ସିଧାସଳଖ କ୍ରୟ କରାଯାଇପାରିବ। ଆଜି ପର୍ଯ୍ୟନ୍ତ ଓଡ଼ିଶାର କେବଳ ୪ ଘରୋଇ ହସ୍ପିଟାଲ ଉତ୍ପାଦନକାରୀଙ୍କଠାରୁ ସିଧାସଳଖ ଟିକା କ୍ରୟ କରିବାରେ ସକ୍ଷମ ହୋଇଛନ୍ତି ବୋଲି ପ୍ରଦୀପ୍ତ ମହାପାତ୍ର ଚିଠିରେ ଦର୍ଶାଇଛନ୍ତି। ଓଡ଼ିଶାରେ ବହୁତ କମ୍ ଘରୋଇ ଡାକ୍ତରଖାନା ରହିଛି, ଯାହା ରାଜ୍ୟର ମୋଟ ସ୍ୱାସ୍ଥ୍ୟସେବା କ୍ଷେତ୍ରର ମାତ୍ର ୫ ପ୍ରତିଶତ। ତେଣୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଯଦି ବେସରକାରୀ ସଂସ୍ଥାକୁ ୨୫ ପ୍ରତିଶତ ଟିକା ଦିଆଯାଏ ତେବେ ଓଡ଼ିଶା ଟିକାକରଣରେ ସମସ୍ୟାର ସମ୍ମୁଖୀନ ହେବ। ତେଣୁ ଟିକା ଆବଣ୍ଟନ ଅନୁପାତରେ ପରିବର୍ତ୍ତନ ଜରୁରୀ ବୋଲି ସେ ଚିଠି ଲେଖି ଅନୁରୋଧ କରିଛନ୍ତି।

# ସୁଶାନ୍ତଙ୍କ ମୃତ୍ୟୁ ମାମଲା ବନ୍ଦ ହୋଇନାହିଁ: ସିବିଆଇ

**ନୂଆଦିଲ୍ଲୀ, ୧୪ା୬**

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ବର୍ଷେ ପୂରିଥିବାବେଳେ ଏ ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତଦନ୍ତକାରୀ ସଂସ୍ଥା ଏହା ପଛର ସତ ପଦାକୁ ଆଣୁ ନ ଥିବା ତାଙ୍କ ପ୍ରଶଂସକମାନେ ଅଭିଯୋଗ ଆଣିଛନ୍ତି। ଘଟଣାର ତଦନ୍ତ କରୁଥିବା ସିବିଆଇ ଏପରି ଅଭିଯୋଗକୁ ଖଣ୍ଡନ କରି କହିଛି, ସୁଶାନ୍ତଙ୍କ ମୃତ୍ୟୁ ମାମଲା ବନ୍ଦ ହୋଇନାହିଁ। ସବୁ କୋଣରୁ ଏହାର ତଦନ୍ତ ଜାରି ରହିଛି।

ଗତ ବର୍ଷ ଜୁନ୍ ୧୪ରେ ସୁଶାନ୍ତଙ୍କ ଝୁଲନ୍ତା ମୃତଦେହ ମୁମ୍ବାଇର ବାନ୍ଦ୍ରାସ୍ଥିତ ତାଙ୍କ ଆପାର୍ଟମେଣ୍ଟରୁ ଜବତ ହୋଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରଂଶସକମାନେ ଅଭିଯୋଗ ଆଣିଥିଲେ। ମାମଲା ସିବିଆଇକୁ ହସ୍ତାନ୍ତର ପରେ ସୁଶାନ୍ତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀଙ୍କ ସମେତ ବଲିଉଡ୍‌ର ଅନେକ କଳାକାରଙ୍କୁ ପଚରାଉଚରା କରାଯାଇଥିଲା। ଏପରିକି ଡ୍ରଗ୍ସ କାରବାର ମାମଲାରେ ରିଆଙ୍କୁ ଏନ୍‌ସିବି ଗିରଫ କରିଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନରେ କହି ଯେ ହାତରେ ଦିଏ**
**ତାହା କଥା କି ଅନ୍ୟଥା ହୁଏ ?**

ସଦାସର୍ବଦା ଯିଏ ଫାଇଦା ପାଇବାକୁ ପାଖେ ପାଖେ ଛାଇ ପରି ଲାଗି ରହିଥାଏ ଓ ସୁବିଧା ଦେଖି ହାତଗୁଞ୍ଜା ଦେଇଥାଏ ସେ ତା'ର ଈପ୍‌ସିତ କାର୍ଯ୍ୟ କରାଇନେବାରେ ସଫଳ ହୋଇଥାଏ। କ'ଣ କଲେ କାମ ହୋଇଯିବ ତାହା ତାଙ୍କୁ ବେଶ୍ ଭଲ ଭାବେ ଜଣା। ଚାଲାକ ଚତୁର ବ୍ୟକ୍ତି ଏପରି କାର୍ଯ୍ୟରେ ବେଶ୍ ପାରିବାର ବା ପାରଙ୍ଗମ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କେତେ ଫଗୁଣକୁ ବାରତା ଦେଉ**
**ନ ଆସି କାଇଁକି ଗରକୁ ଥାଉ।**

କଥା ଦେଇ କଥା ରଖି ନ ପାରିଲେ ବିଶ୍ୱାସ ତୁଟିଯାଏ। ସମ୍ପର୍କର ମଧୁରତା ଧୀରେ ଧୀରେ କ୍ଷୟ ହେବାକୁ ଲାଗିଥାଏ। ଏପରି ସ୍ଥଳେ ମନର ମାନସୀକୁ ଭେଟିବା ପାଇଁ ସମୟ ଦେଇ ଆସି ପାରୁ ନ ଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଭାବ ଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


classifieds Everyday 0674-2580101, 2549302

real estate

business

SALE

3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101. D-70852

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner- 9090963952. D-70849

to-let

2BHK room garage chhaka near Kali Temple BBSR-2. Contact: 6371903795. D-20890

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଫୁଲ୍ଲ କୁମାର ମହାନ୍ତି
ଗୋବିନ୍ଦପୁର, ପିପିଲି
ଆବିର୍ଭାବ: ୦୯।୦୩।୧୯୪୬
ତିରୋଧାନ: ୦୫।୦୬।୨୦୨୧

ଆପଣ ଆମ୍ଭମାନଙ୍କୁ ହଠାତ୍ ସବୁଦିନ ପାଇଁ ଛାଡ଼ି ଚାଲିଯିବେ ବୋଲି ଆଶା ନଥିଲା। ଆପଣଙ୍କ ଅନୁପସ୍ଥିତିକୁ ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରଣାମ।

-:ଶୋକସନ୍ତପ୍ତ ପରିବାରବର୍ଗ:- ସ୍ତ୍ରୀ: ସୁଷମା, ପୁଅ: ପ୍ରଭାତ, ମାନସ, ଝିଅ: ରିନା, ଗୀତା, ପୁଷ୍ପ ଏବଂ ଲିପି, ବୋହୂ: ମୁନୁ, ସୋନୁ, ନାତି-ନାତୁଣୀ: ଲୁଲୁ, ଗୁଡୁଲି, ଗୁଗୁଲି, ଢୁଢୁଲୁ, ଲଭଲି, ପୁପୁନ୍, ବାଇଁ: ପ୍ରସନ୍ନ, ନବ, ଅଜୟ, କୁନା, ଦାଦା, ଖୁଡ଼ୀ, ସନ୍ତୁ

ଧ-୨୦୮୮


**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ନକଲି ଔଷଧ...

ଜଣାପଡ଼ିଥିଲା। ସେଥିରୁ ୯ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ଅନ୍ୟଗୁଡ଼ିକୁ ଜବତ କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏସବୁ ବିଷୟ ବାହାରିବା ପରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଦ୍ୱାରା ବଲାଙ୍ଗୀର, ଝାରସୁଗୁଡା, ସମ୍ବଲପୁର, ରାଉରକେଲା ଏବଂ ଭୁବନେଶ୍ୱରରେ ଚଢ଼ାଉ କରାଯାଇ କେତେକ ଔଷଧ ଦୋକାନରୁ ନକଲି ଔଷଧ ଜବତ କରାଯାଇଥିଲା। ଏହି ଚଢ଼ାଉ ୧୪ ଜିଲାରେ ଜାରି ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅସାଧୁ ବ୍ୟବସାୟୀମାନେ ନିଜର ମୁନାଫାଖୋର ମନୋଭାବ ପାଇଁ ଲୋକଙ୍କ ଜୀବନକୁ ବାଜି ଲଗାଉଛନ୍ତି। ଜୀବନ ବିକଳରେ ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ କିଣି ସର୍ବସ୍ୱାନ୍ତ ହେଉଛନ୍ତି। ରୋଗ ଭଲ ହେବା ବଦଳରେ ନକଲି ବିଷାକ୍ତ ଔଷଧ ଜାଲରେ ଛନ୍ଦି ହୋଇ ଜୀବନ ହରାଉଛନ୍ତି। ରାଜ୍ୟରେ ନକଲି ଔଷଧ କାରବାର କିଛି ନୂଆ କଥା ନୁହେଁ। ୨୦୦୭ରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ନକଲି ଔଷଧ କାରବାର ସମଗ୍ର ରାଜ୍ୟକୁ ଦୋହଲାଇ ଦେଇଥିଲା। ବିଭିନ୍ନ ସମୟରେ ଭେଜାଲ ଔଷଧ କାରବାର ବଢ଼ି ଚାଲିଥିଲେ ମଧ୍ୟ ନିୟମିତ ଯାଞ୍ଚ ଅଭାବ ଏବଂ ଡ୍ରଗ୍ସ ଇନ୍ସପେକ୍ଟରମାନଙ୍କର ସାଲିସିଖୋର ମନୋଭାବ ଅସାଧୁ ବ୍ୟବସାୟୀଙ୍କ ପାଇଁ ରାସ୍ତା ଖୋଲି ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ପୁରୁଣା ଚେର...

ଠକେଇ ଚାଲିଥିଲା ଏବଂ ରାଜ୍ୟର କୋଣଅନୁକୋଣରେ ସେ ସବୁର ବହୁଳ ବିକ୍ରି ପାଇଁ ଯୋଜନାବଦ୍ଧ ର‌୍ୟାକେଟ୍ କିପରି କାର୍ଯ୍ୟ କରୁଥିଲା ତାହା କ୍ରମଶଃ ଜଣାପଡ଼ିଥିଲା। ଏହି ଘଟଣାରେ ବଲାଙ୍ଗୀର ଜିଲାର ତତ୍କାଳୀନ ଡ୍ରଗ୍ସ ଇନ୍ସପେକ୍ଟର ଏବଂ ନକଲି ଔଷଧ କାରବାରର କିଙ୍ଗପିନ୍ ଶଙ୍କରଲାଲ ଅଗ୍ରୱାଲ, ତାଙ୍କ ପୁଅ ସମେତ ୫ଜଣଙ୍କୁ ଗିରଫ କରାଯାଇଥିଲା। ଏହାସହିତ ରାଜ୍ୟବ୍ୟାପୀ ଔଷଧ ଦୋକାନଗୁଡ଼ିକରେ ଚଢ଼ାଉ କରାଯାଇ ନମୁନା ସଂଗ୍ରହ କରାଯିବା ସହ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯାଇଥିଲା। ତେବେ ସେହି ସମୟରେ ସବୁଠୁ ବଡ଼ ଚର୍ଚ୍ଚା ଥିଲା ନକଲି ଔଷଧ ବ୍ୟବସାୟୀ ଶଙ୍କରଲାଲ ଅଗ୍ରୱାଲଙ୍କ ସହ ପଶ୍ଚିମାଞ୍ଚଳର ଜଣେ ତତ୍କାଳୀନ ମନ୍ତ୍ରୀଙ୍କ ସୁସମ୍ପର୍କ।

## କୋଭିଡ୍ ଅନାଥଙ୍କୁ....

ମହାମାରୀ ସମୟରେ ଅନେକ ପିଲା ଅନାଥ ହୋଇଛନ୍ତି। ମାତା, ପିତାଙ୍କ ମୃତ୍ୟୁ ହୋଇଯିବା ଫଳରେ ପିଲାମାନଙ୍କ ପାଠପଢ଼ା ସହ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାରେ ସମସ୍ୟା ପରିଲକ୍ଷିତ ହୋଇଛି। ଏପରି ସମୟରେ ରାଜ୍ୟ ସରକାର ଏହି ଅନାଥ ପିଲାଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଏବେ ସୁଦ୍ଧା କୋଭିଡ୍ ଯୋଗୁ ମାତା, ପିତାଙ୍କୁ ହରାଇଥିବା ୧୨ ଜଣ ପିଲାଙ୍କୁ ଭତ୍ତା ପାଇଁ ଚିହ୍ନଟ କରାଯାଇଛି। କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜରୁ ୩ ଜଣ ଲେଖାଏ, ଭଦ୍ରକ, ରାୟଗଡ଼ା ଓ ଦେବଗଡ଼ରୁ ୨ ଜଣ ଲେଖାଏଙ୍କୁ ଭତ୍ତା ପ୍ରଦାନ କରାଯିବ। ଅନାଥ ଶିଶୁଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ସରକାର ସହାୟତା କରିବେ। କରୋନାରେ ମାତା, ପିତାଙ୍କୁ ହରାଇଥିବା ଅନାଥଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ କୋଭିଡ୍ ଦ୍ୱାରା ଅନାଥ ହୋଇଥିବା ଏ ପର୍ଯ୍ୟନ୍ତ ୩୫ ଜଣ ପିଲାଙ୍କୁ ଚିହ୍ନଟ କରାଯାଇଛି। ତହସିଲଦାରମାନଙ୍କୁ ଯଥା ସମ୍ଭବ ରିପୋର୍ଟ ଦେବାକୁ କୁହାଯାଇଛି। ମଧୁବାବୁ ପେନ୍‌ସନ ଯୋଜନାରେ ରାଜ୍ୟ ସରକାର ଆଗୁଆ ୩ ମାସର ଭତ୍ତା ପ୍ରଦାନ କରିବେ। ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଅନାଥ ପିଲାଙ୍କୁ ସେମାନଙ୍କ ଘରେ ଏହି ଭତ୍ତା ପ୍ରଦାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

## କାଳିମେଳାରେ ଡିଜେଲ...

ସୂଚନା ଦେଇଛନ୍ତି। ଗତ ଏପ୍ରିଲ ୧୫ରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ସାମାନ୍ୟ ହ୍ରାସ ହୋଇଥିଲା। ଏହା ପର ଠାରୁ ଅଦ୍ୟାବଧି ମୂଲ୍ୟ ବୃଦ୍ଧି ପାଇ ଚାଲିଛି। ଗତ ୨ ମାସ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୬.୦୪ ଟଙ୍କା ଏବଂ ଡିଜେଲ ୭.୧୩ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୯ ପଇସା ଏବଂ ଡିଜେଲ ୩୦ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୬.୪୧ ଟଙ୍କା ଏବଂ ଡିଜେଲ ୮୭.୨୮ ଟଙ୍କାରେ ପହଞ୍ଚିଛି। ମେ ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୬.୦୧ ଟଙ୍କା ଏବଂ ଡିଜେଲରେ ୬.୫୫ ଟଙ୍କା ବୃଦ୍ଧି ଘଟିଲାଣି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୭.୬୯ ଟଙ୍କା, ୯୬.୩୪ ଟଙ୍କା ଏବଂ ୧୦୨.୫୮ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ୯୧.୯୨ ଟଙ୍କା, ୯୦.୧୨ ଟଙ୍କା ଏବଂ ୯୪.୭୦ ଟଙ୍କା ଛୁଇଁଥିବା ଜଣାପଡିଛି।

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ,ତେଲଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଏବଂ ଲଦାଖ ଭଳି କେନ୍ଦ୍ର ଶାସିତ ଅଞ୍ଚଳରେ ତେଲ ଦର ରେକର୍ଡ ସ୍ତରରେ ପହଞ୍ଚିଛି। ମହାମାରୀ ସମୟରେ ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୦୭ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ଡିଜେଲ ମଧ୍ୟ ୧୦୦ ଟଙ୍କା ଟପି ଯାଇଥିବା ସୂଚନା ମିଳିଛି।

କରୋନା ମହାମାରୀ ଭଳି ମାନ୍ଦାବସ୍ଥା ସମୟରେ କ୍ରମାଗତ ତୈଳ ଦର ବୃଦ୍ଧି ଖାଉଟିଙ୍କ ଉପରେ ବେଶ ପ୍ରଭାବ ପକାଇଛି। ଏଭଳି ସମୟରେ ତେଲ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବର୍ଦ୍ଧିତ ଟିକସ ହ୍ରାସ ନପାଇବା ଯୋଗୁ ଏହାର ପ୍ରଭାବ ତୈଳ ବଜାର ଉପରେ ପଡୁଛି। ଗୋଟିଏ ପଟରେ ତୈଳ ଦର ବୃଦ୍ଧି ଅପରପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଉଚ୍ଚ ରହିବା ଯୋଗୁ ସବୁବର୍ଗର ଲୋକ ଅତିରିକ୍ତ ଖର୍ଚ୍ଚନ୍ତା ହେଉଛନ୍ତି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଓଜେଇଇ ସ୍ଥଗିତ...

ଛାତ୍ରୀଛାତ୍ରମାନେ ଜୁଲାଇ ୧୨ ସୁଦ୍ଧା ଆବେଦନ କରିପାରିବେ। ଏଥିପାଇଁ ସେମାନେ ଜୁଲାଇ ୧୪ ମଧ୍ୟରେ ଫି' ଦାଖଲ କରିବାର ଶେଷ ତାରିଖ ରହିଛି। ସୂଚନାଯୋଗ୍ୟ, ପ୍ରଥମେ ଓଜେଇଇ ଆବେଦନ ପାଇଁ ଶେଷ ସମୟ ମେ' ୧୫ ରଖାଯାଇଥିଲା। ସରକାର ଲକ୍‌ଡାଉନ ପ୍ରକ୍ରିୟା ଆରମ୍ଭ କରିଦେଇଥିବାରୁ ଏହାକୁ ଜୁନ ୧୫କୁ ଘୁଞ୍ଚାଇ ଦିଆଯାଇଥିଲା। ଏଥିପାଇଁ ଜୁନ୍ ୧୭ ଫି' ଦାଖଲ କରିବାର ଶେଷ ତାରିଖ ଥିଲା।

## ବେଦାନ୍ତର ଅସୁରକ୍ଷିତ...




ଏମ୍‌ଡିଓ ପାଇଁ ବେଦାନ୍ତ ପକ୍ଷରୁ ପ୍ରକାଶିତ ନିଯୁକ୍ତି ବିଜ୍ଞାପନ।

କ୍ୟୁବିକ ମିଟର ବିଷାକ୍ତ ପାଣିକୁ ଡମଶାଳା ନାଳରେ ଛାଡ଼ି ଦେଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସୁରେଶ କୁମାର ସମେତ ୩ଜଣ ବ୍ୟକ୍ତି ୧୨।୩।୨୦୨୧ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ସଦସ୍ୟ ସଚିବ ଏବଂ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କୁ ସବିଶେଷ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପିସିବି ସଦସ୍ୟ ସଚିବ ୧୯।୪।୨୦୨୧ରେ ତାଙ୍କ ପତ୍ରସଂଖ୍ୟା ୭୨୩୪ରେ ଅଭିଯୋଗକାରୀଙ୍କୁ ଅବଗତ କରାଇଥିଲେ। ସେହିପରି ଡମଶାଳା ନାଳରେ ବେଦାନ୍ତ ବିଷାକ୍ତ ପାଣି ଛାଡ଼ିବା ପରେ ଖଣି ଖନନ କାର୍ଯ୍ୟ ଆରମ୍ଭ କରିଥିଲେ ହେଁ କୌଣସି ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟି ଦେଇନାହିଁ ବୋଲି ଅନ୍ୟତମ ଅଭିଯୋଗକାରୀ ୨୭।୫।୨୦୨୧ରେ 'ସେଣ୍ଟ୍ରାଲାଇଜଡ୍ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସ୍ ଆଣ୍ଡ୍ ମନିଟରିଂ ସିଷ୍ଟମ୍' ପୋର୍ଟାଲ୍‌ରେ ଅଭିଯୋଗ କରିଥିଲେ। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ବେଦାନ୍ତ ସେଠାରେ ଖଣି ଉତ୍ତୋଳନ ଜୋର୍‌ଦାର ଚଳାଇଥିବା ଶ୍ରମିକଙ୍କଠାରୁ ଜଣାପଡ଼ିଛି।

ସୂଚନା ଅଧିକାର ଆଇନ ବଳରେ ଡିଏମ୍‌ଏସ୍‌ରୁ ମିଳିଥିବା ତଥ୍ୟ ଅନୁସାରେ ୧୫।୯।୨୦୧୬ ରାତିରେ ଓସ୍ତପାଳ କ୍ରୋମାଇଟ ଖଣିର ଡମ୍ପରୁ ବଡ଼ଧରଣର ମାଟି ଅତଡ଼ା ଖସିଥିଲା। ପ୍ରାୟ ୪ ଲକ୍ଷ କ୍ୟୁବିକ ମିଟର ମାଟି ଖଣି ଗର୍ଭରେ ପଡିଥିଲା। କିନ୍ତୁ ରାତି ହୋଇଥିବାରୁ କୌଣସି ଜୀବନହାନି ହୋଇ ନ ଥିଲା। ସେହିପରି ୧୯।୯।୨୦୧୮ରେ ଏହି ଖଣିର ଉତ୍ତର ଦିଗକୁ ୪ଟି ବେଞ୍ଚ୍ ଭୁଶୁଡି ପଡିବାରୁ ପ୍ରାୟ ୭୦ ହଜାର କ୍ୟୁବିକ ମିଟର ମାଟି ଖଣି ଗର୍ଭରେ ପଡ଼ିଥିଲା। ଏହା ମଧ୍ୟ ସୌଭାଗ୍ୟବଶତଃ ରାତିରେ ହୋଇଥିଲା। ପୂର୍ବରୁ ୧୬।୨।୨୦୧୧ରେ ମଧ୍ୟ ବେଞ୍ଚ/ଡମ୍ପରୁ ମାଟି ଅତଡା ଖସିଥିବାର ସୂଚନା ମିଳିଛି।

ଓସ୍ତପାଳ କ୍ରୋମାଇଟ୍ ଖଣି ଅସୁରକ୍ଷିତ ରହିଥିବା ପୂର୍ବରୁ ଅଭିଯୋଗ ହୋଇଆସିଛି। ଏଭଳିସ୍ଥଳେ ବେଦାନ୍ତ ୨।୬।୨୦୨୧ରେ ଏକ ଇଂଲିଶ୍ ଦୈନିକ ଖବରକାଗଜରେ ମାଇନ ଡେଭଲପର ଆଣ୍ଡ ଅପରେଟର(ଏମ୍‌ଡିଓ) ନିଯୁକ୍ତି ନିମନ୍ତେ ବିଜ୍ଞାପନ ଜାରି କରିଛି। ଏହାଦ୍ୱାରା ଖଣି ପରିଚାଳନା ଦାୟିତ୍ୱ ଅନ୍ୟ ସଂସ୍ଥା ବୁଝିବ। ଏ ବାବଦରେ ବେଦାନ୍ତ ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ଉକ୍ତ ସଂସ୍ଥାକୁ ଦେବ। ଏଭଳି ବିଜ୍ଞାପନକୁ ନେଇ ଚର୍ଚ୍ଚା ହେଉଛି ଯେ, ବେଦାନ୍ତ ବିନିଯୋଗ କରିଥିବା ୨୭୦ କୋଟି ଟଙ୍କାଠାରୁ ବହୁଗୁଣ ଆଦାୟ କରିବ ଏବଂ କୌଣସି ଦୁର୍ଘଟଣା ଘଟିଲେ ନିଜେ ଖସିଯିବାର ସହଜ ଉପାୟ ପାଇବ ଏବଂ ଏମ୍‌ଡିଓ ସଂସ୍ଥା ସ୍ଥିତି ସମ୍ଭାଳିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଚନ୍ଦ୍ରମଙ୍ଗଳ ଯୋଗରୁ ଦୀର୍ଘଦିନ ହେଲା ଚେଷ୍ଟା କରୁଥିବା କାମରେ ଆକସ୍ମିକ ସଫଳତା ପାଇବେ। ନୂତନ ଯୋଜନାରେ ଉଚ୍ଚାଶା ମୂଲ୍ୟହୀନ ହେବନାହିଁ। ପରିବହନ ବ୍ୟବସାୟରେ ଶିଥିଳତା ଦେଖାଦେବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ପରିବାରରେ ଅଶାନ୍ତ ଦୂର କରିବାରେ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡ଼ିବାର ସୂଚନା ରହିଛି ।

**ବୃଷ**
ଆଜି କୌଣସି କ୍ଷେତ୍ରରେ ଆପଣ ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ପିଲାମାନଙ୍କ ବିଷୟରେ, ସମ୍ପର୍କ ହାନି କାରଣରୁ ମାନସିକ ଅସ୍ଥିରତା ଦେଖାଦେବ।

**ମିଥୁନ**
ପ୍ରତିବନ୍ଧକ ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ସଫଳତା ପାଇବେ ନାହିଁ। ପରିସ୍ଥିତିର ଗୁରୁତ୍ୱ କାରଣରୁ ପରିବାରରେ ମତ ରଖିବାରେ ପଛେଇ ଯାଇପାରନ୍ତି।

**କର୍କଟ**
ଯାହା ବହୁ ଦିନ ହେଲା ଭାବୁଥିଲେ ଆଜି ତାହା ବାସ୍ତବରେ ପରିଣତ ହେବ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ବନ୍ଧୁମାନଙ୍କଠାରୁ ସହଯୋଗ ପାଇବେନି। ଯାନ ବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧା ଭୋଗି ପାରନ୍ତି। ପ୍ରଶାସନିକ ସ୍ଥିତି ବହୁତ ଭଲ ରହିବ ଏବଂ ଫଳପ୍ରଦ ଆଲୋଚନା କରିପାରନ୍ତି।

**ସିଂହ**
ଦିନଟିରେ ଆର୍ଥିକ ଉନ୍ନତି ସହ ବନ୍ଧୁ ସମ୍ପର୍କ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବା ସଙ୍ଗକୁ ପାରିବାରିକ ଅସ୍ଥିରତା ଦୂର ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ ଓ ଅଟକି ରହିଥିବା କାମଟିକୁ ସାକାର କରିପାରିବେ। ନିକଟସ୍ଥ କୌଣସି ବ୍ୟକ୍ତିଙ୍କ ଭୁଲ୍ ବୁଝାମଣା ଆକସ୍ମିକ ବିବାଦ ସୃଷ୍ଟି କରିପାରେ।

**କନ୍ୟା**
ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ପଡୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପାରିବାରିକ ଦିଗରୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସଜାସଜିରେ ବ୍ୟସ୍ତ ରହିପାରନ୍ତି। ବିବାଦୀୟ କ୍ଷେତ୍ର କିମ୍ବା ପରିବେଶରୁ ନିଜକୁ ଦୂରେଇ ରଖିବା ଠିକ୍ ହେବ।

**ତୁଳା**
ଶାରୀରିକ ଅସୁସ୍ଥତା ରହିଥିଲେ ମଧ୍ୟ କେତେକ କାମ କରିବାକୁ ପଡ଼ିବ। ଆଶା କରୁଥିବା ଦିଗରୁ ସହକର୍ମୀମାନଙ୍କ ସାହାଯ୍ୟରେ ଅର୍ଥ ପାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରୁ କିମ୍ବା ଉଚ୍ଚସ୍ତରରୁ ଏପରି କି ସଭାସମିତିରୁ ସମ୍ମାନିତ ହେବେ। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ କିନ୍ତୁ ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ।

**ବିଛା**
ସମସ୍ୟା ଆସିଲେ ମଧ୍ୟ ତାହାର ସରଳ ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ସ୍ତ୍ରୀ ଓ ପିଲାଛୁଆଙ୍କ ସ୍ୱାସ୍ଥ୍ୟ ହାନି ହେତୁ ଅଧିକାଂଶ ସମୟ ଚିନ୍ତା କରିପାରନ୍ତି। ସରକାରୀ ସ୍ତରରୁ ଶୁଭ ଖବର ପାଇ ଖୁସି ହେବେ।

**ଧନୁ**
ଅନ୍ୟମାନଙ୍କ ଉପରେ ଅଭିମାନ କରି ସ୍ୱାସ୍ଥ୍ୟପ୍ରତି ଅବହେଳା କରିବା ହେତୁ ଅନୁତାପ କରିବାକୁ ପଡିପାରେ। ସଂଗଠନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାର ଭିତରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମକର**
ଆର୍ଥିକ ଦିଗରୁ ଆଜି ଦିନଟି ବହୁତ ଭଲ, ଫଳରେ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ସକାଶେ ଟେନସନ ବଢିଯିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଭାସମିତି, ପଢ଼ା ଓ ଚୁକ୍ତିପତ୍ରରୁ ଶୁଭଫଳ ପାଇବେ। ବନ୍ଧୁଙ୍କଠାରୁ କୌଣସି ଖବର ପାଇ ଖୁସି ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ସଫଳତା ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ରୋଗ, ଋଣ ଓ ଶତ୍ରୁତା ଚିନ୍ତାର ମୁଖ୍ୟ କାରଣ ହେବାର ଆଶଙ୍କା ରହିଛି। ସ୍ଥଗିତ କାମକୁ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ରାସ୍ତାରେ କିଛି ଜିନିଷ ଅନ୍ୟମନସ୍କତାବଶତଃ କୌଣସି ସ୍ଥାନରେ ହଜାଇ ବ୍ୟସ୍ତ ହେବେ।

**ମୀନ**
ଆଜି ଯାତ୍ରା ଓ ବାଣିଜ୍ୟ ସକାଶେ ଦିନଟି ବହୁତ ଭଲ। ବନ୍ଧୁ ମିଳନରୁ ଖୁସି ରହିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ଏବଂ ବିଜୟ ଲାଭର ସମ୍ଭାବନା ମଧ୍ୟ ରହିଛି। ଡାଇବେଟିସ୍ କିମ୍ବା ଗ୍ୟାଷ୍ଟିକ୍ ରୋଗୀମାନଙ୍କ ସକାଶେ ସମୟ ଅନୁକୂଳ ରହିବନାହିଁ।

ଆଜି ରଜସଂକ୍ରାନ୍ତି, ଜ୍ୟେଷ୍ଠ ଶୁକ୍ଳ ୫ମୀ ମଙ୍ଗଳବାର, ଶିବବିବାହ, ଶ୍ରୀମନ୍ଦିରରେ ଶିବ ବିବାହ ପର୍ବ, ଜୁନ୍ ୧୫ ତାରିଖ, ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ମକର ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୧୧ମି. ଗତେ ଘ.୦୭.୪୯ମି. ମଧ୍ୟେ, ଘ.୦୩.୪୪ମି. ଗତେ ଘ.୦୪.୩୭ମି. ମଧ୍ୟେ ଅମୃତବେଳା। ଦିବା ଘ.୦୨.୫୧ମି. ଗତେ ଘ.୦୩.୪୪ମି.ମଧ୍ୟେ,ଘ.୦୪.୩୭ମି.ଗତେଘ.୦୫.୩୦ମି.ମଧ୍ୟେମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୩.୦୫ମି. ଗତେ ଘ.୦୪.୪୪ମି. ମଧ୍ୟେ ରାହୁକାଳ।

# ଅବସରପ୍ରାପ୍ତ ଜିଲାପାଳଙ୍କ ଘରେ ଶିଶୁ ଶ୍ରମିକ

ଭୁବନେଶ୍ୱର,୧୪।୬(ବ୍ୟୁରୋ)

## ଉଦ୍ଧାର କଲା ଚାଇଲ୍ଡ ଲାଇନ୍

- ଗତବର୍ଷରୁ କାମ କରୁଥିଲେ ୧୨ବର୍ଷର ନାବାଳିକା
- ଘଟଣାକୁ ଭିନ୍ନ ରୂପ ଦେବାକୁ ଚାଲିଛି ଉଦ୍ୟମ

ଉଚ୍ଚ ଶିକ୍ଷିତ ତଥା ବୁଦ୍ଧିଜୀବୀଙ୍କ ସହର କୁହାଯାଉଥିବା ରାଜଧାନୀ ଭୁବନେଶ୍ୱରରେ ବେଆଇନ ଭାବେ କୋମଳମତି ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜିତ କରାଯାଉଛି। ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଜଣେ ଅବସରପ୍ରାପ୍ତ ଜିଲାପାଳଙ୍କ ଘରେ ସୋମବାର ଚାଇଲ୍ଡ ଲାଇନ୍ ଓ ସ୍ଥାନୀୟ ପୋଲିସ ଚଢ଼ାଉ କରି ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ଉଦ୍ଧାର କରିଛି। ପରେ ତାଙ୍କୁ ଅତିରିକ୍ତ ସିଡବ୍ଲ୍ୟୁସିଙ୍କ ନିକଟରେ ହାଜର କରାଯାଇଥିଲା। ପଚରାଉଚରା କରାଯାଇ ସେଠାରୁ କଳିଙ୍ଗବିହାରସ୍ଥିତ ଏକ ଆଶ୍ରୟ ସ୍ଥଳକୁ ପଠାଇ ଦିଆଯାଇଛି। ଚାଇଲ୍ଡ ଟ୍ରାଫିକିଂ ନେଇ ନୟାପଲ୍ଲୀ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ କରାଯାଇଥିବା ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉଦ୍ଧାର ନାବାଳିକାଙ୍କ ଘର ବ୍ରହ୍ମପୁରରେ। ତାଙ୍କ ବାପା ଜଣେ ରିକ୍ସାଚାଳକ ହୋଇଥିବାବେଳେ ମା' ପର ଘରେ କାମ କରନ୍ତି। ନାବାଳିକା ଜଣକ ୫ ଶ୍ରେଣୀରେ ପଢୁଥିବାବେଳେ ଗତବର୍ଷ କରୋନା କମିଯିବା ପରେ ତାଙ୍କୁ ଭୁବନେଶ୍ୱର ଅଣାଯାଇଥିଲା। ୨୦୨୦ ନଭେମ୍ବର ମାସରୁ ଅବସରପ୍ରାପ୍ତ ଜିଲାପାଳଙ୍କ ଘରେ ରହି ମାସିକ ପାରିଶ୍ରମିକରେ କାମ କରୁଥିଲେ। ଶିଶୁ ଶ୍ରମିକ ପ୍ରଥାର ବିଲୋପ ପାଇଁ ସରକାର ଉଦ୍ୟମ କରୁଥିବାବେଳେ ଏଥିପାଇଁ ସ୍ୱତନ୍ତ୍ର ଆଇନ ମଧ୍ୟ କାର୍ଯ୍ୟ କରୁଛି। ଏସବୁ ଆଇନର କାର୍ଯ୍ୟକାରୀ କରିବା ଦାୟିତ୍ୱ ତୁଲାଇଥିବା ଜଣେ ଅବସରପ୍ରାପ୍ତ ଜିଲାପାଳ ନିଜ ଘରେ ଜଣେ ଶିଶୁଙ୍କୁ ଶ୍ରମିକ ଭାବେ କିପରି ଖଟାଉଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ସମ୍ବେଦନଶୀଳ ଘଟଣା ହେଲା, ଅବସରପ୍ରାପ୍ତ ଜିଲାପାଳଙ୍କ ପୁଅ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ହାଇଦ୍ରାବାଦରେ ପ୍ରଫେସର ଅଛନ୍ତି ଓ ତାଙ୍କ ବୋହୂ ନୟାପଲ୍ଲୀ ଅଞ୍ଚଳରେ ଏକ ଇଂଲିଶ ମିଡିୟମ ସ୍କୁଲ୍ କରିଛନ୍ତି। ତେବେ ଏକ ଶିକ୍ଷିତ ସମ୍ଭ୍ରାନ୍ତ ପରିବାରରୁ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବାରୁ ଘଟଣାକୁ ଚପାଇ ଦେବାକୁ ଚାରିଆଡ଼ୁ ଉଦ୍ୟମ ଚାଲିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଡିସିପି ଉମାଶଙ୍କର ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ବାବଦରେ ଆମେ ଅବଗତ ଅଛୁ। ଏ ସମ୍ପର୍କରେ ଆମେ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)କୁ ରିପୋର୍ଟ ମାଗିଛୁ। ରିପୋର୍ଟ ଆସିବା ମାତ୍ରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଏନେଇ ସିଡ଼ବ୍ଲୁସି କମିଶନର ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ନାବାଳିକା ଉଦ୍ଧାର ଘଟଣାର ତଦନ୍ତ ଆରମ୍ଭ କରାଯାଉଛି। କେଉଁ ପରିପ୍ରେକ୍ଷୀରେ ନାବାଳିକା ଜଣକ ତାଙ୍କ ଘରକୁ ଆସିଛନ୍ତି ଓ ସେ ସେଠାରେ କେଉଁ ପରିସ୍ଥିତିରେ ରହୁଥିଲେ, ସେ ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି। ଏହାପରେ ଯାହା ସମ୍ଭବ ତାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସନ୍ଧ୍ୟାବତୀ କହିଛନ୍ତି।




ଧ-୨୦୮୮୯


## ସଂକ୍ଷେପରେ

### ନର୍ସଙ୍କୁ ବଳାତ୍କାର, ଯୁବକ ଗିରଫ

ଭୁବନେଶ୍ୱର,୧୪।୬(ବ୍ୟୁରୋ): ଇନ୍‌ଫୋସିଟି ଥାନା ଅଞ୍ଚଳର ଜଣେ ନର୍ସଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ କାକରୁଦ୍ରପୁର ଗାଁର ଅରିଜିତ ଜେନା(୨୪)। ସୂଚନା ମୁତାବକ, ଅରିଜିତ କ୍ୟାପିଟାଲ ହସ୍ପିଟାଲରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରନ୍ତି। ପୀଡ଼ିତା ଇନ୍‌ଫୋସିଟି ଥାନା ଅଞ୍ଚଳରେ ରହୁଥିଲେ। ସେ ନର୍ସ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ଡ୍ୟୁଟିରେ ଆସିଥିଲେ। ହସ୍ପିଟାଲରେ ଉଭୟ ପରିଚିତ ହେବା ପରେ ପ୍ରେମ ସମ୍ପର୍କ ହୋଇଥିଲା। ମାର୍ଚ୍ଚ ୧୭ରେ ଅରିଜିତ ନର୍ସଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ନର୍ସଙ୍କ ଘର ତରଫରୁ ବିବାହ ପ୍ରସ୍ତାବ ଉଠିବାରୁ ଅରିଜିତ ଓ ତାଙ୍କ ପରିବାର ମନା କରିଥିଲେ। ପରେ ପୀଡ଼ିତା ଗତ ୧୦ ତାରିଖରେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ରବିବାର ଏକ ମାମଲା(ନଂ. ୧୨୭/୨୧, ଦଫା ୩୭୬) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର କ୍ୟାପିଟାଲ ହସ୍ପିଟାଲକୁ ଡ୍ୟୁଟି ପାଇଁ ଯାଉଥିବାବେଳେ ପୋଲିସ ରାସ୍ତା ଉପରୁ ଅଭିଯୁକ୍ତଙ୍କୁ ଉଠାଇ ନେଇଥିଲା। ପରେ ପଚରାଉଚରା କରି ପୋଲିସ ଅରିଜିତଙ୍କୁ ଗିରଫ କରିଥିଲା।

### ୨୯୦ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର,୧୪।୬(ବ୍ୟୁରୋ): ଭାରତୀୟ ରେଡକ୍ରସ ସୋସାଇଟି, ପୋଲିସ କମିଶନରେଟ୍ ଆଞ୍ଚଳିକ ଶାଖା ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ଭୁବନେଶ୍ୱର ଓ କଟକର ୬ଟି ସ୍ଥାନରେ ଏହି ଶିବିର ଆୟୋଜିତ ହୋଇଥିଲା। ସମସ୍ତ ଶିବିରରୁ ମୋଟ ୨୯୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୋଲିସ କମିଶନରେଟ୍ ରେଡକ୍ରସ୍ ଶାଖାର ଅଧ୍ୟକ୍ଷ ତଥା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଦୁଇଟି ରକ୍ତଦାନ ଶିବିରରେ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମସ୍ତ ଶିବିରରେ ଶାଖାର ଯୁଗ୍ମ ସମ୍ପାଦକ ତଥା ଏସିପି ଲଳିତେନ୍ଦୁ ମହାନ୍ତି ଓ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲୀପ ଦାଶଶର୍ମା ଯୋଗଦେଇଥିଲେ। ଗୋଟିଏ ଦିନରେ ୬ଟି ରକ୍ତଦାନ ଶିବିର ଆୟୋଜନ ହେବା ରେଡକ୍ରସ୍ ପାଇଁ ପ୍ରଥମ ଘଟଣା। ଏଥିରେ ଓଡ଼ିଶା ୟୁଥ୍ ଓ ସୋସିଆଲ ଆକ୍ସନ, ସମର୍ପିତା ସୋସିଆଲ ଫାଉଣ୍ଡେଶନ, ରତ୍ନାକର ଦାଶ ଫାଉଣ୍ଡେଶନ ଆଦି ସହଯୋଗ କରିଥିଲେ।

## ଲକ୍ଷ୍ୟ ଏକ, ଚିତ୍ର ଭିନ୍ନ



ଭୁବନେଶ୍ୱର ୟୁନିଟ୍-୧ ଅସ୍ଥାୟୀ ହାଟରେ ଗଦା ହୋଇଥିବା ପରିବା ଆବର୍ଜନାକୁ ଏକ ଷଣ୍ଢ ଖାଉଥିବାବେଳେ ତା' ଭିତରୁ ଜଣେ ବୃଦ୍ଧା ଟମାଟୋ ସଂଗ୍ରହ କରୁଛନ୍ତି।

## ରାଜଧାନୀରେ ଗୋଧି ର୍ୟାକେଟ୍

ଭୁବନେଶ୍ୱର,୧୪।୬(ବ୍ୟୁରୋ)

- ୮ ଗୋଧି ଉଦ୍ଧାର, ୨ ଗିରଫ
- ଅଭିଯୁକ୍ତଙ୍କୁ ବନ ବିଭାଗକୁ ହସ୍ତାନ୍ତର କଲା ପୋଲିସ

ଲକ୍‌ଡାଉନ୍‌ରେ ରାଜଧାନୀରେ ଗୋଧି ର୍ୟାକେଟ ସକ୍ରିୟ ରହିଛି। ବିଭିନ୍ନ ସ୍ଥାନରୁ ଜିଅନ୍ତା ଭୁବନେଶ୍ୱରରେ ପହଞ୍ଚୁଛି। କେତେକ ଦୋକାନୀ ଗୋଧି ମାରି ମାଂସକୁ ବିକ୍ରି କରୁଛନ୍ତି। ସୋମବାର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଗୋଧି ମାଂସ ବିକ୍ରି ପାଇଁ ଯୋଜନା ଚାଲିଥିବା ଖବରପାଇ ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଧରିଛି। ସେମାନେ ହେଲେ ଗଞ୍ଜାମ ଜିଲା ନୂଆଗାଁ ଥାନାର ଜି. ରାଘବ (୬୦) ଏବଂ ଜି. କ୍ରିଷ୍ଣା (୨୪)। କ୍ରିଷ୍ଣା ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଓ ରାଘବ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିଲେ। ତାଙ୍କଠାରୁ ଗୋଟିଏ ବସ୍ତାରେ ଥିବା ୮ଟି ଗୋଧି ଉଦ୍ଧାର ହୋଇଛି। ପରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ବନ ବିଭାଗକୁ ହସ୍ତାନ୍ତର କରିଛି। ଏ ନେଇ ମଞ୍ଚେଶ୍ୱର ରେଞ୍ଜରେ ଏକ ମାମଲା (ନଂ.୨/୨୧-୨୨) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ବନ ବିଭାଗର ମଞ୍ଚେଶ୍ୱର ରେଞ୍ଜରେ ହାଜତ ନ ଥିବାରୁ ଅଭିଯୁକ୍ତଙ୍କୁ ପାତ୍ରପଡାସ୍ଥିତ ଭୁବନେଶ୍ୱର ରେଞ୍ଜରେ ରଖାଯାଇଛି। ସେଠାରେ ସିଟି ଫରେଷ୍ଟ ଡିଭିଜନର ଏସିଏଫ୍ ପ୍ରଶାନ୍ତ ପଣ୍ଡା ସେମାନଙ୍କୁ ପଚରାଉଚରା ଜାରି ରଖିଛନ୍ତି। ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କ କରୋନା ପରୀକ୍ଷା ପରେ ଅଧିକ ତଦନ୍ତ କରାଯିବା ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟା ସମୟରେ କ୍ରିଷ୍ଣା ଓ ରାଘବ ଗୋଟିଏ ବସ୍ତାରେ ୮ଟି ଗୋଧି ଭର୍ତ୍ତି କରି ଲକ୍ଷ୍ମୀସାଗର ନିକଟ କେନାଲ ରୋଡ଼ର ଏକ ମାଂସ ଦୋକାନ ନିକଟରେ ଛିଡ଼ା ହୋଇଥିଲେ। ଲକ୍ଷ୍ମୀସାଗର ଥାନା ପୋଲିସ ଜାଣିବା ପରେ ଏକ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ସେମାନଙ୍କୁ ଯାଞ୍ଚ କରିବା ପରେ ଗୋଟିଏ ବସ୍ତାରୁ ୮ଟି ଗୋଧି ଥିବା ଜଣାପଡ଼ିଥିଲା।




ଉଦ୍ଧାର ହୋଇଥିବା ଗୋଧି ଓ ଗିରଫ ଅଭିଯୁକ୍ତ।

## ଶୀତଳଷଷ୍ଠୀ: ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୧୪।୬(ଡି.ଏନ୍.ଏ.)

ଚଳିତ ବର୍ଷ କୋଭିଡ୍ ପାଇଁ ବିନା ଭକ୍ତରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ତଥା ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ସୋମବାର ପହିଲି ରଜରେ ବିଧିମୁତାବକ ଲିଙ୍ଗରାଜଙ୍କ ମଙ୍ଗଳକୃତ୍ୟ ତଥା ମଙ୍ଗନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଦୈନିକ ନୀତି ମଙ୍ଗଳ ଆଳତି, ଅବକାଶ, ରୋଷହୋମ ଠାରୁ ଟେରାଫିଟା ନୀତି ସରିବା ପରେ ସନ୍ଧ୍ୟାଧୂପ ବେଶ କରାଯାଇଥିଲା। ପରେ ମହାସୁଆର ସେବାୟତ ଶ୍ରୀଜୀଉଙ୍କ ରୋଷରେ ପ୍ରସ୍ତୁତ କରିଥିବା ୧୬ଟି ଖେଚୁଡ଼ି ହାଣ୍ଡିକୁ ସନ୍ଧ୍ୟାଧୂପରେ ଶ୍ରୀଜୀଉଙ୍କୁ ଭୋଗ କରାଯାଇଥିଲା। ଠାକୁରାଣୀ ସନ୍ଧ୍ୟାଧୂପ ସରିବା ପରେ ଅଷ୍ଟଶମ୍ଭୁଙ୍କୁ ସମର୍ପଣ ପରେ ମନ୍ଦିର ବାହାରେ ଥିବା ପୂଜାପଣ୍ଡା, ପତ୍ରୀ, ପାଳିଆ ବଡୁ, କାହାଳୀ ମସାଲ ଓ ସାମନ୍ତରା ସେବକମାନଙ୍କ ସହ ପଟୁଆରେ ବାହାରିଥିଲେ। ମା' ମହନୀ, ରାମାୟଣୀ, କପାଳୀ, ଉତ୍ତରାୟଣୀ, ଗୌରୀ, ଅମ୍ବିକେ, ଦ୍ୱାର ବାସିନୀ, ବିନ୍ଧ୍ୟ ବାସିନୀ ଅଷ୍ଟଚଣ୍ଡୀଙ୍କୁ ପାଳିଆ ବଡୁ ସେବକ ଫୁଲ ଚନ୍ଦନ ଦେଇ ସାରିବା ପରେ ପାଳିଆ ପୂଜାପଣ୍ଡା ସେବକ ଅଷ୍ଟଚଣ୍ଡୀଙ୍କ ପାଖରେ ଉକ୍ତ ଅଷ୍ଟହାଣ୍ଡିକୁ ସମର୍ପଣ କରଥିଲେ। ଶ୍ରୀଜୀଉଙ୍କ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ମଧ୍ୟ ନିମନ୍ତ୍ରଣ କରିଥିଲେ। ଏହା ପରେ ବଡ଼ ସିଂହାର ପଞ୍ଚବକ୍ର ଆଳତି କରାଯାଇ ମନ୍ଦିର ପହଡ଼ ପଡ଼ିଥିଲା।

## ଲୁଣାନଦୀକୁ ଡେଇଁ ଯୁବକ ନିଖୋଜ

ନିଶ୍ଚିନ୍ତକୋଇଲି, ୧୪।୬ (ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ଲୁଣା ନଦୀକୁ ଡେଇଁ ଜଣେ ଯୁବକ ସୋମବାର ସନ୍ଧ୍ୟାରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ କେଣ୍ଡାଳୋ ଲଙ୍କା ସାହିର ପ୍ରହଲ୍ଲାଦ ଲେଙ୍କାଙ୍କ ପୁଅ ସ୍ମୃତିରଞ୍ଜନ ଲେଙ୍କା(୨୬)। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳି ନ ଥିଲା। ସେ ମଧ୍ୟାହ୍ନ ସମୟରେ ବାଇକ୍ ନେଇ ଲୁଣାନଦୀ ପଠାକୁ ଆସିଥିଲେ। ସେତେବେଳେ ନଦୀ ପଠାରେ ଏକାଧିକ ଲୋକ ବିଭିନ୍ନ କାର୍ଯ୍ୟ କରୁଥିଲେ। ସ୍ମୃତିରଞ୍ଜନ ବାଇକ୍ ନିକଟରେ ମନିପର୍ସ, ଘଣ୍ଟା ଓ ମୋବାଇଲ ରଖି ପାଣିକୁ ଡେଇଁ ପଡ଼ିଥିଲେ। ନଦୀକୁ ଡେଇଁବା ପରେ ସେ ବଞ୍ଚାଅ ବୋଲି କହି ଚିତ୍କାର କରିଥିଲେ। ପ୍ରଖର ସ୍ରୋତରେ ସେ ଭାସିଯାଇଥିଲେ।

## ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ବାଲିଅନ୍ତା,୧୪।୬(ଡି.ଏନ୍.ଏ.)

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ଥାନା ଅଧୀନ ବଇଁଚୁଆ ଗ୍ରାମର ପ୍ରତାପ ପରିଡ଼ା(୨୮)। ଗତ ୯ ତାରିଖ ଅପରାହ୍ନରେ ପ୍ରତାପ ବାଇକ୍‌ରେ ଘରରୁ ବାଲିଅନ୍ତା ଅଭିମୁଖେ ଆସୁଥିଲେ। ବାଲିଅନ୍ତା ଥାନା ନିକଟ ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ସାଇଡ୍ ମାରିଥିଲା। ସେ ଭାରସାମ୍ୟ ହରାଇ ବଡ଼ ପଥରରେ ପିଟିହୋଇ ଛିଟିକି ପଡ଼ିବାରୁ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ହସ୍ପିଟାଲ ନେଇଥିଲେ। ପ୍ରତାପ ପରିବାରର ଏକମାତ୍ର ରୋଜଗାରିଆ ଥିଲେ। ସେ ଠିକାଦାର କାର୍ଯ୍ୟ କରୁଥିଲେ। ପହିଲି ରଜରେ ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ପରିବାର ଓ ଗାଁରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ପ୍ରତାପଙ୍କ ବାପା ୨୬ବର୍ଷ ହେଲା ଘରୁ କେଉଁଆଡ଼େ ଚାଲିଯାଇଛନ୍ତି।

## ଓକିଲାତିନାମାରେ ୧୦୦ ଟଙ୍କାର ଅତିରିକ୍ତ ଷ୍ଟାମ୍ପ ଫି' ପ୍ରତ୍ୟାହାର ଦାବି

ଭୁବନେଶ୍ୱର,୧୪।୬(ବ୍ୟୁରୋ)

### ଆନ୍ଦୋଳନ ଚେତାବନୀ ଦେଲା ଭୁବନେଶ୍ୱର ଓକିଲ ସଂଘ

ବାର୍ କାଉନ୍‌ସିଲର ସ୍ପେଶାଲ କମିଟି ଦ୍ୱାରା ଆଧାରିତ ଓଡିଶା ଷ୍ଟେଟ୍ ବାର୍ କାଉନସିଲ ଓ୍ୱେଲ୍‌ଫେୟାର କର୍ପସ ଫଣ୍ଡ ରୁଲ୍ ୨୦୨୦କୁ ଆଇନଜୀବୀମାନେ ବିରୋଧ କରିବା ସହ ସହ କୋଭିଡ୍ ସମୟରେ ପ୍ରତ୍ୟେକ ଓକିଲାତିନାମାରେ ୧୦୦ ଟଙ୍କାର ଅତିରିକ୍ତ ଷ୍ଟାମ୍ପ ଫିଁକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି। ସେହିଭଳି ସ୍ୱତନ୍ତ୍ର କମିଟିର ନୂଆ ରିଜ୍ୟୁଲ୍ୟୁଶନ (୧୨.୫.୨୦୨୧) ଅନୁଯାୟୀ ହୋଇଥିବା ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଉ ବୋଲି କଟକ ବାର କାଉନ୍‌ସିଲ ସମ୍ମୁଖରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିଖିଳ ଓଡିଶା ଆଇନଜୀବୀ ସଂଘ ସଭାପତି ଜ୍ଞାନରଞ୍ଜନ ମହାନ୍ତି ଦାବି କରିଛନ୍ତି। ଏଥିସହ କୋଭିଡ୍‌ରେ ମୃତ ଆଇନଜୀବୀଙ୍କୁ ବାର କାଉନସିଲ ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇଦେବାକୁ ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଓକିଲ ସଂଘ ସମାନ ଦାବି କରି ଆନ୍ଦୋଳନ ଚେତାବନୀ ଦେଇଛି। ଏନେଇ ସଂଘ ସୋମବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ବିଭିନ୍ନ ଓକିଲ ସଂଘ ସହ ଆଲୋଚନା କରିଛି। ଖୁବଶୀଘ୍ର ବାର୍ କାଉନସିଲର ଏହି ନୂତନ ନିୟମ ପ୍ରତ୍ୟାହୃତ ନ ହେଲେ ବିଭିନ୍ନ ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦିଆଯାଇଛି। ଏହି ଭର୍ଚୁଆଲ ବୈଠକରେ ଭୁବନେଶ୍ୱର ଓକିଲ ସଂଘ ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ ବଡପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ଓ କାର୍ଯ୍ୟକାରୀ ସଦସ୍ୟମାନେ ଉପସ୍ଥିତ ରହି ଦାବି ନେଇ ମତ ରଖିଥିଲେ।

## ୬ ଲୁଗା ଦୋକାନ, ମଦ କାଉଣ୍ଟର ସିଲ୍

ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୧୪।୬

### ୧୬,୮୦୦ ଟଙ୍କା ଜରିମାନା ଆଦାୟ

ଦୈତନଗରୀରେ କେତେଜଣ ବ୍ୟବସାୟୀ ଲକ୍‌ଡାଉନ୍ କଟକଣାକୁ ଉଲ୍ଲଂଘନ କରି ଲୁଚାଛପାରେ ଦୋକାନ ଖୋଲି ବ୍ୟବସାୟ କରୁଥିବା ଦେଖାଯାଇଛି। ସୋମବାର ଭୁବନେଶ୍ୱରର ଡମଣା ଅଞ୍ଚଳରେ ଖୋଲାଥିବା ୫ ଲୁଗା ଦୋକାନକୁ ସିଲ୍ କରାଯାଇଛି। ଏଥିସହିତ ସମ୍ପୃକ୍ତ ଦୋକାନ ମାଲିକଙ୍କଠାରୁ ୧୧ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଏମ୍‌ସି ଓ ବିଡିଏର ୩ ଟିମ୍ ଏହି ଚଢାଉ କରି ଆବଶ୍ୟକ ପଦକ୍ଷେପ ନେଇଥିଲା।

ସେହିପରି କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ସୋମବାର କାଠଗୋଲା ସାହିସ୍ଥିତ ଏକ ମଦ ଦୋକାନରେ ଚଢାଉ କରାଯାଇଥିଲା। ଲୁଚାଛପାରେ ମଦ ବିକ୍ରି କରାଯାଉଥିବାବେଳେ ସ୍କ୍ୱାଡ ପକ୍ଷରୁ ଉକ୍ତ ଦୋକାନକୁ ସିଲ୍ କରାଯାଇଛି। ସେହିପରି ବାଲୁବଜାରର ଏକ ଦୋକାନରେ ଲୁଚାଛପାରେ ଲୁଗା ବିକ୍ରି ହେଉଥିବାବେଳେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଚଢାଉ କରିଥିଲା। ଏଥିସହ ଉକ୍ତ ଦୋକାନରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଅଧିକାରୀ ପରେଶ ନାୟକ କହିଛନ୍ତି, କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରିଥିବାରୁ ଉକ୍ତ ସ୍ଥାନରେ ଚଢାଉ କରାଯାଇଥିଲା।

## ୩ ନଂ. ୱାର୍ଡ କଣ୍ଟେନମେଣ୍ଟ ଜୋନ୍

ବାଙ୍କୀ,୧୪।୬(ସ୍ୱ.ପ୍ର.)

ବାଙ୍କୀ ବ୍ଲକ କଦଳିବାଡି ପଞ୍ଚାୟତର ୩ ନମ୍ବର ୱାର୍ଡର ବହୁ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ସରପଞ୍ଚ ପ୍ରକାଶ କୁମାର ବେହେରା ଉକ୍ତ ୱାର୍ଡକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଇନ୍ଦ୍ରମଣି ରାଉତଙ୍କ ଠାରୁ ଶିଖର ରାଉତଙ୍କ ଘର ପର୍ଯ୍ୟନ୍ତ ଅଞ୍ଚଳରେ ଏହି କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ସୋମବାର ସକାଳ ୬ ଟାରୁ ଜୁନ୍ ୨୧ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ବେହେରା କହିଛନ୍ତି।

ନିୟମ ମାନୁ ନଥିବା ବ୍ୟକ୍ତିଙ୍କ ବିରୋଧରେ ପଞ୍ଚାୟତରେ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ୪ ମୃତ, ୩୨୯ ଆକ୍ରାନ୍ତ: ୯୩୩ ସୁସ୍ଥ

ଭୁବନେଶ୍ୱର, ୧୪।୬ (ବ୍ୟୁରୋ)



ରାଜଧାନୀରେ କରୋନା ସଂକ୍ରମଣ ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଛି। ଗତ ୨୪ ଘଣ୍ଟାରେ ସହରରୁ ୩୨୯ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏହାର ଅଢ଼େଇ ଗୁଣରୁ ଅଧିକ ଅର୍ଥାତ୍ ୯୩୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୮୪,୪୪୭ରେ ପହଞ୍ଚିଥିବାବେଳେ ଆରୋଗ୍ୟ ସଂଖ୍ୟା ୭୯,୯୮୨ରେ ପହଞ୍ଚିଛି। ତେବେ ଦିନକରେ ପୁଣି ୪ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାରୁ ଏହି ସଂଖ୍ୟା ୩୮୧କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସହରରେ ୪ହଜାର ୬୩ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ତେବେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୨୪ଜଣ ରହିଛନ୍ତି। ସେହିପରି ନୀଳାଦ୍ରିବିହାରରୁ ୧୨ଜଣ, ପୁରୁଣା ଭୁବନେଶ୍ୱରରୁ ୭, ଖଣ୍ଡଗିରିରୁ ୧୭, ବଡଗଡରୁ ୧୧, ଡୁମୁଡୁମାରୁ ୭, ୧୨୦ ବାଟାଲିୟନ୍‌ରୁ ୪, ଲକ୍ଷ୍ମୀସାଗରରୁ ୧୧, ବରମୁଣ୍ଡାରୁ ୭, ହଂସପାଳରୁ ୫, ଜୟଦେବ ବିହାରରୁ ୬, ଝାରପଡାରୁ ୭, ଭିମଟାଙ୍ଗୀରୁ ୩, ଚନ୍ଦ୍ରଶେଖରପୁରରୁ ୯, ଶୈଳଶ୍ରୀ ବିହାରରୁ ୩, ଭିଏସ୍‌ଏସ୍ ନଗରରୁ ୮, ରସୁଲଗଡରୁ ୬, ୟୁନିଟ-୮ରୁ ୫, ୟୁନିଟ୍-୭ରୁ ୪, ଶହୀଦନଗରରୁ ୩ଜଣ ପଜିଟିଭ୍ ବାହାରିଛନ୍ତି।

## କିନ୍ନରଙ୍କୁ ମିଳିଲା ଟିକା

ଭୁବନେଶ୍ୱର, ୧୪।୬ (ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ସୋମବାର କିନ୍ନରମାନଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଚନ୍ଦ୍ରଶେଖରପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏହାକୁ ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ପରିଚାଳନା କରିଥିଲେ। ସେହିପରି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ, ଉତ୍କଳ ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତା ଓ ସପ୍ତମ ବାଟାଲିୟନ୍ ହାଇସ୍କୁଲ ପରିସରରେ ଜମାଟୋ ଡେଲିଭରି ବୟଙ୍କୁ ମଧ୍ୟ ସ୍ୱତନ୍ତ୍ର ଟିକାକେନ୍ଦ୍ର କରାଯାଇ ଟିକା ପ୍ରଦାନ କରାଯାଇଥିଲା।

## ରାଜଧାନୀରେ ଖୋଲିଲା ଆଉ ୪ ଟିକାକେନ୍ଦ୍ର

ଭୁବନେଶ୍ୱର, ୧୪।୬ (ବ୍ୟୁରୋ)

ରାଜଧାନୀରେ ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସହରର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର, ସ୍ୱତନ୍ତ୍ର କେନ୍ଦ୍ର ଓ ୧୦ଟି ସ୍ଥାନରେ ଡ୍ରାଇଭ ଇନ୍ ଭାକ୍ସିନେଶନ କେନ୍ଦ୍ରରେ ମଧ୍ୟ ଟିକାକରଣ କରାଯାଉଛି। ଏହି ତାଲିକାରେ ଏବେ ଆଉ ୪ ସ୍ଥାନ ଯୋଡି ହୋଇଛି। ସତ୍ୟନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜୟଦେବ ବିହାରସ୍ଥିତ ଇଏସ୍ଆଇ ହସ୍ପିଟାଲ, ୟୁନିଟ-୪ସ୍ଥିତ ସିଜିଏଚ୍‌ଏସ୍ ହସ୍ପିଟାଲ ଓ ଭରତପୁରସ୍ଥିତ ସେଣ୍ଟ୍ରାଲ୍ ଆୟୁର୍ବେଦିକ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ନୂତନ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ଏଠାରେ ୧୮ରୁ ୪୪ବର୍ଗଙ୍କୁ ପ୍ରଥମ ଡୋଜ୍ ଏବଂ ୪୫ରୁ ଊର୍ଦ୍ଧ୍ୱ ବର୍ଗଙ୍କ ପାଇଁ ଉଭୟ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ପ୍ରଦାନ କରାଯିବ। ମଙ୍ଗଳବାରଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଏଠାରେ ଟିକାକରଣ କରାଯିବ। ଏନେଇ ସୋମବାର ରାତି ୭ଟାରୁ ବୁକିଂ ଆରମ୍ଭ ହୋଇଛି। ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକା ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## 'ମଣିଷ ବ୍ୟତିରେକ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୪।୬(ବ୍ୟୁରୋ)

କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁଙ୍କ ସମ୍ପାଦିତ ଗଳ୍ପ ପୁସ୍ତକ 'ମଣିଷ ବ୍ୟତିରେକ' ସୋମବାର ଭର୍ଚୁଆଲରେ ଲୋକାର୍ପିତ ହୋଇଛି। ଲେଖକ, ପାଠକ, ପ୍ରକାଶକ ସାମ୍ମୁଖ୍ୟ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଲେଖିକା ଡ. ପ୍ରତିଭା ରାୟ ଉଦ୍‌ଘାଟନ କରିଥିଲେ। ରାଜନୀତିରେ ବ୍ୟସ୍ତତା ମଧ୍ୟରେ ଏପରି ଏକ ବିରଳ ଗ୍ରନ୍ଥ ସମ୍ପାଦନା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ଏଭଳି ଗଳ୍ପ ସଂକଳନ ମାଧ୍ୟମରେ ପାଠକଙ୍କୁ ପ୍ରକୃତି ଓ ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ କରିବାକୁ ଡ. ସାହୁ ଯେଉଁ ପ୍ରୟାସ କରିଛନ୍ତି ତାହା ଓଡ଼ିଆ ସାହିତ୍ୟରେ ବିରଳ ବୋଲି ଡ. ରାୟ କହିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଲେଖକ-ପାଠକ ଓ ପ୍ରକାଶକଙ୍କ ତ୍ରିବେଣୀ ସଙ୍ଗମ ହେଲେ ଭାଷା ଓ ସାହିତ୍ୟ ତିଷ୍ଠି ରହିବ ବୋଲି କହିଥିଲେ। କଥାକାର ଡ. ଅରବିନ୍ଦ ରାୟ ଓ ଡ. ଅଜୟ ସ୍ୱାଇଁ ପୁସ୍ତକର ସମୀକ୍ଷା କରିଥିଲେ। ଡ. ସାହୁ ଧନ୍ୟବାଦ ଦେବା ସହ, ମଣିଷ ଓ ମଣିଷ ବ୍ୟତିରେକ ଅନ୍ୟ ସଜୀବ ଓ ନିର୍ଜୀବ ଜଗତ ସମ୍ପର୍କରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି ମଣିଷଠାରୁ ମଣିଷ ବ୍ୟତିରେକଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ। ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ ସଞ୍ଚାଳନା କରିଥିଲେ।


अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019

AIIMS/BBSR/ENGG/EE-2021/PET-CT/109 Dated: 14th Jun 2021

NOTICE INVITING E-TENDER

The All India Institute of Medical Sciences (AIIMS), Bhubaneswar invites e-Tender for "Supply, Installation, Testing and Commissioning of Electrical Wiring Items, Panel & Laying of Cable for Installation of PET-CT and Cyclotron equipment at Hospital Complex, AIIMS, Bhubaneswar." Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.

Sd/-
Executive Engineer (Electrical)
AIIMS, Bhubaneswar

ଧରିତ୍ରୀ
DHARITRI
ମଙ୍ଗଳବାର, ୧୫ ଜୁନ୍, ୨୦୨୧

> ଏପରି କେବେ ଭାବିବ ନାହିଁ ଯେ, ସତ୍ୟ ଓ ମିଥ୍ୟା-ଆଲୋକ ଏବଂ ଅନ୍ଧକାର-ଆତ୍ମଦାନ ଏବଂ ସ୍ୱାର୍ଥପରତା-ଉଭୟଙ୍କୁ ଭଗବାନଙ୍କ ଲାଗି ନିବେଦିତ ହୋଇଥିବା ମନ୍ଦିର ଭିତରେ ଏକ ସଙ୍ଗେ ବାସ କରିବାକୁ ଦିଆଯାଏ। ଦିବ୍ୟ ରୂପାନ୍ତର ହେବ ସର୍ବାଙ୍ଗୀନ। ତେଣୁ ଯାହା କିଛି ତାର ପ୍ରତିରୋଧୀ ସେ ସବୁର ସର୍ବାଙ୍ଗୀନ ପରିହାର ନିତାନ୍ତ ଆବଶ୍ୟକ। —ଶ୍ରୀଅରବିନ୍ଦ



# ଅସହାୟ ଜି ୭

ବ୍ରିଟେନ୍‌ର କର୍ନୱାଲ୍‌ର କାର୍ବିସ୍ ବେ'ଠାରେ ୧୧ରୁ ୧୩ ଜୁନ୍ ଯାଏ ୩ ଦିନ ଧରି ୪୭ତମ ଜି ୭ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରଁ, ଜର୍ମାନୀ ଚାନ୍ସେଲର ଆଞ୍ଜେଲା ମର୍କେଲ, ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଦ୍ରାଘି, ଜାପାନ ପ୍ରଧାନମନ୍ତ୍ରୀ ୟୋସିହିଡେ ସୁଗା, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଉପସ୍ଥିତ ଥିଲେ। ଏମାନଙ୍କ ସହ ୟୁରୋପୀୟ ସଂଘ କମିଶନ ସଭାପତି ଉର୍ସୁଲା ଭନ୍ ଡେର୍ ଲିଏନ୍ ଓ କାଉନ୍‌ସିଲ ସଭାପତି ଚାର୍ଲସ ମିଶେଲ ଭାଗ ନେଇଥିଲେ। ନିମନ୍ତ୍ରିତ ରାଷ୍ଟ୍ରର ନେତା ଭାବେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ୍, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମଫୋସା, ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜେ-ଇନ୍ ସମ୍ମିଳନୀରେ ଉପସ୍ଥିତ ଥିବା ବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜୁମ୍ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭାଗ ନେବାକୁ ଦିଆଯାଇଥିଲା। ଏହାର କାରଣ ହେଉଛି ଭାରତରେ ଲାଗି ରହିଥିବା କରୋନା ସଂକ୍ରମଣ ଯୋଗୁ ମୋଦିଙ୍କୁ ଇଂଲଣ୍ଡ ଯାତ୍ରା କରିବାକୁ ଅନୁମତି ଦିଆଯାଇ ନ ଥିଲା। ସମ୍ମିଳନୀର ଚିତ୍ର ଦେଖିଲେ ନେତାମାନେ ସାମାଜିକ ଦୂରତା ବଜାୟ ରଖୁଥିବା ବେଳେ ମାସ୍କ ପିନ୍ଧି ନ ଥିଲେ, ଯେହେତୁ ସେମାନେ ଟିକା ନେଇସାରିଛନ୍ତି। ତେବେ ସେମାନଙ୍କୁ ନୈଶ ଭୋଜି ପାଇଁ ନିମନ୍ତ୍ରଣ କରିଥିବା ବ୍ରିଟେନ୍ ରାଣୀ ଏଲିଜାବେଥ ୨ୟ କୌତୂହଳରେ କହିଲେ ଯେ, ନେତାମାନଙ୍କ ମୁହଁ ଦେଖିଲେ ମନେହେଉଛି ଯେପରି ଏକ ସୁଖର ଉତ୍ସବ ପାଳୁଛନ୍ତି।

ସମ୍ମିଳନୀରେ କୋଭିଡ୍-୧୯ର ମୁକାବିଲା ଓ ଟିକାକରଣ ସଂକ୍ରାନ୍ତ ଆଲୋଚନା ମୁଖ୍ୟ ବିଷୟବସ୍ତୁ ପାଲଟିଥିଲା। ଏଥିସହିତ ଚାଇନାକୁ କିଭଳି ମୁକାବିଲା କରିହେବ ସେ ନେଇ ନେତାମାନେ ବିଭିନ୍ନ ମତ ଦେଇଥିଲେ। ବିଶେଷକରି ୭ ବିକଶିତ ରାଷ୍ଟ୍ର ଚାଇନା ବିରୋଧରେ ରଣନୀତି କରୁଥିବା ଶୁଣିବା ପରେ ୧୩ ଜୁନ୍‌ରେ ବେଜିଂ ସେମାନଙ୍କୁ ଯେଉଁ ଦୃଢ଼ ଜବାବ ଦେଇଛି, ତାହା ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରତିକ୍ରିୟା ପ୍ରକାଶ କରି ଚାଇନା କହିଛି ଯେ, ଏହି କ୍ଷୁଦ୍ର ଦେଶସମୂହ ବିଶ୍ୱର ଭାଗ୍ୟ ନିର୍ଦ୍ଧାରଣ କରିବାର ସମୟ ଚାଲିଗଲାଣି। ଯେକୌଣସି ରାଷ୍ଟ୍ର ବଡ଼ ହେଉ ବା ଛୋଟ, ଶକ୍ତିଶାଳୀ ହେଉ ବା ଦୁର୍ବଳ, ଗରିବ ହେଉ ଅଥବା ଧନୀ ସବୁ ଦେଶର ପରାମର୍ଶ ଜରିଆରେ ବିଶ୍ୱ ବ୍ୟାପାର ପରିଚାଳନା ହେବା ଚାଇନା ଚାହେଁ ବୋଲି ଲଣ୍ଡନରେ ଥିବା ଚାଇନା ଦୂତାବାସ ମୁଖପାତ୍ର ମତ ରଖିଛନ୍ତି। ତାଙ୍କର ଏହି ମତ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଜି ୭ ରାଷ୍ଟ୍ରଗୋଷ୍ଠୀ ପ୍ରତି ଥିବା ମୁକାବିଲାମୂଳକ ଜବାବ ବୋଲି କୁହାଯାଉଛି।

ଚାଇନା ଏକାକୀ ବିଶ୍ୱର ଧନୀ ରାଷ୍ଟ୍ରଗୁଡ଼ିକୁ ଏଭଳି ଚେତାବନୀ ଦେବାକୁ ବଳ କେଉଁଠୁ ପାଉଛି ବୋଲି ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ। କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ ଚାଇନା ବୋଲି ଅନେକ ଗବେଷଣାତ୍ମକ ରିପୋର୍ଟରୁ ଜଣାପଡ଼ିଲାଣି। ଏହି ଭୂତାଣୁ ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ କ୍ଷେତ୍ର ସହ ଅର୍ଥନୀତିକୁ ବ୍ୟାପକ କ୍ଷତି ପହଞ୍ଚାଇଛି। ତେଣୁ ସବୁ ରାଷ୍ଟ୍ର ବେଜିଂ ଉପରେ କ୍ରୋଧିତ ହେବା ସ୍ୱାଭାବିକ। କିନ୍ତୁ ଏଭଳି ଅସ୍ୱାଭାବିକ ସ୍ଥିତି ଚାଇନାର ଶକ୍ତି ବୃଦ୍ଧି କରାଇବାରେ ସହାୟକ ହୋଇଛି। ଏହି ସମୟ ମଧ୍ୟରେ ବିକଶିତ ଦେଶଗୁଡ଼ିକର କରାମତି କେତେ ରହିଛି ତାହାକୁ ବେଜିଂ ଓଜନ କରିନେଇଛି। ୧୨ ଜୁନ୍‌ରେ ହଂକଂ ତା'ର ଦ୍ୱିତୀୟ ବିଦ୍ରୋହ ବାର୍ଷିକୀ ପାଳନ କରିଛି। ବିଶ୍ୱବ୍ୟାପୀ ଏ ନେଇ ପ୍ରତିବାଦ ଦିବସ ପାଳନ ହେଲା। ଜି ୭ କେବଳ ହଂକଂ, ଜିନ୍‌ଜିଆଙ୍ଗ୍, ଦକ୍ଷିଣ ଚାଇନା ସମୁଦ୍ର ଓ ତିବ୍ବତ ଭଳି ଘଟଣାକୁ ନିନ୍ଦା କରିବା ବ୍ୟତୀତ ଅନ୍ୟ କିଛି କରିପାରିଲା ନାହିଁ। ଫଳରେ ଚାଇନା ଧରିନେଲା ଯେ, ଏହି ଅସହାୟ ରାଷ୍ଟ୍ରଗୋଷ୍ଠୀ ବିଶ୍ୱବ୍ୟାପାରରେ ସେଭଳି କୌଣସି ନିଷ୍ପତ୍ତି ନେଇପାରିବ ନାହିଁ। ସେଥିପାଇଁ ଜି ୭କୁ କ୍ଷୁଦ୍ର ଗୋଷ୍ଠୀର ଆଖ୍ୟା ଦେଇ ବିଶ୍ୱକୁ ଚାଇନା ଜଣାଇଦେଲା ଯେ, ଏମାନଙ୍କ ରାଜୁତି କରିବାର ଯୁଗ ସରିଗଲାଣି।

ଚାଇନା ବିଶ୍ୱଶକ୍ତି ହେବା ପାଇଁ କିଛି ଦଶନ୍ଧି ଧରି ନିରନ୍ତର ଉଦ୍ୟମ କରିଚାଲିଛି। ୱାନ୍ ବେଲ୍ଟ ୱାନ୍ ରୋଡ୍ (ଓବର) ବା ଦି ବେଲ୍‌ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ ଭାବେ ଜଣାଶୁଣା) ଜରିଆରେ ଅର୍ଥନୈତିକ କାରବାର ଲାଗି ଚାଇନା ପୃଥିବୀର ପାଖାପାଖି ୭୦ ରାଷ୍ଟ୍ରରେ ବାସ୍ତବ ଭିତ୍ତିଭୂମି ସୃଷ୍ଟି କରୁଛି। ଏଥିସହିତ ପଡ଼ୋଶୀ ଓ ଅର୍ଥନୀତି ଦୃଷ୍ଟିରୁ ଦୁର୍ବଳ ଦେଶଗୁଡ଼ିକୁ ଋଣ ହେଉ ବା ଆର୍ଥିକ ସହାୟତା ଦେଇ ସେଗୁଡ଼ିକୁ ନିଜ ଆଡ଼କୁ ଆକର୍ଷିତ କରିବାରେ ଲାଗିଛି। ଚାଇନାର ବୃହତ୍ ଅର୍ଥନୀତି ଓ ଏକଚ୍ଛତ୍ରବାଦୀ ସରକାର ବିଶ୍ୱର ଗଣତାନ୍ତ୍ରିକ ଦେଶଗୁଡ଼ିକର ହସ୍ତକ୍ଷେପକୁ ବରଦାସ୍ତ କରିବ ନାହିଁ ବୋଲି ଜଣାଇ ଦେଲାଣି। ଏହି ପୃଷ୍ଠଭୂମିରେ ଦେଖିଲେ ବାସ୍ତବ କାର୍ଯ୍ୟ ନ କରି ଜି ୭ କେବଳ ଉଚ୍ଚସ୍ୱରରେ ସାହାଯ୍ୟ କରିବ ବୋଲି କହିଚାଲିଲେ ତାହା ମୁକ୍ତ ବିଶ୍ୱକୁ କ୍ଷତି ପହଞ୍ଚାଇବ।

## ଚିରନ୍ତନୀ

କେତେ ମେଘ ଉଦେ ହୋଇ ଗିରି ଚୂଡ଼ାପରେ
ଯାଏ ଯେ ମିଳାଇ ପଲକରେ
ନ ଦେଖୁଁ ନିଜର ପଥ, ଦେହେ ତା'ର ବିଜୁଳି ଚମକ
ନ ଲାଗୁଁ, ଅସୀମ ଦେଶେ ନିଭିଯାଏ ନ ହୁଏ ବିଲୋକ।
-(ସୃଜନ ବ୍ୟଥା)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | | | | | | | |
| | | | | | 7 | | 2 | |
| | | 8 | 1 | | 6 | 3 | 7 | |
| 8 | | | | 9 | | | | |
| | 4 | | 6 | | | | 3 | 1 |
| | | | 2 | | | | | |
| | | | | | | 6 | 5 | |
| 7 | | 3 | 8 | | | | 4 | 2 |
| | 1 | | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 9 | 1 | 2 | 5 | 8 | 6 | 4 |
| 5 | 8 | 6 | 9 | 3 | 4 | 2 | 1 | 7 |
| 2 | 4 | 1 | 6 | 8 | 7 | 9 | 5 | 3 |
| 8 | 1 | 5 | 3 | 6 | 9 | 4 | 7 | 2 |
| 6 | 7 | 3 | 2 | 4 | 1 | 5 | 9 | 8 |
| 9 | 2 | 4 | 7 | 5 | 8 | 6 | 3 | 1 |
| 3 | 5 | 7 | 4 | 9 | 2 | 1 | 8 | 6 |
| 4 | 6 | 8 | 5 | 1 | 3 | 7 | 2 | 9 |
| 1 | 9 | 2 | 8 | 7 | 6 | 3 | 4 | 5 |

ଗତକାଲିର ଉତ୍ତର

# ଶିକ୍ଷକତାକୁ ଦୂରୁ ଜୁହାର



ଅକ୍ଷୟ କୁମାର ମିଶ୍ର

ଏପ୍ରିଲ ଚାରି ତାରିଖରେ ଉଚ୍ଚ ନ୍ୟାୟାଳୟ ଆମ ରାଜ୍ୟ ସରକାରଙ୍କର ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାକୁ ରଦ୍ଦ କରିଛନ୍ତି। ଏହାର ବହୁ ପୂର୍ବରୁ ଯେତେବେଳେ ସରକାର ଏହି ସ୍ପର୍ଶକାତର ପ୍ରସଙ୍ଗ ଉପରେ ନିଷ୍ପତ୍ତି କଲେ ସେହି ସମୟରେ ମୋର ଏକ ଆଲେଖ୍ୟ 'ବିଦ୍ୟାଳୟ ବନ୍ଦ କରିଦେଲେ ବ୍ୟବସ୍ଥା ବଦଳି ଯିବ'ରେ ଆଲୋଚନା ରଖିଥିଲି। ଏଣୁ ସ୍ୱାଭାବିକ ଭାବେ ଏହି ରାୟ ମୋତେ ଖୁସି କରିଛି। ଅନେକଙ୍କୁ ଖୁସି କରିଥିବ ନିଶ୍ଚୟ। କିନ୍ତୁ ଏହି ରାୟ ଦେବା ସମୟରେ ମାନ୍ୟବର କୋର୍ଟ ନିଜସ୍ୱ ମତ ରଖିବାକୁ ଯାଇ କହିଛନ୍ତି, ଆଉ କେହି ସ୍କୁଲ ଶିକ୍ଷକ ହେବାକୁ ଚାହୁଁନାହାନ୍ତି। ଏହି ଉକ୍ତି ଆଦୌ ଅପ୍ରାସଙ୍ଗିକ ନୁହେଁ। ଆମେ ଯଦି ବିଗତ ବର୍ଷଗୁଡ଼ିକରେ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରୀଛାତ୍ରମାନଙ୍କର ସାକ୍ଷାତ୍‌କାରକୁ ଦେଖିବା ଏମିତି ଜଣେ ମଧ୍ୟ ପିଲା ପାଇବା ନାହିଁ ଯିଏ କହିଛି 'ମୁଁ ଭବିଷ୍ୟତରେ ଜଣେ ସ୍କୁଲ ଶିକ୍ଷକ ହେବାକୁ ଚାହେଁ।' ପରନ୍ତୁ ଏକଥା ଯଦି ଦୈବାତ୍ ଉଠିଛି ତେବେ ଶୁଣିବାକୁ ମିଳିଛି 'ନାରେ ବାବା ନା, ଶିକ୍ଷକତାକୁ ନା। ଶିକ୍ଷକତାକୁ ଦୂରୁ ଜୁହାର।'

ଶିକ୍ଷକ ସମାଜର ନିର୍ମାତା, ମଣିଷଗଢ଼ା କାରଖାନାର ବିଶ୍ୱକର୍ମା। ସମାଜର ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେଉଛନ୍ତି ଶିକ୍ଷକ। ଶିକ୍ଷକତା କେବଳ ଏକ ଆଦର୍ଶ ବୃତ୍ତି ନୁହେଁ ଏକ ବ୍ରତ। ଏମିତି ଯେତେ ଭଲ ଭଲ କଥା କହିଲେ ମଧ୍ୟ ମେଧାବୀ ଛାତ୍ରୀଛାତ୍ରମାନେ ଯେ ଶିକ୍ଷକତା ପ୍ରତି ବିମୁଖ ଏହାକୁ ଅସ୍ୱୀକାର କରି ହେବ ନାହିଁ। ପୁନଶ୍ଚ ଏହି ନକାରାତ୍ମକ ଭାବନା ପାଞ୍ଚ ଦଶ ବର୍ଷ ଭିତରେ ସୃଷ୍ଟି ହୋଇ ନାହିଁ। ଦୀର୍ଘବର୍ଷ ଧରି ଶିକ୍ଷା ବ୍ୟବସ୍ଥାର ତ୍ରୁଟିପୂର୍ଣ୍ଣ ପରିଚାଳନା ଆମ ପିଲାଙ୍କୁ ଏଭଳି ଏକ ଆଦର୍ଶ ବୃତ୍ତିଠାରୁ ଦୂରେଇ ଯିବାକୁ ବାଧ୍ୟ କରିଛି। ଏମିତି ନୈରାଶ୍ୟବାଦର ପଶ୍ଚାତ୍‌ଭାଗରେ ଥିବା କିଛି ପ୍ରମୁଖ କାରଣ ସମ୍ପର୍କରେ ଆଲୋଚନା କରିବା ଏହି ଆଲେଖ୍ୟର ମୂଳ ଉଦ୍ଦେଶ୍ୟ।

ଆମ ଦେଶର ମଣିଷ ଭିତରେ କେତୋଟି ଜାତି ଅଛି ପଚାରିଲେ ଯେମିତି ଠିକ୍ ଉତ୍ତର ମିଳିବନି, ସେମିତି ଆମ ରାଜ୍ୟରେ ଶିକ୍ଷକ କେତେ ପ୍ରକାର ଉତ୍ତର ପାଇବା ମୁସ୍କିଲ। ଗଣ, ପାରାଠାରୁ ଆରମ୍ଭ କରି ଶିକ୍ଷା କର୍ମୀ, ଶିକ୍ଷାସହାୟକ, କନିଷ୍ଠ ଶିକ୍ଷକ, ବରିଷ୍ଠ ଶିକ୍ଷକ, ଜିଲା ପରିଷଦ ଶିକ୍ଷକ, ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ନୂତନ ଅନୁଦାନପ୍ରାପ୍ତ ପୁଣି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷକ, ଚୁକ୍ତିଭିତ୍ତିକ ଶିକ୍ଷକ, ସରକାରୀ ଶିକ୍ଷକ ଏମିତି ବିଭିନ୍ନ ପ୍ରକାରର ଶିକ୍ଷକ ଆମ ରାଜ୍ୟରେ ଅଛନ୍ତି। ଅଳ୍ପ କିଛି ପୁରୁଣା ସରକାରୀ ଶିକ୍ଷକଙ୍କ କଥା ଛାଡ଼ି ଦେଲେ ସମସ୍ତଙ୍କ ପଛରେ ଏକ ଲମ୍ବା କାହାଣୀ ଅଛି। ବିଂଶ ଶତାବ୍ଦୀର ଅଶୀ ଦଶକରୁ ଏହି କାହାଣୀ ଲେଖା ଆରମ୍ଭ ହୋଇଛି, ପରିସମାପ୍ତି କେବେ କାହାକୁ ଜଣା ନାହିଁ।

ଏହି ଦୀର୍ଘ କାହାଣୀର କଥାବସ୍ତୁ ପ୍ରଥମେ ପ୍ରାଥମିକ ବିଦ୍ୟାଳୟଠାରୁ ଲେଖିବା ଆରମ୍ଭ ହେଲା। ପ୍ରଥମେ ସ୍ଥାୟୀଶିକ୍ଷକ ନିଯୁକ୍ତି ଉପରେ ରୋକ ଲାଗିଲା ଏବଂ ୧୯୮୯ ମସିହାରେ ନିୟମିତ ଶିକ୍ଷକ ବଦଳରେ ନିଯୁକ୍ତି ଦିଆଗଲା ଶିକ୍ଷାକର୍ମୀ। ''ପ୍ରସାଦ ବାଣ୍ଟିଣ ଖାଇବା ...'' ଏହି ନୀତିରେ ଜଣେ ଶିକ୍ଷକଙ୍କ ଦରମାକୁ ବଣ୍ଟାଗଲା ତିନିଜଣ ଶିକ୍ଷାକର୍ମୀଙ୍କ ମଧ୍ୟରେ। ତା'ପରେ ଦୃଷ୍ଟିପଡ଼ିଲା ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଉପରେ। ଏଠାରେ ଶେଷଥର ପାଇଁ ୧୯୯୨ରେ ଜିଲା ସିଲେକ୍ସନ ବୋର୍ଡ ଦ୍ୱାରା ଶିକ୍ଷକ ନିଯୁକ୍ତି ହୋଇଥିଲା। ତା' ପରଠାରୁ ଏ ଯାବତ୍ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ନିଯୁକ୍ତି ହୁଏ ନାହିଁ। ପୁରୁଣା ସରକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ୍ ପଡ଼ି ନ ଥିଲେ। ୧୯୮୯-୯୦ରେ ଏଠାରେ ୮୯ ଦିନିଆ (ଆଡହକ) ନିଯୁକ୍ତି ଦିଆଗଲା, ତାହା ପୁଣି ୬୦୦ ଟଙ୍କା ଦରମାରେ। ୧୯୯୪ ମସିହା ସ୍କୁଲ ଶିକ୍ଷକଙ୍କ ପାଇଁ ଯେତିକି ଭଲ ସେତିକି ମନ୍ଦ। ଏହି ବର୍ଷ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ପୂର୍ଣ୍ଣ ସରକାରୀ କରାଗଲା ଏବଂ ଅନୁଦାନଯୋଗ୍ୟ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ସରକାର ଅନୁଦାନ ଦେଲେ। ଅପରପକ୍ଷେ ଏହି ବର୍ଷ ଏକ ଅନୁଦାନ ଆଇନ ଆସିଲା ଯାହାକୁ କଳା ଆଇନ ବୋଲି ଅଭିହିତ କରି କିଛି ଶିକ୍ଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିବା ଦେଖିବାକୁ ମିଳିଥିଲା। ପୁନଶ୍ଚ ୧୯୯୭ରେ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଶେଷଥର ପାଇଁ ନିୟମିତ ଶିକ୍ଷକ ନିଯୁକ୍ତି ହୋଇଥିଲା। ତା'ପରେ ଆମ ରାଜ୍ୟରେ ଥିବା ସିଲେକ୍ସନ ବୋର୍ଡକୁ ଅକାମୀ କରି ଦିଆଗଲା। ୨୦୦୪ରେ ପ୍ରାଥମିକ ବିଦ୍ୟାଳୟ ପାଇଁ ଶିକ୍ଷା ସହାୟକ ଓ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଗଲା। ସେହି ବର୍ଷ ଆଉ ଏକ କଳଙ୍କିତ ଅଧ୍ୟାୟର ସୂତ୍ରପାତ ହେଲା। ସରକାରୀ ନିୟମ ଆଧାରରେ ୧୯୮୫ ପରବର୍ତ୍ତୀ ସମୟରେ ଯେଉଁ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ନ୍ୟାୟତଃ ଯେଉଁମାନେ ପାଞ୍ଚ ସାତ ବର୍ଷ ପରେ ଅନୁଦାନ ପାଇବା କଥା ସେମାନଙ୍କୁ ସରକାର ଦରମା ନ ଦେଇ ଦେଲେ ବ୍ଲକଗ୍ରାଣ୍ଟ। ପୁଣି ୨୦୦୮ରେ ଶିକ୍ଷକଙ୍କ ଭିତରେ ଆଉ ଗୋଟିଏ ନୂଆ ଜାତି ସାମିଲ ହେଲା ସେମାନଙ୍କୁ କୁହାଗଲା ଗଣଶିକ୍ଷକ।

ଉପରୋକ୍ତ ସମସ୍ତ ଶିକ୍ଷକଙ୍କ ଦରମା ରହିଲା ମୁଣ୍ଡାମୁଣ୍ଡି। ଅର୍ଥାତ୍ ସମସ୍ତ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଯେଉଁ ବାର୍ଷିକ ଦରମା ବୃଦ୍ଧି ଏବଂ ପ୍ରତି ଛ'ମାସ ଅନ୍ତରରେ ମହଙ୍ଗା ଭତ୍ତା ବୃଦ୍ଧିର ବ୍ୟବସ୍ଥା ଥାଏ ଏମାନେ ଏଥିରୁ ବଞ୍ଚିତ ହେଲେ। ଚାକିରି ସର୍ତ୍ତାବଳୀ କିମ୍ବା ଅବସରକାଳୀନ ସୁବିଧା ସୁଯୋଗ ମଧ୍ୟ ରହିଲା ନାହିଁ। କେବେ ନିୟମିତ ହେବେ ସେ କଥା ମଧ୍ୟ ଉଲ୍ଲେଖ ନ ଥିଲା। ସମାନ ଶିକ୍ଷାଗତ ଯୋଗ୍ୟତା ଥାଇ ସମାନ କାମରେ ନିୟୋଜିତ ହୋଇ ଗୋଟିଏ ଛାତତଳେ ବସୁଥିବା ଏହି ଶିକ୍ଷକମାନେ କେତେଦିନ ଏପ୍ରକାର ଶୋଷଣକୁ ସହିଥାନ୍ତେ ? ଆରମ୍ଭ ହେଲା ଆନ୍ଦୋଳନ। ପୋଲିସର ଲାଠି ପ୍ରହାର ପିଠିରେ ବାଜିଲା। ଜେଲ ଯିବାକୁ ପଡ଼ିଲା। ଖରା, ବର୍ଷା, ଶୀତ, କାକରରେ ପଡି ପଡି କିଛି ଜୀବନ ହାରିଲେ। ଶାସକ ଶ୍ରେଣୀର ଶୁଭ ଦୃଷ୍ଟି ଯାହା ଉପରେ ପଡିଲା ସେ କିଛି ମାତ୍ରାରେ ତରିଗଲା। କାହାକୁ ଛ'ବର୍ଷରେ, କାହାକୁ ଆଠ ବର୍ଷରେ ପୁଣି କାହାକୁ ନ'ବର୍ଷରେ ନିୟମିତ କରାଯିବାର ଆଇନ ହେଲା।

ଆଉ କେତେକ କ୍ଷେତ୍ରରେ କେବଳ ଆନ୍ଦୋଳନରେ ସରକାର ନଇଁଲେ ନାହିଁ, ଉଚ୍ଚ ନ୍ୟାୟାଳୟ ଚାଟ ଯୋଗୁ ଅନୁଦାନ ଦେଲେ କିନ୍ତୁ ନୂଆ ରୂପରେ। ନା ଦେଲେ ଚାକିରି ସର୍ତ୍ତାବଳୀ ନା ଦେଲେ ଅବସରକାଳୀନ ସୁବିଧା ସୁଯୋଗ। ଅବସର ପରେ ଅବଶିଷ୍ଟ ଜୀବନ ଅନ୍ଧକାର। ମୂଲ ଲାଗିବାକୁ ପଡିବ, ଲାଜ ସରମ ଭୁଲି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଧାଡିରେ ଛିଡ଼ା ହେବାକୁ ହେବ। ଆମ ରାଜ୍ୟର ଏଇ ହେଉଛି ଶିକ୍ଷକର କାହାଣୀ। ଏହା ଜାଣିଲା ପରେ ଜଣେ ମେଧାବୀ ଛାତ୍ର ସ୍କୁଲ ଶିକ୍ଷକ ହେବାପାଇଁ ମନ ବଳାଇବ କାହିଁକି? କାହିଁକି ନିଜ ଜୀବନକୁ ବରବାଦ କରିବ ? ଜାଣି ଜାଣି କାହିଁକି ଏକ ଅନିଶ୍ଚିତ ଭବିଷ୍ୟତକୁ ସ୍ୱାଗତ କରିବ ?

ଏବେ ଶିକ୍ଷକଙ୍କ ସମ୍ମାନ ଓ ସାମାଜିକ ପ୍ରତିଷ୍ଠା ବିଷୟରେ କିଛି ଆଲୋକପାତ କରିବା। ଶିକ୍ଷକ-ଶିକ୍ଷାର୍ଥୀ, ଶିକ୍ଷକ-ସମାଜ, ଶିକ୍ଷକ-ଶାସକ ସମ୍ପର୍କ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଏହି ସମ୍ପର୍କ କେତେ ନିବିଡ଼ ଥିଲା ଏବଂ ସମାଜରେ ଶିକ୍ଷକ/ଗୁରୁର ସମ୍ମାନ, ସହଭାଗିତା କେତେ ଅଧିକ ଥିଲା ତା'ର ବହୁ ଦୃଷ୍ଟାନ୍ତ ଆମେ ପୁରାଣରେ ପାଇପାରିବା। ସମ୍ପ୍ରତି ସବୁକିଛି ଓଲଟ ପାଲଟ ହୋଇଯାଇଛି। ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଯୋଗୁ ଶିକ୍ଷକର ମାନ, ସମ୍ମାନ ଓ ପ୍ରତିଷ୍ଠା ପତନମୁଖୀ। ଯେଉଁ କାମ ଶିକ୍ଷକର ନୁହେଁ ସେହି କାର୍ଯ୍ୟସବୁ ତାଙ୍କ ଦ୍ୱାରା କରାଇ ଅନେକାଂଶରେ ବଦନାମ କରାଯାଉଛି। ଡାଲି, ଚାଉଳ, ଅଣ୍ଡାର ହିସାବ ରଖିବା, ସ୍କୁଲ ଗୃହ ନିର୍ମାଣ କରିବା, ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିବା, ବିପିଏଲ୍ ଗଣନାଠାରୁ ସମସ୍ତ ଅର୍ଥନୈତିକ ସର୍ଭେ କରିବା, ଜନଗଣନାଠାରୁ ପଶୁପକ୍ଷୀ ଗଣନା, ଏସବୁ କାର୍ଯ୍ୟ କ'ଣ ଶିକ୍ଷକଙ୍କୁ ବାଦ୍ ଦେଇ କରାଯାଇ ପାରନ୍ତା ନାହିଁ?

ପୁନଶ୍ଚ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପଦୋନ୍ନତି ପ୍ରଥା ପ୍ରତିଷ୍ଠା ପ୍ରାପ୍ତିର ଏକ ସୁଯୋଗ ସୃଷ୍ଟି କରିଥାଏ। ଅତୀତରେ ପଦୋନ୍ନତି ଜରିଆରେ ଶିକ୍ଷକ ଶିକ୍ଷା ବିଭାଗର ବହୁ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇପାରୁଥିଲେ। ଫଳରେ ସେମାନେ ସାମାଜିକ ପ୍ରତିଷ୍ଠା ପାଇବା ସହିତ ସେମାନଙ୍କର ଅଭିଜ୍ଞତା ବ୍ୟବସ୍ଥାକୁ ସଜାଡିବା କ୍ଷେତ୍ରରେ ବେଶ୍ ଉପଯୋଗୀ ହେଉଥିଲା। ଆଜି ଶିକ୍ଷକ ପାଇଁ ସେ ଦ୍ୱାର ରୁଦ୍ଧ କରାଯାଇ ପ୍ରଶାସନିକ ସେବା ଅଧିକାରୀମାନଙ୍କ ପାଇଁ ଉନ୍ମୁକ୍ତ ହୋଇଛି। ଅପରପକ୍ଷେ ସମସ୍ତ ସରକାରୀ ନିଯୁକ୍ତି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପରୀକ୍ଷାରେ କୃତିତ୍ୱ ହାସଲ କଲା ପରେ ନିଯୁକ୍ତି, ତା'ପରେ ସବୈତନିକ ତାଲିମର ବ୍ୟବସ୍ଥା ଅଛି। କିନ୍ତୁ ଶିକ୍ଷକ ହେବାକୁ ହେଲେ ପ୍ରଥମେ ଦୁଇ ବର୍ଷିଆ ତାଲିମ ଆବଶ୍ୟକ। ପୁଣି ତାଲିମ ପାଇଁ ପରୀକ୍ଷା ଦେଇ ମନୋନୀତ ହେବାକୁ ପଡ଼ିବ। ତାଲିମରେ ଉତ୍ତୀର୍ଣ୍ଣ ହେଲା ପରେ ପ୍ରାଥମିକ ଶିକ୍ଷକଙ୍କ ପାଇଁ ଓଟିଇଟି ଏବଂ ମାଧ୍ୟମିକ ଶିକ୍ଷକଙ୍କ ପାଇଁ ଓଏସ୍‌ଟିଇଟି ପରୀକ୍ଷା ଦେବା ଜରୁରୀ। ଏତିକିରେ କଥା ସରୁନାହିଁ ପୁନଶ୍ଚ ନିଯୁକ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ପରୀକ୍ଷାରେ କୃତିତ୍ୱ ହାସଲ କରିବାକୁ ପଡ଼ିବ।

ସିଧା କଥାରେ କହିବାକୁ ଗଲେ ଯେଉଁଠି ସୁନ୍ଦର ସମ୍ଭାବନାମୟ ଭବିଷ୍ୟତ ପରିବର୍ତ୍ତେ ଅଜସ୍ର ଦୁଃଖ, କଷ୍ଟ, ଲାଞ୍ଛନା, ସମ୍ମାନ ଓ ପ୍ରତିଷ୍ଠା ବଦଳରେ ନିନ୍ଦା ଅପବାଦ ମିଳୁଛି। ସେଭଳି ଏକ ବୃତ୍ତି ପ୍ରତି ମେଧାବୀ ଛାତ୍ରଟିଏ ଆଗ୍ରହ ପ୍ରକାଶ କରିବ ବା କାହିଁକି? ଯାହାକୁ ପଚାରିଲେ ଉତ୍ତର ଆସେ ଡାକ୍ତର, ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ କିଛି ନ ହେଲେ ଓକିଲଟିଏ ହେବି ବରଂ ଶିକ୍ଷକ ହେବିନାହିଁ। ଶିକ୍ଷା ବ୍ୟବସ୍ଥା ପାଇଁ ଏହା ବିଶେଷ ବିଡ଼ମ୍ବନା। ଏହାର ପରିବର୍ତ୍ତନ ଲୋଡ଼ା। ମେଧାବୀ ଛାତ୍ରୀଛାତ୍ରଙ୍କୁ ଏଥିପ୍ରତି ଆକୃଷ୍ଟ କରିବାକୁ ହେଲେ ଚୟନ ପ୍ରକ୍ରିୟାକୁ ସରଳୀକରଣ କରିବା ଜରୁରୀ। ଅସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ପରିହାର କରିବାକୁ ପଡ଼ିବ। ଗ୍ଲୋବାଲ ଟିଚର୍ସ ଷ୍ଟେଟସ୍ ଇନ୍‌ଡେକ୍ସ-୨୦୧୮ର ସର୍ଭେ ଅନୁଯାୟୀ ଚାଇନା, ମାଲେସିଆ, ତାଇୱାନ, ରୁଷିଆ, ଇଣ୍ଡୋନେସିଆ ଆଦି ଦେଶରେ ଶିକ୍ଷକଙ୍କୁ ଯେମିତି ଗୁରୁତ୍ୱ ଓ ସମ୍ମାନ ପ୍ରଦାନ କରାଯାଏ ଆମ ଦେଶ ତାହାକୁ ଅନୁସରଣ କଲେ ଶିକ୍ଷକତା ପ୍ରତି ସମସ୍ତଙ୍କ ମନରେ ସକାରାତ୍ମକ ଭାବନା ଜାତ ହେବ।

ସମ୍ପାଦକ, ଦୀନକୃଷ୍ଣ ସାହିତ୍ୟ-ସଂସ୍କୃତି ସଂସଦ,
ଜଳେଶ୍ୱର, ବାଲେଶ୍ୱର, ମୋ: ୭୦୦୮୦୭୩୫୯୯

# କରୋନା ଓ ଏକ୍‌ମୋ ଯନ୍ତ୍ର



ଡା.ପ୍ରଫୁଲ୍ଲ କୁମାର ଦାସ

ସମ୍ପ୍ରତି ରାଜ୍ୟରେ କୋଭିଡ୍ ସ୍ଥିତି ଅତି ଉଦ୍‌ବେଗଜନକ ରହିଛି ଓ ପ୍ରତିଦିନ ଫୁସ୍‌ଫୁସ୍‌ଜନିତ ସଂକ୍ରମଣ କାରଣରୁ ଅନେକ ଲୋକଙ୍କର ପ୍ରାଣହାନି ଘଟୁଛି। ଯେତିକିବେଳେ ଭାରତ ବର୍ଷରେ ରୋଗୀମାନଙ୍କ ଲାଗି ମେଡିକାଲ ଅମ୍ଳଜାନ, ଆଇସିୟୁ ଏବଂ ଭେଣ୍ଟିଲେଟର ଯୋଗାଣ ନେଇ ସଂଘର୍ଷ ଚାଲିଛି, ଠିକ୍ ସେତିକିବେଳେ ଓଡ଼ିଶାରେ ଏହାର ଆବଶ୍ୟକତା ଓ କୋଭିଡ୍ ମୁକାବିଲାରେ ଯଥାର୍ଥତାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ଏହା ନିଃସନ୍ଦେହ ଜିଲା ମୁଖ୍ୟାଳୟ କଥା ଦୂରେ ଥାଉ, ମେଡିକାଲ କଲେଜ, ଏପରି କି ଓଡ଼ିଶା ଏମ୍‌ସରେ ବି ଏହି ଯନ୍ତ୍ର ଉପଲବ୍ଧ ନାହିଁ। ଏକଥା ନୁହେଁ ଯେ ମେଶିନର ଦାମ୍ ଦୁର୍ମୂଲ୍ୟ, ପାଖାପାଖି ୪୦ଲକ୍ଷ ଟଙ୍କା ହେବ। କିନ୍ତୁ ଉପଯୁକ୍ତ ତଥା ଅଭିଜ୍ଞ ବା ପ୍ରଶିକ୍ଷିତ ମାନବସମ୍ବଳ ବଡ଼ ବାଧକ ସାଜିଥିବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଏହି ଯନ୍ତ୍ର ନ ଥିବା ଯୋଗୁ ଲୋକମାନେ ଚିକିତ୍ସା ପାଇଁ ସୁଦୂର କୋଲକତା ଏବଂ ଚେନ୍ନାଇକୁ ଏରୋପ୍ଲେନ ଯୋଗେ ଯାଉଛନ୍ତି।

ଗୁରୁତର ଅସୁସ୍ଥ ରୋଗୀମାନଙ୍କ ନିକଟରେ ଯେତେବେଳେ ଅମ୍ଳଜାନ ସହାୟତା ବିଫଳ ହୁଏ, ଅମ୍ଳଜାନକୁ ବଜାୟ ରଖିବାରେ ବିଶେଷଜ୍ଞମାନେ ଯାନ୍ତ୍ରିକ ଭେଣ୍ଟିଲେସନ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି। ଅର୍ଥାତ୍ ଅତି ଗୁରୁତର ପରିସ୍ଥିତିରେ, ଡାକ୍ତରମାନେ ଏକ୍‌ମୋ (ଏକ୍ସଟ୍ରାକୋରୋରାଲ ମେମ୍ବ୍ରେନ୍ ଅମ୍ଳଜାନ) ପ୍ରୟୋଗ କରିବାକୁ ବାଛି ପାରନ୍ତି ; ଯାହା ଏକ କୃତ୍ରିମ ହୃଦୟ ବା ଆହୁରି ସରଳ ଭାବେ କହିଲେ ଶରୀର ବାହାରେ କୃତ୍ରିମ ଫୁସ୍‌ଫୁସ୍ ଭାବରେ କାର୍ଯ୍ୟ କରିଥାଏ। ଏହା ରୋଗୀର ରକ୍ତରୁ ଅଙ୍ଗାରକାମ୍ଳ ବାହାର କରିଥାଏ ଏବଂ ଏଥିରେ ଅମ୍ଳଜାନ ଯୋଗ କରିଥାଏ। ଚିକିତ୍ସା ବିଜ୍ଞାନୀଙ୍କ ମତରେ କୋଭିଡ୍-୧୯ ରୋଗୀଙ୍କ ପାଇଁ ଏହା ବିଶେଷ ପ୍ରଭାବ ରଖେ। ଏହା ବ୍ୟକ୍ତିକୁ ଜୀବାଣୁ ମୁକାବିଲା ପାଇଁ ଅତିରିକ୍ତ ସମୟ ଦେଇଥାଏ। ଅତ୍ୟଧିକ ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏହି ଅତିରିକ୍ତ ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଜଣେ ରୋଗୀକୁ ୩୦ଦିନ ପର୍ଯ୍ୟନ୍ତ ରଖାଯାଇପାରିବ। ଗୋଟିଏ ଧାଡ଼ିରେ କହିଲେ ଯେଉଁ କୋଭିଡ୍-୧୯ ନିମୋନିଆରେ ପୀଡ଼ିତ ଗୁରୁତର ରୋଗୀଙ୍କୁ ରକ୍ତ ଅମ୍ଳଜାନ ସ୍ତର ବଜାୟ ରଖିବା ଲାଗି ଭେଣ୍ଟିଲେସନ ପର୍ଯ୍ୟାପ୍ତ ହେଉନାହିଁ, ସେମାନଙ୍କୁ ବର୍ତ୍ତମାନ ଏହି ଚିକିତ୍ସା ଅନେକ ସାହାଯ୍ୟ କରିପାରିବ ବା ଅନେକଙ୍କ ଜୀବନ ରକ୍ଷା ହୋଇପାରିବ।

ଚିକିତ୍ସା ବିଜ୍ଞାନୀଙ୍କ ମତରେ ଏହା ଏକ ଜଟିଳ ଟିମ୍‌ୱାର୍କ କାରଣ ଏହି ଚିକିତ୍ସା ଲାଗି ନିଶ୍ଚେତକ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ, ଏକାଧିକ ରକ୍ତ ସଞ୍ଚାଳନ ସହାୟକ ପ୍ରମୁଖଙ୍କୁ ନେଇ ଗୋଟିଏ ଟିମ୍ ସୃଷ୍ଟି କରାଯିବାର ଆବଶ୍ୟକତା ରହିଥାଏ। ଚବିଶ ଘଣ୍ଟିଆ ସେବା ରୋଗୀକୁ ଦରକାର। ଜାତୀୟସ୍ତରରେ ଅନେକ ବିଶେଷଜ୍ଞଙ୍କ ମତ ହେଉଛି ଠିକ୍ ସମୟରେ ଯଦି ଏକ୍‌ମୋ ଯନ୍ତ୍ର ବ୍ୟବହାର କରାଯାଏ ତେବେ ୫୫ ପ୍ରତିଶତ ରୋଗୀ ବଞ୍ଚି ଯିବେ। ହେଲେ ସେମାନଙ୍କର ଅନ୍ୟ କୌଣସି ବିଶେଷ ସମସ୍ୟା ଯେମିତି କି ସେମାନେ ଅତ୍ୟନ୍ତ ବୟସ୍କ ହୋଇ ନ ଥିବେ କିମ୍ବା ଦୀର୍ଘସ୍ଥାୟୀ ରୋଗ ନ ଥିବ। ଏତେ ଗୁରୁତର ସେବା ଯୋଗାଉଥିବା ଏଭଳି ଏକ ଉପଯୋଗୀ ଯନ୍ତ୍ର ଓଡ଼ିଶା କାହିଁକି କରିପାରିବନାହିଁ ? ଏଠାରେ ସୂଚାଇ ଦିଆଯାଇପାରେ କି ସାରା ଭାରତରେ ମାତ୍ର ୨୧ଟି ସ୍ଥାନରେ ସରକାରୀ ଭାବେ ଏହି ଯନ୍ତ୍ର ଉପଲବ୍ଧ ଅଛି। ଏହା ହିଁ ସୂଚାଉଛି, ଏହି ଚିକିତ୍ସାରେ କେତେ ଜଟିଳତା ରହିଛି। ଏପରି କି ସବୁ ଏମ୍‌ସରେ ମଧ୍ୟ ଏହି ସେବା ଉପଲବ୍ଧ ନାହିଁ। ରାଜ୍ୟ ସରକାର ନୀତିଗତ ଭାବେ ଏହି ଯନ୍ତ୍ର କିଣିବା ଲାଗି ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ସମସ୍ୟାଟି ହେଲା, ଓଡ଼ିଶାରେ ସରକାରୀ ସ୍ତରରେ ପର୍ଯ୍ୟାପ୍ତ ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ ନାହାନ୍ତି। ଏଥିପାଇଁ ଆବଶ୍ୟକ ରକ୍ତ ସଞ୍ଚାଳନ ସହାୟକଙ୍କର ମଧ୍ୟ ରାଜ୍ୟରେ ଘୋର ଅଭାବ ରହିଛି। ଏହି ଜଟିଳ ଚିକିତ୍ସା ପଦ୍ଧତି ଅନୁଯାୟୀ ଏହି ଯନ୍ତ୍ର ସାହାଯ୍ୟରେ ରୋଗୀକୁ ୨୪ଘଣ୍ଟା ପର୍ଯ୍ୟବେକ୍ଷଣ କରିବାକୁ ପଡ଼ିଥାଏ। ଏଣୁ ଅଧିକ ସଂଖ୍ୟକ ରକ୍ତ ସଞ୍ଚାଳନ ସହାୟକଙ୍କର ଆବଶ୍ୟକତା ରହିଛି।

ଏକଥା ସତ ଯେ ଏକ୍‌ମୋ ମେଶିନ ଏବଂ ଫୁସ୍‌ଫୁସ୍ ପ୍ରତିରୋପଣ ବ୍ୟବସ୍ଥା ଉଭୟ କୋଭିଡ୍-୧୯ କ୍ଷେତ୍ରରେ ସଞ୍ଜୀବନୀ ହେବ, କିନ୍ତୁ ଏହା କାର୍ଯ୍ୟକାରୀ କରିବା ସେତେ ସହଜ ନୁହେଁ, ଯେମିତି କୁହାଯାଉଛି। ଏକ୍‌ମୋ ଯନ୍ତ୍ର ଆଣିବା ପାଇଁ ହେଲେ ଅତିକମ୍‌ରେ ଆଉ ଚାରିଜଣ ରକ୍ତସଞ୍ଚାଳକ ଏବଂ ଅଧିକ ହୃଦ୍‌ବକ୍ଷ ଶଲ୍ୟଙ୍କର ଆବଶ୍ୟକତା ରହିଛି। ଏଠାରେ ଉଲ୍ଲେଖଥାଉ କି, କେବଳ ଟିକା, ଅମ୍ଳଜାନ, ଆଇସିୟୁ ବା ଭେଣ୍ଟିଲେଟର ନୁହେଁ, ଫୁସ୍‌ଫୁସ୍ ପ୍ରତିରୋପଣ ଏବଂ ଏକ୍‌ମୋ ଯନ୍ତ୍ର ଅଥବା କୃତ୍ରିମ ଫୁସ୍‌ଫୁସ୍ ବ୍ୟବସ୍ଥା କୋଭିଡ୍ କ୍ଷେତ୍ରରେ ବଡ଼ ଉପାଦେୟ ହେବ। କେବଳ କଟକ ବଡ଼ ମେଡିକାଲ ନୁହେଁ, ରାଜ୍ୟର ସମସ୍ତ ମେଡିକାଲ କଲେଜ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହେବା ଦରକାର ବୋଲି କିଛି ସ୍ୱାସ୍ଥ୍ୟବିଜ୍ଞାନୀ ଗଣମାଧ୍ୟମକୁ ଜଣାଇଛନ୍ତି।

କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ,
ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡିକାଲ କଲେଜ, କଟକ, ମୋ:
୯୪୩୭୦୨୩୪୪୩

## ଏଇ ଭାରତରେ

କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହରରେ ଦେଶକୁ ଅକ୍ସିଜେନ ଅଭାବର ସାମ୍ନା କରିବାକୁ ପଡ଼ିଛି। ତେବେ ସରକାରୀ ସ୍ତରରେ ଏହି ସଙ୍କଟ ଦୂର କରିବା ଲାଗି ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏ କ୍ଷେତ୍ରରେ ବିହାରର ଗୌରବ ରାୟଙ୍କ ଉଦ୍ୟମ ଏକ ଉଦାହରଣ ସୃଷ୍ଟି କରିଛି। ପରିସ୍ଥିତିର ମୁକାବିଲା ଲାଗି ସେ ଦେବଦୂତ ସାଜି ରୋଗୀଙ୍କ ସମ୍ମୁଖରେ ଉଭା ହୋଇଛନ୍ତି। ବିହାରର ବିଭିନ୍ନ ଅଞ୍ଚଳରେ କୋଭିଡ୍-୧୯ ହସ୍ପିଟାଲଗୁଡ଼ିକରେ ଅତି ସଙ୍କଟଜନକ ପରିସ୍ଥିତିରେ ଥିବା ରୋଗୀମାନଙ୍କୁ ସେ ମାଗଣାରେ ଅକ୍ସିଜେନ ସିଲିଣ୍ଡର ଯୋଗାଇ ଦେଉଛନ୍ତି। ଏବେ ସୁଦ୍ଧା ୧,୫୦୦ କରୋନା ରୋଗୀଙ୍କୁ ଅକ୍ସିଜେନ ସିଲିଣ୍ଡର ଯୋଗାଇ ଦେଇ ସେମାନଙ୍କ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଗୌରବ କହନ୍ତି, ଜଣେ ଟଙ୍କା ରୋଜଗାର କରି ନୂଆ ଘର କରିପାରିବ, ନୂଆ କାର୍ ଓ ପୋଷାକ କିଣିପାରିବ ; କିନ୍ତୁ ଜଣଙ୍କ ଜୀବନ ବଞ୍ଚାଇବା କଷ୍ଟକର। ଏହି ଚିନ୍ତାଧାରା ନେଇ ସେ ତାଙ୍କ ସଞ୍ଚିତ ଅର୍ଥରୁ ୧.୨୫ ଲକ୍ଷ ଟଙ୍କା ଗରିବ ରୋଗୀମାନଙ୍କ ପାଇଁ ଅକ୍ସିଜେନ ସିଲିଣ୍ଡର କିଣିବାରେ ଖର୍ଚ୍ଚ କରିଛନ୍ତି। ଏପରିକି ଅଧିକରୁ ଅଧିକ ଏଭଳି ରୋଗୀଙ୍କ ନିକଟରେ ଅକ୍ସିଜେନ ପହଞ୍ଚାଇବା ଲାଗି ଗୌରବ ତାଙ୍କ ଘରେ ଏକ ଅକ୍ସିଜେନ ବ୍ୟାଙ୍କ୍ ମଧ୍ୟ ଖୋଲିଛନ୍ତି। ସକାଳୁ ବିଳମ୍ବିତ ରାତିଯାଏ ସେ ସେବା ଜାରି ରଖିଛନ୍ତି। ଗୌରବ ଅକ୍ସିଜେନ ସିଲିଣ୍ଡର ପାଇଁ କଲ୍ ପାଇବା କ୍ଷଣି ସେଠାରେ ଯାଇ ପହଞ୍ଚିଯାଆନ୍ତି। ନିଜ ଜୀବନକୁ ବାଜି ଲଗାଇ ସେବାରେ ଲାଗିଥିବା ଗୌରବ ରୋଗୀ ବଞ୍ଚିଯିବା ପରେ ସେମାନଙ୍କ ଦ୍ୱାରା କେକ୍ କାଟି ଏକ ନୂଆ ଜୀବନ ଆରମ୍ଭ କରିବାର ସନ୍ଦେଶ ଦେଇଥାଆନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## କମ୍ପ୍ୟୁଟର ପ୍ରଶିକ୍ଷଣ ବାହାନାରେ ଶୋଷଣ

ମହାଶୟ,

ରାଜ୍ୟରେ ଚାଲିଥିବା ପ୍ରାୟ ୧୦,୦୦୦ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରୁ ଅଧିକାଂଶ ସ୍ୱୀକୃତିପ୍ରାପ୍ତ ସଂସ୍ଥା ହୋଇ ନ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରଶାସନ ତତ୍ପର ହୋଇଥିବା ଖବର ପ୍ରକାଶ ପାଇଥିଲା। ସରକାରଙ୍କ କେତେକ ନିଯୁକ୍ତି କ୍ଷେତ୍ରରେ କମ୍ପ୍ୟୁଟର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ଆବଶ୍ୟକତା ଥିବାବେଳେ ସରକାରୀ ସ୍ତରରେ ଏପରି ସୁବିଧାର ଅଭାବ ଥିବାରୁ ପିଲାମାନେ ଠକ କମ୍ପ୍ୟୁଟର ସଂସ୍ଥାର ଶୋଷଣ ହେଉଛନ୍ତି। ରାଜ୍ୟରେ ବାସ୍ତବରେ ଏହିପରି ସଂସ୍ଥାର ବହୁ ବର୍ଷ ଧରି ଦୌରାତ୍ମ୍ୟ ଚାଲିଥିବାବେଳେ ପ୍ରଶାସନର କୌଣସି ଅଙ୍କୁଶ ଥିବାର ମନେହେଉ ନାହିଁ। ଏମାନେ ସେହି ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ୧୮୬୦ର ଖଣ୍ଡିଏ ସ୍ୱୀକୃତିପତ୍ର ଆଣି ନିରାପଦରେ ନିଜର ଅବୈଧ ବ୍ୟବସାୟ ବହୁବର୍ଷ ଧରି ଚଳାଇ ଛାତ୍ରୀଛାତ୍ରଙ୍କ ଅଜ୍ଞାତସାରରେ ଫାଇଦା ହାସଲ କରୁଛନ୍ତି। ଯେଉଁ ଏଆଇସିଟିଇ, ଏନ୍‌ସିଭିଟି ବା ବିଶ୍ୱବିଦ୍ୟାଳୟ ଏପରି ପଞ୍ଜୀକରଣ କରିବା ପାଇଁ ସ୍ୱୀକୃତ, ସେମାନେ ଏ ପର୍ଯ୍ୟନ୍ତ କେତେକ ସଂସ୍ଥାକୁ ଏପରି ସ୍ୱୀକୃତିପତ୍ର ପ୍ରଦାନ କରିଛନ୍ତି, ତାହା ଗଣମାଧ୍ୟମ ମାଧ୍ୟମରେ ପ୍ରକାଶ କରନ୍ତୁ। ତଦ୍ଦ୍ୱାରା ଶିକ୍ଷାର୍ଥୀମାନେ ବିଭ୍ରାନ୍ତିର ଶିକାର ହେବେ ନାହିଁ କି ସମୟର ଅପଚୟ କି ଅର୍ଥବ୍ୟୟର ସମ୍ମୁଖୀନ ହେବେ ନାହିଁ। ଏଇ ପୁରୁଣା ଆକ୍ଟ ବ୍ରିଟିଶ୍‌ରାଜ ସମୟରେ ସେ କାଳର ପରିସ୍ଥିତିକୁ ନେଇ ପ୍ରଣୀତ ହୋଇଥିଲା। ଦୀର୍ଘ ୧୬୦ ବର୍ଷ ପରେ ଏହାର କାର୍ଯ୍ୟକାରିତା ବିଷୟରେ ସମୀକ୍ଷା କରି ଆବଶ୍ୟକ ସଂଶୋଧନ କରାଗଲେ ଏପରି ଠକ ସଂସ୍ଥା ଶୋଷଣ କରିବାର ସୁଯୋଗ ପାଇବେ ନାହିଁ। ଯେଉଁମାନେ ଏବେ ଏପରି କାର୍ଯ୍ୟରେ ଲିପ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ଦେଖିବା ପାଇଁ ଜନସାଧାରଣ ବ୍ୟଗ୍ର ହେବା ସ୍ୱାଭାବିକ।

—ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଜୁନ୍, ୨୦୨୧

## ନକଲି ମୃଦୁ ପାନୀୟ କାରଖାନା ସିଲ୍

ଦିଗପହଣ୍ଡି,(ଡି.ଏନ.ଏ.)- ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ଖଣ୍ଡଦୋଳି ଗାଁସ୍ଥିତ ଏକ ଘର ଭିତରେ ଦୀର୍ଘଦିନ ହେଲା ବେଆଇନ ଭାବେ ଚାଲିଥିବା ନକଲି ମୃଦୁ ପାନୀୟ ଓ ପାଣି ବୋତଲ କାରଖାନା ଉପରେ ରବିବାର ପୋଲିସ ଚଢ଼ାଉ କରି କାରଖାନା ମାଲିକ ଆଶିଷ କୁମାର ମଣ୍ଡଳଙ୍କୁ ସୋମବାର କୋର୍ଟଚାଲାଣ କରିଛି। ମାମଲା ନଂ. ୧୨୦/୨୧ ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଚଢ଼ାଉ ସମୟରେ ପୋଲିସ ଅଭିଯୁକ୍ତଙ୍କ ନିକଟରୁ ପ୍ରାୟ ୩୦ ଲକ୍ଷ ଟଙ୍କା ମୂଲ୍ୟର ୯୮୦ଟି ଆକ୍ୱା -ବ୍ଲୁ ନାମକ ପାଣି ବୋତଲ, ୮୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦାମୀ ବ୍ରାଣ୍ଡର ନକଲି ମୃଦୁ ପାନୀୟ ବୋତଲ, କଞ୍ଚାମାଲ ସମେତ ୪ ମେଶିନ ଜବତ କରିଥିଲା। ଜବତ ମୃଦୁ ପାନୀୟ, ପାଣି ବୋତଲ ଏବଂ କୁର୍କୁରେ ପ୍ୟାକେଟଗୁଡ଼ିକରୁ ନମୁନା ପରୀକ୍ଷଣ ପାଇଁ ଲ୍ୟାବ୍‌କୁ ପଠାଯିବା ସହ କାରଖାନାକୁ ସିଲ୍ କରାଯାଇଛି।



## ସଂକ୍ଷେପରେ

### ଶ୍ରୀନଗରରେ କନ୍ଧମାଳର ଯବାନ ଶହୀଦ


ସଞ୍ଜୟ କୁମାର ପ୍ରଧାନ

ରାଇକିଆ,୧୪।୬(ଡି.ଏନ.ଏ.): କନ୍ଧମାଳ ଜିଲା ରାଇକିଆ ବ୍ଲକ ଅଞ୍ଚଳର ଜଣେ ଯବାନ ସୋମବାର ଶ୍ରୀନଗରରେ ଶହୀଦ ହୋଇଛନ୍ତି। ସେ ହେଲେ ପେଟାପାଙ୍ଗା ପଞ୍ଚାୟତ ବାଘରମା ଗ୍ରାମର ସଞ୍ଜୟ କୁମାର ପ୍ରଧାନ। ସଞ୍ଜୟ ଆର୍ମି ବିହାର ରେଜିମେଣ୍ଟରେ ଯବାନ ଭାବେ କାର୍ଯ୍ୟ କରୁଥିଲେ। କେଉଁଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ମଙ୍ଗଳବାର ସଞ୍ଜୟଙ୍କ ପାର୍ଥିବ ଶରୀର ନିଜ ଗ୍ରାମରେ ଆସି ପହଞ୍ଚିବ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ପରିବାର ସହିତ ରାଇକିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ପ୍ରେମରେ ବିଫଳ ହୋଇ ନଦୀକୁ ଡେଇଁଲେ ଯୁବତୀ

ଭୋଗରାଇ, ୧୪।୬(ଡି.ଏନ.ଏ.): ପ୍ରେମରେ ବିଫଳ ହୋଇ ଜଣେ ଯୁବତୀ ସୋମବାର ଅପରାହ୍ନରେ ସୁବର୍ଣ୍ଣରେଖା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ଓ ବାଲିଆପାଳ ବ୍ଲକକୁ ସଂଯୋଗ କରୁଥିବା ପାଲିଆଠାରେ ଏହି ଘଟଣା ଘଟିଛି। ସ୍ଥାନୀୟ ଅଞ୍ଚଳର ଯୁବକମାନେ ନଦୀରୁ ଯୁବତୀଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ସମ୍ପୃକ୍ତ ଯୁବତୀ ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ପ୍ରେମିକ ବିବାହ କରିବାକୁ ମନା କରିଦେବାରୁ ସେ ଏଭଳି ପନ୍ଥା ଆପଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୩ଦିନ ପୂର୍ବରୁ ଏହି ପୋଲ ଉପରୁ ଅନ୍ୟ ଜଣେ ଯୁବତୀ ଡେଇଁ ପଡ଼ି ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ।

### ଅନ୍‌ଲାଇନ୍‌ରେ ହେବ ଭଜନ, ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା

ପୁରୀ ଅଫିସ, ୧୪।୬: ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗବେଷଣା କେନ୍ଦ୍ର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ୩୩ତମ ଦେବସ୍ନାନ ପୂର୍ଣ୍ଣିମା ଭଜନ ଏବଂ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ହେବାକୁ ଯାଉଛି। ମହାମାରୀ କରୋନା କାରଣରୁ ଚଳିତବର୍ଷ ଅନ୍‌ଲାଇନ ମାଧ୍ୟମରେ କଣ୍ଠସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ଭଜନ ନୃତ୍ୟ ପ୍ରତିଯୋଗିତା ହେବ। ପ୍ରତିଯୋଗିତାକୁ କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇଛି। ୭ରୁ ୧୪ବର୍ଷ ବୟସର ପ୍ରତିଯୋଗୀମାନେ କନିଷ୍ଠ ଏବଂ ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ପ୍ରତିଯୋଗୀମାନେ ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରିବେ। କୃତି ପ୍ରତିଯୋଗୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ସାର୍ଟିଫିକେଟ, ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବ। ଆଗ୍ରହୀ ପ୍ରତିଯୋଗୀମାନେ ୯୪୩୮୪୬୫୫୭୭ ହ୍ୱାଟ୍‌ସ ଆପ୍ ନମ୍ବରରେ ଚଳିତ ମାସ ୨୨ ତାରିଖ ସୁଦ୍ଧା ନିଜ କଳା ପ୍ରତିଭାର ଭିଜୁଆଲ ପଠାଇବା ସହିତ ସମ୍ପୂର୍ଣ୍ଣ ବିବରଣୀ ପଠାଇବା ପାଇଁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### କଏଦୀଙ୍କ ଫେରାର ଉଦ୍ୟମ ବିଫଳ

ଯାଜପୁର ଟାଉନ,୧୪।୬(ଡି.ଏନ.ଏ.): ଜଣେ ବିଚାରାଧୀନ କଏଦୀ ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ ଫେରାର ହେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ସେ ଚିକିତ୍ସା ପାଇଁ ଆସି ଫେରାର ହୋଇଯାଉଥିଲେ। ଜେଲ୍ କର୍ମଚାରୀମାନେ ଚିକିତ୍ସାଳୟ ସିକ୍ୟୁରିଟି ଗାର୍ଡଙ୍କ ସହାୟତାରେ ତାଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି। ସୂଚନା ମୁତାବକ, ରଗଡି ସବ୍‌ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ସେକ୍ ହାରିଫ ରହୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ତାଙ୍କୁ ରବିବାର ଯାଜପୁର ମୁଖ୍ୟ ଚିକିତ୍ସାଳୟର ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ଜଣ ଜେଲ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ସୋମବାର ଏକଦୀ ଜଣଙ୍କ ପାଇଖାନା ଯିବାକୁ କହି ଭିତର ପଟରୁ କବାଟ ବନ୍ଦ କରି ଦେଇଥିଲେ। ପରେ ଜେଲ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଚକ୍‌ମା ଦେଖାଇ ଫେରାର ହୋଇଯାଉଥିଲେ। ଉଦ୍ଧାର ପରେ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ମଧ୍ୟରେ ରଖାଯାଇ ଚିକିତ୍ସା କରାଯାଉଛି। ସେକ୍ ହାରିଫ ଜଣେ ଅଭ୍ୟାସଗତ ନିଶାଗ୍ରସ୍ତ ବ୍ୟକ୍ତି। ତାଙ୍କ ନାମରେ ବିଭିନ୍ନ ମାମଲା ରହିଥିବା ଜଣାପଡ଼ିଛି।

## ଭର୍ଚୁଆଲରେ ପାଳିତ ହେଲା ୩ୟ ଲୋକକଳା ଦିବସ
# ସାମିଲ ହେଲେ ୩୦୦ କଳାକାର

ଭୁବନେଶ୍ୱର, ୧୪।୬(ବ୍ୟୁରୋ)

ରାଜ୍ୟସ୍ତରରେ ତୃତୀୟ ଲୋକକଳା ଦିବସ ସୋମବାର ଭର୍ଚୁଆଲରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର ପ୍ରାୟ ୩୦୦ କଳାକାର ସାମିଲ ହୋଇ ବିଭିନ୍ନ ଜିଲା ସ୍ତରରେ କଳା ପ୍ରଦର୍ଶନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଏହା ଦେଶର ଏକ ଅନନ୍ୟ କାର୍ଯ୍ୟକ୍ରମ ବୋଲି କହିଛନ୍ତି। ଲୋକକଳା ସହ ଜଡ଼ିତ ସମସ୍ତ କଳାକାରଙ୍କ ପ୍ରତି ସରକାର ସମ୍ବେଦନଶୀଳ ଅଛନ୍ତି। ରାଜ୍ୟରୁ କୌଣସି କଳା ଶୈଳୀ ଯେପରି ବିଲୁପ୍ତ ନ ହୁଏ ସେଥିପାଇଁ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ସେ କହିଛନ୍ତି। ଏଥିସହିତ ରାଜ୍ୟର ସମସ୍ତ କଳାକାରଙ୍କୁ ମନ୍ତ୍ରୀ ରଜ ଉତ୍ସବର ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ନିରାମୟ ଜୀବନ କାମନା କରିଛନ୍ତି। ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କଳାର ପ୍ରଦେଶ ଓଡ଼ିଶା ଲୋକକଳାର ବିଶାଳ ବୈଭବକୁ ତା'କୋଳରେ ମଣ୍ଡନ କରିଥିବା କହିଛନ୍ତି।


ଭର୍ଚୁଆଲରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।


ଲୋକକଳା ପ୍ରଦର୍ଶନ କରାଯାଉଛି।

ଏହି ଅବସରରେ ରାଜ୍ୟର କଳାକାରଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡ଼ିଓ ବାର୍ତ୍ତା ଭର୍ଚୁଆଲ ମାଧ୍ୟମରେ ପରିବେଷଣ କରାଯାଇଥିଲା। ପରେ କଳାହାଣ୍ଡିର ଘୁମୁରା, କୋରାପୁଟର ଢେମ୍‌ସା, ବରଗଡ଼ର ଡାଲଖାଇ, ଖୋର୍ଦ୍ଧାର ଘୋଡ଼ାନାଚ, ପଦ୍ମିନୀ ଦୋରାଙ୍କ ସମ୍ବଲପୁରୀ ଗୀତ ଓ ଗଞ୍ଜାମର ବାଘନାଚ ପରିବେଷଣ କରାଯାଇଥିଲା। ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇଙ୍କ ରଚିତ ଗୀତ 'ଆମେ ମାନିବା ଲକ୍‌ଡାଉନ୍' ଓ 'କରୋନା ଯୁଦ୍ଧ' ପରିବେଷଣ କରାଯାଇଥିଲା। ରାଜ୍ୟର ଲୋକକଳାର ପ୍ରଚାରପ୍ରସାରରେ ୟୁନିସେଫ୍ ୧୦ ବର୍ଷ ଧରି ସହଯୋଗ କରୁଥିବାରୁ ସଂସ୍କୃତି ନିର୍ଦ୍ଦେଶକ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମକୁ ବାସୁଦେବ ମାଲବିଶୋଇ ଓ ରାଜ୍ୟ କଳାକାର ମହାସଂଘ ଉପସଭାପତି ଅବନୀ ମିଶ୍ର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୧୯ରେ ପ୍ରଥମଥର ପାଇଁ ଲୋକ କଳା ମହୋତ୍ସବ ଆରମ୍ଭ ହୋଇଥିଲା। କୋଭିଡ୍ କଟକଣା ଯୋଗୁ ଗତବର୍ଷ ଓ ଚଳିତ ବର୍ଷ ଭର୍ଚୁଆଲ ଭାବେ ଜୁନ୍ ୧୪ରେ ପାଳିତ ହେଉଛି।

## ଗୋରୁ ବୋଝେଇ କଣ୍ଟେନର ଜବତ
### ୬୯ ଗୋରୁ ଉଦ୍ଧାର, ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୧୪।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ଦିନକୁ ଦିନ ଗୋରୁ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ରବିବାର ରାତିରେ ୧୬ନଂ. ଜାତୀୟ ରାଜପଥ ଦୀକ୍ଷିତପଡ଼ା ଛକରୁ ଟାଙ୍ଗୀ ପୋଲିସ ଏକ ଗୋରୁ ବୋଝେଇ କଣ୍ଟେନର(ଓଡି୦୨କ୍ୟୁ ୭୫୮୬) ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ପରିଚୟ ମିଳିପାରି ନାହିଁ। ଉକ୍ତ କଣ୍ଟେନରରୁ ପୋଲିସ ୬୯ ଗୋରୁଙ୍କୁ ଉଦ୍ଧାର କରି ଚୌଦ୍ୱାର ସ୍ଥିତ ନନ୍ଦଗାଁ ଗୋଶାଳାରେ ଛାଡ଼ିଛି। ସୂଚନା ମୁତାବକ, ଟାଙ୍ଗୀ ଅଞ୍ଚଳରେ ରାସ୍ତାରେ ଶୋଉଥିବା ଗାଈ, ବଳଦ, ଷଣ୍ଢଙ୍କୁ ରାତିରେ ଦୁର୍ବୃତ୍ତମାନେ ଜବରଦସ୍ତ ଗାଡ଼ିରେ ଉଠାଇ ନେଇଯାଉଥିବା ଅଭିଯୋଗ ହେଉଥିଲା। ପୋଲିସ ରବିବାର ରାତିରେ ଦୀକ୍ଷିତପଡ଼ା ଛକରେ ଚଢ଼ାଉ କରି ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୯୪/୨୧) ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

## '୧ ନମ୍ବର ହେବା ପାଇଁ କୋଭିଡ ମୃତ୍ୟୁ ତଥ୍ୟ ଚାପିଛନ୍ତି ସରକାର'

ଭୁବନେଶ୍ୱର,୧୪।୬(ବ୍ୟୁରୋ)

ରାଜ୍ୟରେ ଶ୍ମଶାନ ନିଆଁ ଲିଭୁନି। ସରକାର ନିଜକୁ କୋଭିଡ୍ ମୁକାବିଲାରେ ଦେଶରେ ଏକ ନମ୍ବର କରିବା ପାଇଁ ମୃତ୍ୟୁ ତଥ୍ୟ ଲୁଚାଇବାରେ ବ୍ୟସ୍ତ ବୋଲି ରାଜ୍ୟ କଂଗ୍ରେସ ଅଭିଯୋଗ କରିଛି। ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ନୟାଗଡ଼ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଏବଂ ସରକାରୀ ପୋର୍ଟାଲର ତଥ୍ୟରେ ତାଳମେଳ ନାହିଁ। ସରକାର ନିଜ ଭାବମୂର୍ତ୍ତି ବଞ୍ଚାଇବା ପାଇଁ ଏବଂ ବିଫଳତାକୁ ଘୋଡାଇବା ପାଇଁ ମୃତ୍ୟୁର ବାସ୍ତବ ତଥ୍ୟ ଲୁଚାଇ ରାଜ୍ୟର ୪.୫ କୋଟି ଲୋକଙ୍କୁ ଅନ୍ଧାରରେ ରଖାଯାଇଛି।

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯେଉଁ ତଥ୍ୟ ଅନୁଯାୟୀ ଜିଲାରେ ଦ୍ୱିତୀୟ ଲହରରେ ପ୍ରଥମ କୋଭିଡ୍ ମୃତ୍ୟୁ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ୨୦୨୧ ଏପ୍ରିଲ ୨୮ରେ ହୋଇଥିଲା। ରିପୋର୍ଟ ଦେବା ପର୍ଯ୍ୟନ୍ତ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ୧୧୭ଜଣଙ୍କର ମୃତ୍ୟୁ ଘଟିଛି। ସେଥିରୁ ୨୧ଜଣ ଖୋର୍ଦ୍ଧାର ହୋଇଥିବା ବେଳେ ଅନ୍ୟ ସମସ୍ତ ନୟାଗଡ଼ର। ଯଦି ସରକାରଙ୍କର ଆନ୍ତରିକତା ଅଛି ତେବେ ଏହାର ସ୍ୱତନ୍ତ୍ର ଅଡିଟ କରନ୍ତୁ ନଚେତ୍ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ମିଶ୍ର ଚେତାବନୀ ଦେଇଛନ୍ତି।

## ବୃଦ୍ଧଙ୍କୁ ଟାଣିନେଲା କୁମ୍ଭୀର

ପଟ୍ଟାମୁଣ୍ଡାଇ,୧୪।୬(ସ୍ୱ.ପ୍ର.)

ସୋମବାର ଜଗନ୍ନାଥପୁର ଗ୍ରାମର ପୁରୁଷୋତ୍ତମ ଧଳ ନାମକ ଜଣେ ବୃଦ୍ଧ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ତାଙ୍କୁ କୁମ୍ଭୀର ଟାଣିନେଇଛି । ଦିନ ପ୍ରାୟ ୧ଟା ବେଳେ ଏହି ଘଟଣା ଘଟିଛି। ପୁରୁଷୋତ୍ତମଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକଙ୍କ ସହିତ ପରିବାର ଲୋକେ ଡଙ୍ଗା ଓ ଡିଙ୍ଗିରେ ନଦୀ ଭିତରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା । ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ସେବା ଅଧିକାରୀ ଗୋପବନ୍ଧୁ ସାହୁଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ବୋଟ୍ ସାହାଯ୍ୟରେ ବ୍ରାହ୍ମଣୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ପୁରୁଷୋତ୍ତମଙ୍କ କୌଣସି ସନ୍ଧାନ ମିଳିନାହିଁ । ସୂଚନାଯୋଗ୍ୟ, ସୋମବାର ପୁରୁଷୋତ୍ତମ ଅଣ୍ଡରା ମେଡିକାଲରୁ କରୋନା ଟିକା ନେଇ ଘରକୁ ଫେରିବା ପରେ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇ କୁମ୍ଭୀର ଆକ୍ରମଣର ଶିକାର ହୋଇଥିଲେ ।


ପୁରୀ ଈଶ୍ୱରବଲ୍ଲଭ ଯାଗାରେ ସୋମବାର କନ୍ୟାଚୋରି ନୀତି ସମ୍ପନ୍ନ ପରେ ସେବାୟତମାନେ ଶ୍ରୀଲୋକନାଥ ଓ ମା' ପାର୍ବତୀଙ୍କୁ ଶଙ୍କରାନନ୍ଦ ମଠ ଅଭିମୁଖେ ନେଉଛନ୍ତି।

## ରୋଗୀଙ୍କ ସହ ରଜ ପାଳିଲେ କୋଭିଡ୍ ହସ୍ପିଟାଲ କର୍ମଚାରୀ

ବାରିପଦା ଅଫିସ,୧୪।୬

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବାଙ୍କିଶୋଳ କୋଭିଡ୍ ହସ୍ପିଟାଲ କର୍ମଚାରୀମାନେ ରୋଗୀଙ୍କ ସହ ରଜପର୍ବ ପାଳନ କରିଛନ୍ତି। ଭୟ ଓ ଆଶଙ୍କାରେ ଥିବା ରୋଗୀଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ପହିଲି ରଜରେ ବିଭାଗ ପକ୍ଷରୁ ଏହି ପ୍ରୟାସ କରାଯାଇଥିଲା। ବାଙ୍କିଶୋଳ କୋଭିଡ୍ ହସ୍ପିଟାଲରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ମହିଳାରୋଗୀଙ୍କୁ ଅଳତା ପିନ୍ଧାଇ ଦେବା ସହ ଅନ୍ୟ ସମସ୍ତଙ୍କୁ ପୋଡ଼ପିଠା ଖୁଆଇ ଦେଇଥିଲେ। ଡ୍ୟୁଟିରେ ଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନେ ମିଳିମିଶି କେକ୍ କାଟି ଗୀତଗାଇ ନାଚୁଥିବାର ଭିଡିଓ ଦେଖିବାକୁ ମିଳିଛି ।


ଚିକିତ୍ସାଧୀନ ଜଣେ ମହିଳାଙ୍କୁ ସ୍ୱାସ୍ଥ୍ୟକର୍ମୀ ଅଳତା ପିନ୍ଧାଇ ଦେଉଛନ୍ତି।

## ବଜ୍ରପାତରେ ୨ କେନ୍ଦୁପତ୍ର ବନ୍ଧାଳି ମୃତ

ଅମରପାଲି,୧୪।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ରେଞ୍ଜର ବଡବର୍ଡାକଟା କେନ୍ଦୁପତ୍ର ଫଡ଼ିରେ ସୋମବାର କେନ୍ଦୁପତ୍ର ବାନ୍ଧୁଥିବା ବେଳେ ବଜ୍ରପାତରେ ୨ଜଣ ବନ୍ଧାଳିଙ୍କ ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ବୀରମହାରାଜପୁର ଥାନା ବହଳପଦର ଗ୍ରାମର ତ୍ରିଲୋଚନ ପଧାନ ଓରଫ ମଲିଆ (୩୮) ଓ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଚାରମାଲ ଥାନା ଅନ୍ତର୍ଗତ ଭାଲୁରୁଆ (କୁଆଖୋଲ) ଗ୍ରାମର ବାସନ୍ତି ମୁଣ୍ଡା (୫୦)। ବଡବର୍ଡାକଟା ଗ୍ରାମର ସମାରୁ ମୁଣ୍ଡା (୪୦) ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ସୋମବାର ବଡବର୍ଡାକଟା କେନ୍ଦୁପତ୍ର ଫଡ଼ିରେ ପ୍ରାୟ ୩୦ ଜଣ କେନ୍ଦୁପତ୍ର ବନ୍ଧାଳି ପତ୍ର ବାନ୍ଧୁଥିଲେ। ଅପରାହ୍ନରେ ବର୍ଷା ସହ ବଜ୍ରପାତ ହେବାରୁ ୩ ଜଣ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଖବରପାଇ ବହଳପଦର ରେଞ୍ଜ ଅଧିକାରୀ ଜୟନ୍ତ ଦାଶ ଆସି ଡାକ୍ତରଖାନା ନେବା ବ୍ୟବସ୍ଥା କରିଥିଲେ। ମାତ୍ର ଡାକ୍ତର ସେଠାରେ ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ । ମୃତ ତ୍ରିଲୋଚନ ଦୁଇ ବର୍ଷ ହେବ ବିବାହ କରିଥିବା ବେଳେ ତାଙ୍କର ସ୍ତ୍ରୀ, ବର୍ଷକର ଗୋଟିଏ ଝିଅ ଓ ଜଣେ ଅବିବାହିତ ଭଉଣୀ ଅଛନ୍ତି। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେହିପରି ବାସନ୍ତିଙ୍କ ସ୍ୱାମୀ ବସୁ ମୁଣ୍ଡାଙ୍କ କିଡ୍‌ନୀ ରୋଗରେ ଗତବର୍ଷ ମୃତ୍ୟୁ ଘଟିଥିଲା। ତାଙ୍କର ୨ ଝିଅ ଓ ଗୋଟିଏ ପୁଅ ଥିବା ବେଳେ ସେ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ଭାବେ କାମ କରିବା ସହିତ କୁଲି କାମ କରି ପରିବାର ଚଳାଉଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ଚିହ୍ନଟ

ନୂଆଦିଲ୍ଲୀ, ୧୪।୬

କରୋନା ଭୂତାଣୁର ଆଉ ଏକ ନୂଆ ଭାରିଆଣ୍ଟ ଭାରତରେ ଚିହ୍ନଟ ହୋଇଛି। ଏହି ଭାରିଆଣ୍ଟର ନାଁ ଡେଲ୍ଟା ପ୍ଲସ୍ ବା ଏୱାଇ.୧ ରଖାଯାଇଛି। ତେବେ ଏହି ଭାରିଆଣ୍ଟର ସଂକ୍ରମଣ ତୀବ୍ରତା ସମ୍ପର୍କରେ ଜଣାପଡ଼ିନାହିଁ। ଭାରତର ୬ଟି ଜିନୋମ୍‌ରୁ ଡେଲ୍ଟା ପ୍ଲସ୍ ଚିହ୍ନଟ ହୋଇଥିବା ଇଂଲଣ୍ଡର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଭାରତରେ ପ୍ରଥମେ କରୋନା ଭୂତାଣୁର ବି.୧.୬୧୭.୨ ଭାରିଆଣ୍ଟ ଚିହ୍ନଟ ହୋଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାର ନାମ ରଖିଥିଲା ଡେଲ୍ଟା ଭାରିଆଣ୍ଟ। ଉକ୍ତ ଭାରିଆଣ୍ଟ ପୁନର୍ବାର ରୂପ ବଦଳାଇ ଡେଲ୍ଟା ପ୍ଲସ୍ ଭାରିଆଣ୍ଟରେ ପରିଣତ ହୋଇଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି।

## ବାସ୍‌ମତି ଚାଉଳ ବିବାଦ ସମାଧାନ ଲାଗି ଭାରତ, ପାକିସ୍ତାନ ରାଜି

ଇସ୍‌ଲାମାବାଦ, ୧୪।୬(ଆଇଏଏନ୍‌ଏସ୍)

ବାସ୍‌ମତି ଚାଉଳ ଉଭୟ ଭାରତ ଓ ପାକିସ୍ତାନରେ ଉତ୍ପାଦନ ହେଉଥିଲେ ମଧ୍ୟ ଏହା ପ୍ରଥମେ କେଉଁଠି ସୃଷ୍ଟି ହୋଇଥିଲା ତାକୁ ନେଇ ଦୁଇ ଦେଶ ମଧ୍ୟରେ ଦୀର୍ଘ ବର୍ଷ ହେଲା ବିବାଦ ଲାଗି ରହିଛି। ବାସ୍‌ମତିର ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେଶନ) ଟ୍ୟାଗ୍ ପାଇଁ ଭାରତ ୟୁରୋପୀୟ ସଂଘ ନିକଟରେ ଦାବି କରିଥିବାବେଳେ ପାକିସ୍ତାନ ଏହାକୁ ବିରୋଧ କରିଆସୁଥିଲା। ଏବେ ଏହି ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ଜଣାପଡ଼ିଛି। ମିଳିତ ମାଲିକାନା ଦ୍ୱାରା ବିବାଦର ଯୁକ୍ତିସଙ୍ଗତ ସମାଧାନ ହୋଇପାରିବ ବୋଲି ପାକିସ୍ତାନର ଚାଉଳ ରପ୍ତାନିକାରୀ ଫୈଜଲ ଅଲି ଘୌରୀ କହିଛନ୍ତି। ଯଦିଓ ପାକିସ୍ତାନର ପଞ୍ଜାବରେ ପ୍ରଥମେ ବାସ୍‌ମତି ଉତ୍ପାଦନ ହୋଇଥିଲା ଏବେ ସୀମାର ଉଭୟ ପାର୍ଶ୍ୱରେ ଏହା ଚାଷ କରାଯାଉଛି। ୟୁରୋପୀୟ ସଂଘ ମଧ୍ୟ ବାସମତିର ମିଳିତ ମାଲିକାନାକୁ ସମର୍ଥନ କରିଛି। ଉଭୟ ଦେଶ ବାସ୍‌ମତି ଐତିହ୍ୟର ମିଳିତ ଭାବେ ସୁରକ୍ଷା କରିବା ଆବଶ୍ୟକ ବୋଲି ଭାରତର ପଞ୍ଜାବ ରାଇସ୍ ମିଲର୍ସ ଏକ୍ସପୋର୍ଟ ଆସୋସିଏଶନ ନିର୍ଦ୍ଦେଶକ ଅଶୋକ ସେଠୀ କହିଛନ୍ତି।

## ସୁସ୍ଥ ପୃଥିବୀ ସଂରକ୍ଷିତ ରଖିବାକୁ ହେବ: ମୋଦି

ନୂଆଦିଲ୍ଲୀ, ୧୪।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଜାତିସଂଘକୁ ସମ୍ବୋଧିତ କରି ଆଗାମୀ ପିଢ଼ି ଲାଗି ସୁସ୍ଥ ପୃଥିବୀ ସଂରକ୍ଷିତ ରଖିବାକୁ ହେବ ବୋଲି କହିଛନ୍ତି। ବିଭିନ୍ନ ମାନବୀୟ କାର୍ଯ୍ୟକଳାପ ଯୋଗୁ ଅନେକ ପରିମାଣରେ ଜମି କ୍ଷତିଗ୍ରସ୍ତ ହେଉଛି। ଏହାର ପୁନରୁଦ୍ଧାର ଆମ୍ଭମାନଙ୍କର ଦାୟିତ୍ୱ। ଲ୍ୟାଣ୍ଡ ଡିଗ୍ରେଡେଶନ ଯୋଗୁ ଦୁଇ-ତୃତୀୟାଂଶ ବିଶ୍ୱ ପ୍ରଭାବିତ ହୋଇଛି। ଏହାକୁ ରୋକା ନ ଗଲେ ଆମ ସମାଜ, ଅର୍ଥ ବ୍ୟବସ୍ଥା, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଓ ଜୀବନର ମାନ ଉପରେ ଗଭୀର ପ୍ରଭାବ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେଥିପାଇଁ ପୃଥିବୀ ଓ ଏହାର ସମ୍ବଳକୁ ଅତ୍ୟଧିକ ଉପଯୋଗ କରିବାରୁ ବିରତ ରହିବାକୁ ପଡ଼ିବ। ଭାରତରେ ଜମିକୁ ସବୁବେଳେ ଗୁରୁତ୍ୱ ଦିଆଯାଇଆସିଛି। ଆଗାମୀ ୨୦୩୦ ସୁଦ୍ଧା ୨୬ ନିୟୁତ ହେକ୍ଟର ଅନୁନ୍ନତ ଜମିକୁ ପୁନରୁଦ୍ଧାର କରିବା ଲାଗି ଲକ୍ଷ୍ୟ ରଖାଯାଇଥିବା ପ୍ରଧାନମନ୍ତ୍ରୀ ଜାତିସଂଘରେ ମରୁଭୂମିକରଣ, ଜମି ଅବକ୍ଷୟ ଓ ମରୁଡ଼ି ପ୍ରସଙ୍ଗରେ ଦୀକ୍ଷାନ୍ତ ଭାଷଣ ଦେଇ କହିଛନ୍ତି।

## ବୋର୍‌ୱେଲ୍‌ରୁ ୮ ଘଣ୍ଟା ପରେ ଶିଶୁ ଉଦ୍ଧାର

ଆଗ୍ରା, ୧୪।୬

ଉତ୍ତରପ୍ରଦେଶର ଆଗ୍ରା ଅନ୍ତର୍ଗତ ଫତେହାବାଦରେ ସୋମବାର ଜଣେ ୫ ବର୍ଷର ଶିଶୁ ବୋର୍‌ୱେଲ୍‌ରେ ଖସିପଡ଼ିଥିଲା। ଦୀର୍ଘ ୮ଘଣ୍ଟା ଉଦ୍ୟମ ପରେ ସନ୍ଧ୍ୟାରେ ଶିଶୁଟିକୁ ଉଦ୍ଧାର କରାଯାଇଛି। ଶିବ ନାମକ ଏହି ଶିଶୁଟି ସୁସ୍ଥ ଥିବାବେଳେ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ହସ୍ପିଟାଲ ପଠାଯାଇଛି। ଉଦ୍ଧାର କାର୍ଯ୍ୟରେ ଏସ୍‌ଡିଆର୍‌ଏଫ୍ ଟିମ୍ ଓ ସ୍ଥାନୀୟ ପୋଲିସ ନିୟୋଜିତ ହୋଇଥିଲେ। ବୋର୍‌ୱେଲ୍ ଭିତରକୁ ଅକ୍ସିଜେନ୍ ଛଡ଼ାଯାଇଥିଲା। ଘଟଣାସ୍ଥଳରେ ଜିଲା କର୍ତ୍ତୃପକ୍ଷ ଓ ଡାକ୍ତରୀ ଟିମ୍ ପହଞ୍ଚିଥିଲେ।



## ଜୟ ଶ୍ରୀରାମ ନ କହିବାରୁ ବୃଦ୍ଧଙ୍କୁ ମାଡ଼

ଗାଜିଆବାଦ, ୧୪।୬

ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତି ଲୋନିଠାରେ ମୁସଲମାନ ସମ୍ପ୍ରଦାୟର ଜଣେ ବୃଦ୍ଧଙ୍କୁ କେତେଜଣ ମାଡ଼ ମାରିଥିବାର ଭିଡିଓ ଭାଇରାଲ ହୋଇଛି। ଏଥିରେ ୨ ଅଭିଯୁକ୍ତ ତାଙ୍କୁ 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରିବା ସହ ତାଙ୍କ ଦାଢ଼ି କାଟି ଦେଉଥିବା ଦେଖିବାକୁ ମିଳିଛି। ଘଟଣା ଜୁନ୍ ୫ ତାରିଖର ବୋଲି ପୋଲିସ କହିଛି। ବୃଦ୍ଧ ଜଣକ ବୁଲନ୍ଦସହର ବାସିନ୍ଦା ଅବଦୁଲ ସାମଦ୍ ସୈଫି ହୋଇଥିବାବେଳେ ସେ ଲୋନିକୁ କୌଣସି କାମରେ ଆସିଥିଲେ। ମୁସଲମାନ ହୋଇଥିବାରୁ ତାଙ୍କ ଉପରେ ଆକ୍ରମଣ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ୫ ଜଣ ମାଡ଼ ମାରିବା ସହ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରିଥିଲେ। ଏପରିକି ସେମାନେ ଅବଦୁଲଙ୍କ ଦାଢ଼ି କାଟିଦେଇଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।



କଟକ କାଫ୍ଲାବଜାର ରେବା କଲୋନୀରେ ଝିଅମାନେ ପରସ୍ପରକୁ ପୋଡ଼ପିଠା ଖୁଆଉଛନ୍ତି।



ଭୁବନେଶ୍ୱର ଶହୀଦନଗରର ଏକ ଦୋକାନରେ ରଜ ପାନ ପ୍ରସ୍ତୁତ ଚାଲିଛି।



ଭୁବନେଶ୍ୱରର ଏକ ଘରେ ଝିଅମାନେ ଦୋଳି ଖେଳୁଛନ୍ତି।

# ପିଠା ଖାଇ ଘରେ ପାଳିଲେ ପହିଲି ରଜ

ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ,୧୪।୬

ପ୍ରତିବର୍ଷ ଓଡ଼ିଶାର ଗଣପର୍ବ ରଜକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଝିଅମାନେ ଏକଜୁଟ୍ ହୋଇ ଦୋଳ ଖେଳିବା ସହ ରଜପାନ ଓ ପିଠାଖାଇ ମଜ୍ଜା ଉଠାଇଥାନ୍ତି। ହେଲେ ଚଳିତବର୍ଷ କରୋନା କଟକଣା ଯୋଗୁ ସାଙ୍ଗସାଥୀ ଗହଣରେ ବୁଲିବାର ସୁଯୋଗ ମିଳି ନ ଥିଲା। ଲୋକମାନେ ଘରେ ରହି ଲୁଡ, ତାସ ଖେଳି ସୋମବାର ପହିଲି ରଜ ପାଳନ କରିଥିଲେ। ସେହିପରି ଝିଅମାନେ ନୂଆ ପୋଷାକ ପିନ୍ଧି, ପାଦରେ ଅଳତା, ହାତରେ ମେହେନ୍ଦୀ ଲଗାଇ ପିଠାଖାଇ ଘରେ ରଜ ଉତ୍ସବ ପାଳନ କରିଛନ୍ତି। କଟକର କିଛି ବସ୍ତିରେ ଛୋଟ ପିଲାମାନେ ଲୁଗା ବାନ୍ଧି ଦୋଳି ଖେଳିଥିଲେ। ସେହିପରି ରାଜଧାନୀର କେତେକ କଲୋନୀ, ସାହି ଓ ଘରେ ରଜ ଦୋଳି ଲାଗି ଥିବାରୁ ସେଠାରେ କୁମାରୀମାନେ ଦୋଳି ଖେଳୁଥିବା ଦେଖାଯାଇଥିଲା। ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ପାଇଁ ହେବାକୁ ଥିବା ଅନେକ ପ୍ରତିଯୋଗୀତାକୁ କରୋନା କଟକଣା ଯୋଗୁ ଭର୍ଚୁଆଲ ମାଧ୍ୟମରେ କରାଯାଇଥିଲା।

**ଅନଲାଇନ୍‌ରେ ପୋଡ଼ପିଠା, ପାନ ବିକ୍ରି**

କରୋନା କଟକଣା ଯୋଗୁ ଦୋକାନ ବଜାର ବନ୍ଦ ରହିଥିବାରୁ ଅନଲାଇନ୍ ରଜ ବେପାର ଜମିଛି। ବିଭିନ୍ନ ଆପ୍‌ରେ ପୂର୍ବରୁ ବରାଦ ହୋଇଥିବା ଘରୋଇ ସାମଗ୍ରୀ ଗ୍ରାହକଙ୍କ ଘରେ ପହଞ୍ଚିଛି। ରଜ ପାଇଁ ପୋଡ଼ ପିଠା, ଆରିସା, କାକରା, ଚିତଉ, ମଣ୍ଡା ଆଦି ପିଠା ବହୁଳ ଭାବେ ବିକ୍ରି ହୋଇଛି। ରଜ ନମକିନ୍ ପ୍ୟାକେଜର ଦର ୫ଶହ ଟଙ୍କାରୁ ଆରମ୍ଭ କରି ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ପ୍ୟାକେଜରେ ସୁନ୍ ପାମ୍ପୁଡି, ମିକ୍ସଚର, କ୍ଷୀର ପୋଡ଼ ପିଠା, ରଜ ପାନ, ସଫ୍ଟ ଡ୍ରିଙ୍କ ଆଦି ରହୁଛି। ତେବେ ରଜର କିଛିଦିନ ପୂର୍ବରୁ ସ୍ୱତନ୍ତ୍ର ଭାବେ ଏହି ଆପ୍‌ଗୁଡ଼ିକ ଖୋଲା ଯାଇଥିବାବେଳେ ଗ୍ରାହକମାନେ ଆଶାନୁରୂପ ଅର୍ଡ଼ର ରଖିଛନ୍ତି। ଏହି ଅନଲାଇନ୍ ପ୍ରକ୍ରିୟା ମାଧ୍ୟମରେ ସବୁଠାରୁ ବେଶୀ ପାନର ଚାହିଦା ରହିଛି। ଭଳିକି ଭଳି ମିଠାପାନ ଗ୍ରାହକ କିଣୁଛନ୍ତି। ପାନର ପ୍ରକାର ଅନୁସାରେ ଦର ସ୍ଥିର କରାଯାଇଛି।



## ଖୁସି ମନାଇଲେ ନିରାଶ୍ରୟ

ଭୁବନେଶ୍ୱର, ୧୪।୬ (ବ୍ୟୁରୋ)

କରୋନା କଟକଣା ପାଇଁ ଗତବର୍ଷ ପରି ଏବର୍ଷ ଘରେ ରହି ପିଠା ଓ ପାନ ଖାଇ ଖୁସି ମନାଇଛନ୍ତି। ହେଲେ ସହରରେ ରହୁଥିବା ନିରାଶ୍ରୟ, ଭିକାରୀ, ଅନାଥ ପିଲାଙ୍କ ମୁହଁରେ ହସ ଫୁଟାଇବା ପାଇଁ ସ୍ମାଇଲ୍ ପ୍ଲିଜ୍ ପକ୍ଷରୁ ଅଭିନବ ଉଦ୍ୟମ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରରେ ଥିବା ବିଭିନ୍ନ ଅନାଥ ଆଶ୍ରମ, ବିଏମସି କୋଭିଡ୍ ଆଶ୍ରୟ ଗୃହ, ଭିକାରୀ ଆଶ୍ରୟ ଗୃହ, କଏଦୀଙ୍କ ପିଲା ରହୁଥିବା ମଧୁରମୟୀ ଆଦର୍ଶ ଶିକ୍ଷାନିକେତନ ଓ କେତେକ ଦୃଷ୍ଟିହୀନ ସଙ୍ଗଠନରେ ଆରିସା, ପୋଡ ପିଠା ଆଦି ଭଳିକି ଭଳି ପିଠା ବଣ୍ଟନ କରାଯାଇଥିଲା। ଏହା ସହିତ ସମସ୍ତଙ୍କୁ ରଜ ପାନ, ଶୁଖିଲା ଖାଦ୍ୟ, ରାଶନ ବଣ୍ଟନ କରାଯାଇଥିଲା। ‘ରଜ ପଜିଟିଭ୍, କୋଭିଡ୍ ନେଗେଟିଭ୍’ ମିଶନ୍‌କୁ ନେଇ ରଜ ପର୍ବରେ ପ୍ରତ୍ୟେକଙ୍କ ମୁହଁରେ ହସ ଫୁଟାଇବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ଅଭିନେତା ସବ୍ୟସାଚୀ ମିଶ୍ର, ବିଏମ୍‌ସିର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ, ସାମାଜିକ କର୍ମୀ ପ୍ରବୀଣ ଅଗ୍ରୱାଲ, ସ୍ମାଇଲ ଫୋର୍ସର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରଜ ପ୍ରତିଯୋଗିତାରେ ୧୮୭ ଯୁବତୀ

ଭୁବନେଶ୍ୱର, ୧୪।୬ (ବ୍ୟୁରୋ) - ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ଉତ୍କଳ ଓ ଭୁବନେଶ୍ୱରର ଚାରୋଟି ରୋଟ୍ରାକ୍ଟ କ୍ଲବର ମିଳିତ ଆନୁକୂଲ୍ୟରେ ରଜପର୍ବ ପାଳିତ ହୋଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଭର୍ଚୁଆଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୮୭ ଜଣ ଯୁବତୀ ସଙ୍ଗୀତ, ନୃତ୍ୟ, ଅଭିନୟ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପ୍ରତିଭା ଦେଖାଇଥିଲେ। ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଜୋଷି, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ରୋଟାରୀ କ୍ଲବ ଭୁବନେଶ୍ୱର ଉତ୍କଳର ସଭାପତି ଆଶୁତୋଷ ରଥ, କନକ ମହାଲକ୍ଷ୍ମୀ ଜୁଏଲେରିର ପରିଚାଳନା ନିର୍ଦ୍ଦେଶିକା ରେଖା ଚିନ୍ନାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୫ଜଣ କୃତୀ ପ୍ରତିଯୋଗୀଙ୍କୁ ଭର୍ଚୁଆଲରେ ସମ୍ବୋଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭୋଜିତ ପଣ୍ଡା ସଞ୍ଚାଳନ କରିଥିବାବେଳେ ରୋଟ୍ରାକ୍ଟ କ୍ଲବର ପ୍ରତୀକ ନନ୍ଦ, ତାପସ ରଞ୍ଜନ ମଲ୍ଲିକ, ଲିପ୍‌ସା ରାୟ ସହଯୋଗ କରିଥିଲେ। କରୋନା କଟକଣା ହଟିବା ପରେ କୃତୀ ପ୍ରତିଯୋଗୀଙ୍କୁ କନକ ମହାଲକ୍ଷ୍ମୀ ଜୁଏଲେରି ତରଫରୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଚକ୍ ଖଡ଼ିରେ ରଜ ଦୋଳି



ଶିଭାଶିଷ ପଣ୍ଡା। ପେଶାରେ ଜଣେ ଇଞ୍ଜିନିୟର। ରଜ ପାଇଁ ସେ ନିଆରା ଢଙ୍ଗରେ ଶୁଭେଚ୍ଛା ଜଣାଇଛନ୍ତି। ନିଜେ ଘରେ ସୁରକ୍ଷିତ ଭାବେ ରଜ ପାଳିବା ସହ ଓଡ଼ିଶାବାସୀଙ୍କୁ ଘରେ ରହି ରଜ ପାଳିବା ପାଇଁ ବାର୍ତ୍ତା ଦେଇଛନ୍ତି। ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଚକ ଖଡ଼ି ମାଧ୍ୟମରେ ରଜ ଦୋଳି ତିଆରି କରିଛନ୍ତି। ଏହି ଚକ ଖଡ଼ିର ଉଚ୍ଚତା ମାତ୍ର ୩ ଇଞ୍ଚ ରହିଛି। କେବଳ ଦୋଳି ନୁହେଁ, ଦୋଳିରେ ଏକ ଝିଅ ଝୁଲୁଥିବା ଦେଖିବାକୁ ମିଳିଛି। ୧ ସେ.ମି. ଉଚ୍ଚତା ବିଶିଷ୍ଟ ଦୋଳି ଖେଳୁଥିବା ଏହି ଝିଅକୁ ନିଖୁଣ ଭାବେ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାର ସଂସ୍କୃତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏହା କଳାକୃତି ପଛର ଅନ୍ୟ ଏକ କାରଣ ବୋଲି ଶିଭାଶିଷ କହିଛନ୍ତି।



ଭୁବନେଶ୍ୱର ଝାରପଡା ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ ଜେଲ୍ ଅନ୍ତେବାସୀ ପିଲାମାନେ ସୋମବାର ରଜରେ ଦୋଳି ଖେଳୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜିତ୍



@ ନୃସିଂହ



@ ସନ୍ଧ୍ୟାରାଣୀ



@ ପ୍ରଦୀପ



@ ତ୍ରିଲୋଚନ



@ ଟୁଲୁ

**ସଂକ୍ଷେପରେ**

### ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଆର୍ଥିକ ସହାୟତା

**କଟକ ଅଫିସ,୧୪।୬:** ଖବରକାଗଜ ବିକ୍ରେତା ଲକ୍ଷ୍ମଣ ଘୋଷଙ୍କର କଟକ ଶେଲ୍‌ଟରଛକ ନେତାଜୀ ନଗରସ୍ଥିତ ବାସଭବନରେ ଗତ ୧ ତାରିଖରେ ପରଲୋକ ହୋଇଥିଲା। ଏନେଇ ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ସଭ୍ୟମାନେ ସୋମବାର ଲକ୍ଷ୍ମଣଙ୍କ ବାସଭବନରେ ପହଞ୍ଚି ତାଙ୍କ ବଡଝିଅ ଶିଳ୍ପାଙ୍କୁ ତିନି ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ପ୍ରସୂତିକାଳୀନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

**ଟିଗିରିଆ,୧୪।୬(ଡି.ଏନ୍.ଏ.):** ଟିଗିରିଆ ବ୍ଲକ ସଦର ମହକୁମା ନିଜିଗଡ଼ସ୍ଥିତ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ୩୦ ଶଯ୍ୟା ବିଶିଷ୍ଟ ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦଇଥିଲେ। ପ୍ରଶାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ରୁପା ଦଳେଇ, ପୂର୍ବତନ ଅଧକ୍ଷ ଭାଗୀରଥି ନନ୍ଦ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଳିକ, ବିଜୟଲକ୍ଷ୍ମୀ ଖଟୁଆ, ଟିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ ଧାର ଏବଂ ବ୍ଲକ ଉପାଧକ୍ଷ ଗୌରହରି ପରିଡା ଯୋଗ ଦେଇଥିଲେ। ଏଥିପାଇଁ ୬କୋଟି ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି।

## ଏସ୍‌ସିବିରେ ଏକ୍‌ମୋ ମେଶିନ ପ୍ରତିଷ୍ଠା ଦାବି

କଟକ ଅଫିସ, ୧୪।୬

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି**



ଏସ୍‌ସିବି ମେଡିକାଲରେ ଏକ୍‌ମୋ ମେଶିନ ପ୍ରତିଷ୍ଠା ପାଇଁ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ସ୍ମୃତି ରଞ୍ଜନ ମିଶ୍ର ଦାବି କରିଛନ୍ତି। ଏ ନେଇ ସେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ଏସ୍‌ସିବି ମେଡିକାଲ ଓଡ଼ିଶା ଏବଂ ପୂର୍ବ ଭାରତର ଏକ ପ୍ରତିଷ୍ଠିତ ଚିକିତ୍ସା ପ୍ରତିଷ୍ଠାନ। ଏଥିସହ କଟକରେ ଅତ୍ୟାଧୁନିକ କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର ରହିଛି। ପ୍ରତିଦିନ ଏଠାକୁ ବହୁ ସଂଖ୍ୟକ ରୋଗି ଚିକିତ୍ସା ପାଇଁ ଆସୁଛନ୍ତି। କରୋନାର ଦ୍ୱିତୀୟ ଲହରରେ ଫୁସ୍‌ଫୁସ୍ ସଂକ୍ରମଣରେ ଅନେକ ରୋଗୀ ମୃତ୍ୟୁ ଘଟିଛି। କାରଣ ଓଡ଼ିଶାରେ ଉକ୍ତ ଚିକିତ୍ସା ନିମନ୍ତେ ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ସାଧାରଣ ଲୋକେ ବାହାର ରାଜ୍ୟକୁ ଯାଇ ଘରୋଇ ହସ୍ପିଟାଲରେ ଅଧିକ ଟଙ୍କା ଖର୍ଚ୍ଚ କରି ଚିକିତ୍ସା ହେବା ସମ୍ଭବ ନୁହେଁ। ଏଣୁ କରୋନା ଆକ୍ରାନ୍ତଙ୍କ ଜୀବନ ବଞ୍ଚାଇବା ପାଇଁ ଏସ୍‌ସିବି ମେଡିକାଲରେ ଏକ୍‌ମୋ ମେଶିନ ଜରୁରୀ ଆବଶ୍ୟକତା ଭିତ୍ତିରେ ପ୍ରତିଷ୍ଠା କରାଯିବା ସହ ଉକ୍ତ ମେଶିନକୁ ପରିଚାଳନା ପାଇଁ କୁଶଳୀ ଟେକ୍ନିସିଆନ ନିଯୁକ୍ତ କରାଯିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

## ବିଶ୍ୱ ରକ୍ତଦାତା ଦିବସ

କଟକ ଅଫିସ, ୧୪।୬

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ସୋମବାର ପାଳିତ ହୋଇଯାଇଛି। ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, ମନୁଷ୍ୟର ଜୀବନ ରକ୍ଷା ଲାଗି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଅଦୃଶ୍ୟ ଆଶୀର୍ବାଦ ପାଇଥାନ୍ତି। ଏଥିରେ ସହ ଅଧକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଲୋକନାଥ ବେହେରା, ଇଂ. ସୁଧାଂଶୁ ଭୂଷଣ କର ପ୍ରମୁଖ ଯୋଗଦେଇଥିଲେ।

## ମାଲିକଙ୍କ ଗାଡ଼ି ଚୋରି କରି ଡ୍ରାଇଭର ଗିରଫ

- ପୂର୍ବରୁ ଗାଡ଼ି ଚୋରି କରି ଜେଲ ଯାଇଥିଲେ
- ଜାମିନରେ ଆସି ପୁଣି ଚୋରି କରୁଥିଲେ

ଭୁବନେଶ୍ୱର,୧୪।୬(ବ୍ୟୁରୋ)

ଗାଡ଼ି ଚୋରି କରି ବାରମ୍ବାର ଜେଲ ଗଲେ ମଧ୍ୟ ଜେଲ୍‌ରୁ ବାହାରି ପୁଣିଥରେ ଚୋରି କରୁଥିଲେ। କିଛିଦିନ ତଳେ ଜେଲରୁ ଫେରି ଜଣେ ବ୍ୟକ୍ତିଙ୍କ ପାଖରେ ରହି ଗାଡ଼ି ଚଳାଉଥିଲେ। ତେବେ କିଛିଦିନ ପରେ ମାଲିକଙ୍କ ଗାଡ଼ି ଚୋରି କରି ନେଇଯିବା ଅଭିଯୋଗରେ ଭରତପୁର ଥାନା ପୋଲିସ ପୁଣିଥରେ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଘାଟିକିଆ ନାୟକ ସାହିର ଅମିତ୍ କୁମାର ନାୟକ(୨୭)। ପୋଲିସ ତାଙ୍କ ନିକଟରୁ ଚୋରି କାର୍ ଜବତ କରିଛି। ଅମିତଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୬ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ଅମିତ ନିକଟରେ ବାଇକ୍ ଚୋରି ମାମଲାରେ ଖଣ୍ଡଗିରି ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ସେହି ସମୟରେ ପୋଲିସ ତାଙ୍କ ନିକଟରୁ ୫୦ରୁ ଊର୍ଦ୍ଧ୍ୱ ବାଇକ୍ ଜବତ କରିଥିଲା। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଭରତପୁର ଥାନା ଅନ୍ତର୍ଗତ ବିପୁଲ ଗାର୍ଡେନ, ଟାୱାର-୨ରେ ରୁଦ୍ର ସବିତ୍ରୁ ନାଏକ ରହୁଛନ୍ତି। ପ୍ରାୟ ୩ମାସ ହେବ ଜେଲ୍‌ରୁ ଜାମିନରେ ଆସି ଅମିତ ଡ୍ରାଇଭର ଭାବେ ରୁଦ୍ରଙ୍କ କାର୍ ଚଳାଉଥିଲେ। ତେବେ ମେ ୩ରେ ଅମିତ ଏହାକୁ ଚୋରି କରି ନେଇ କେଉଁଆଡେ ଫେରାର ହୋଇଯାଇଥିଲେ। ଏ ନେଇ ରୁଦ୍ର ଭରତପୁର ଥାନା ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ରବିବାର ଅମିତ ଘାଟିକିଆ ସିଇଟି କଲେଜ ନିକଟରେ କାର୍‌ଟିକୁ ବିକିବା ନିମନ୍ତେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା। ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ଅମିତଙ୍କୁ କାବୁ କରିବା ସହ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲା।

## କ୍ୟାପିଟାଲ ୮୦ ପକ୍ଷରୁ କ୍ୟାରିୟର କାଉନସେଲିଂ

ଭୁବନେଶ୍ୱର,୧୪।୬

ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ କ୍ୟାପିଟାଲ ହାଇସ୍କୁଲର ପୁରାତନ ଛାତ୍ରମାନଙ୍କ ଦ୍ୱାରା ଗଠିତ ଛାତ୍ର ସଂଗଠନ ‘କ୍ୟାପିଟାଲ ୮୦’ ପକ୍ଷରୁ ଏକ ଅନ୍‌ଲାଇନ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଟ୍ରିକ ପାସ୍ ପରେ ଛାତ୍ରୀଛାତ୍ରମାନେ ନିଜର ଦକ୍ଷତା ଓ ରୁଚି ଅନୁସାରେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଯୋଡ଼ିହୋଇଥିଲେ। ସଂଗଠନ ସଭାପତି ଇଂ. ସରୋଜ କୁମାର ସାହୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିମ୍ବରାଜ ମହାନ୍ତି, ସିଦ୍ଧାର୍ଥ ପଟ୍ଟନାୟକ ଓ ସିଦ୍ଧାର୍ଥ ରଥ ପ୍ରମୁଖ ପିଲାଙ୍କ କ୍ୟାରିୟରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ନୀଳାଚଳ ପଲିଟେକ୍‌ନିକ୍‌ର ବରିଷ୍ଠ ଅଧ୍ୟାପିକା ଦୀପିକା ପଣ୍ଡା ପାୱାର ପଏଣ୍ଟ ଜରିଆରେ କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ। କ୍ୟାପିଟାଲ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ ଏବଂ ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମର କୁମାର ବେହେରା ଅତିଥି ରୂପେ ଯୋଗଦେଇଥିଲେ। ସଂଗଠନ ଉପସଭାପତି ଇଂ. ବବିନ୍ ମହାନ୍ତି, ପ୍ରମୋଦ କୁମାର ଦାଶ, ଡ. ପ୍ରଶାନ୍ତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଡଭୋକେଟ ବୈକୁଣ୍ଠନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଚା'ରେ ନିଶା ଦେଇ ଲୁଟ୍: ଅଚେତ ଅବସ୍ଥାରେ ଜଣେ ଉଦ୍ଧାର

**ଧର୍ମଶାଳା,୧୪।୬(ଡି.ଏନ.ଏ.):** ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥ ନିକଟରୁ ସୋମବାର ଜଣେ ବ୍ୟକ୍ତିଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଯାଜପୁର ଟାଉନ ଥାନା ମଙ୍ଗଳପୁର ଅଞ୍ଚଳର ମୋହନ ମହାନ୍ତି ବୋଲି ତାଙ୍କର ଏକ ପରିଚୟ ପତ୍ରରୁ ଜଣାପଡ଼ିଛି। ରାସ୍ତା କଡ଼ରେ ସମ୍ପୃକ୍ତ ବ୍ୟକ୍ତି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରିଥିଲେ। ପରେ ପୋଲିସ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲା। ସେ ଜଗତପୁରସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ସକାଳୁ ବାଇକରେ ଘରକୁ ଫେରୁଥିବା ସମୟରେ ଛତିଆ ନିକଟରେ ଜଣେ ଲୋକ ତାଙ୍କୁ ଲିଫ୍ଟ ମାଗିଥିଲେ। ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଲିଫ୍ଟ ଦେଇଥିଲେ। କିଛି ବାଟ ଆସିବା ପରେ ବାଟରେ ଚା ପିଇଥିଲେ। ଏହାପରେ ମୋହନଙ୍କୁ ଆଉ କିଛି ଜଣାପଡ଼ି ନ ଥିଲା ବୋଲି ଚେତା ଫେରିବା ପରେ ସେ ସୂଚନା ଦେଇଛନ୍ତି। ଚା'ରେ ନିଶା ଦେଇ ତାଙ୍କ ବାଇକ ସହ ପାଖରେ ଥିବା କିଛି ଟଙ୍କାକୁ ସମ୍ପୃକ୍ତ ବ୍ୟକ୍ତି ଲୁଟି ନେଇଥିବା ମୋହନ ଅଭିଯୋଗ କରିଛନ୍ତି। ଅଭିଯୋଗପାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଗଜା ଧାନ ଗଦା କରି ପ୍ରତିବାଦ

- ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଘେରାଉ
- ଧାନ ବିକ୍ରି ସମସ୍ୟା ଅସମାହିତ
- ପ୍ରତିଶ୍ରୁତି ପରେ ଉଠିଲେ ଚାଷୀ

**ବରଗଡ଼ ଅଫିସ୍,୧୪।୬**

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଛି। କିନ୍ତୁ ଜିଲାରେ ଧାନ ବିକ୍ରିସମସ୍ୟା ସମାଧାନ ହୋଇପାରିନାହିଁ। ଟୋକନ ଅବଧି ଶେଷ, ଟୋକନରେ ତ୍ରୁଟି, ଟୋକନ ଅବଧି ହ୍ରାସ ଧାନବିକ୍ରିରେ ବାଧକ ସାଜିଛି। ଲକ୍ ଡାଉନ ଯୋଗୁ କୃଷି ଶ୍ରମିକ ଅଭାବ, ଝଡ଼ବର୍ଷା ମଧ୍ୟ ଧାନ ଅମଳ କାର୍ଯ୍ୟକୁ ପ୍ରଭାବିତ କରିଛି। ଏଭଳି ସ୍ଥଳେ ଚାଷୀ ଅମଳ ଧାନ ବିକ୍ରି କରି ପାରୁ ନ ଥିବାବେଳେ ତାହା ଗଜା ହୋଇ ଗଲାଣି। ଏପରିକି ଗଜାଧାନରୁ ପୁଣି ଗଛ ଉଠିବା ଭଳି ଅଭାବନୀୟ ସ୍ଥିତି ଉପୁଜିଲାଣି। ତଥାପି ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ପ୍ରଶାସନିକ ତତ୍ପରତା ପରିଲକ୍ଷିତ ହୋଇନାହିଁ। ଏହାର ପ୍ରତିବାଦରେ ସୋମବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ନେତୃତ୍ୱରେ ଚାଷୀମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଗଜାଧାନ ଗଦା କରି ପ୍ରତିବାଦ କରିଥିଲେ। ସେମାନେ ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ଘେରିବା ସହିତ ଧାରଣାରେ ବସିଥିଲେ। ଆସନ୍ତା ୨୦ତାରିଖ ମଧ୍ୟରେ ସବୁଧାନ କିଣାଯିବା ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ଦାଶ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ। କୃଷକ ସଙ୍ଗଠନ ଅତାବିରା ଶାଖା ସଭାପତି ବିରେନ କର, ଟିକେଲାଲ ମିଶ୍ର, ଭୀଷ୍ମ ପଣ୍ଡା, ସୁବାଷ ବିଶ୍ୱାଳ, ସୁରେନ୍ଦ୍ର ସ୍ୱାଇଁ, ଅମୂଲ୍ୟ ସ୍ୱାଇଁ, ଭି. ପାପ୍ପାରାଓ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଅଫିସ ଆଗରେ ଗଜାଧାନ ଗଦା କରି ଚାଷୀଙ୍କ ଧାରଣା।

## କଟକ, ପୁରୀ ଜିଲାର ୫ ଗିରଫ

**ଚଳନ୍ତା କାର୍‌ରୁ ୨ ଗୃହରକ୍ଷୀଙ୍କୁ ଠେଲିଦେବା ମାମଲା**

**ଛେଳି ଚୋରି ର୍‍ୟାକେଟ୍‌ର ରହସ୍ୟ ଉନ୍ମୋଚନ**

**ଜଗତ୍‌ସିଂହପୁର ଅଫିସ, ୧୪।୬**

ଚଳନ୍ତା କାରରୁ ୨ ଗୃହରକ୍ଷୀଙ୍କୁ ଠେଲିଦେବା ମାମଲାରେ କଟକ ଓ ପୁରୀ ଜିଲାର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି। ଏହି ମାମଲାର ତଦନ୍ତବେଳେ ଛେଳିଚୋର ର୍‍ୟାକେଟ୍‌ର ରହସ୍ୟ ଉନ୍ମୋଚନ ହୋଇଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ମାଧିବ୍ରହ୍ମପୁର ଗ୍ରାମର ଡ୍ରାଇଭର ତେଷିନ ଖାନ୍ (୨୭)ଓରଫ ରାଜା, ଏହି ଗାଁର ସେକ୍ ୱାଜିଦ୍ (୨୫)ଓରଫ ଗୁବୁଲୁ, କଟକ ଜିଲା ନିଆଳି ଥାନା ଅଡ଼ଙ୍ଗ ଗ୍ରାମର ମାଜିତ ସା (୩୧), ପୂର୍ବଖଣ୍ଡ ତୋଟାସାହିର ପ୍ରକାଶ ଭୋଇ (୩୧) ଓ ମାଧବର ସୁନୀଲ ଖାନ୍ (୨୨)।

୧୫।୫।୨୧ ତାରିଖ ରାତିରେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ବାଲିଭଉଁରୀ ଛକର ଅନ୍ଧାରୁଆ ସ୍ଥାନରେ ୨ଟି କାର୍ ଛିଡ଼ା ହୋଇଥିଲା। ସେଠାରେ ୧୦ ଜଣ ବ୍ୟକ୍ତି ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡି ସେଠାରେ ପହଞ୍ଚିଥିଲା। ଅଭିଯୁକ୍ତମାନଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗାଡ଼ି ସହ ଥାନାକୁ ଯିବା ପାଇଁ ସିଏସ୍‌ଆଇ ତ୍ରିଭୁବନ ବେହେରାଙ୍କ ନିର୍ଦ୍ଦେଶ ଦେଇଥିଲେ। ୨ ଜଣ ଗୃହରକ୍ଷୀ ୨ଟି କାର୍‌ରେ ବସିଥିଲେ। ଏହି ସମୟରେ ପାକନପୁରସ୍ଥିତ କୁକୁଡ଼ା ଫାର୍ମ ନିକଟରେ ଅଭିଯୁକ୍ତମାନେ ୨ ଗୃହରକ୍ଷୀଙ୍କୁ ଚଳନ୍ତା କାରରୁ ଠେଲିପକାଇଯାଇଥିଲେ। ଫଳରେ ଉଭୟ ଗୃହରକ୍ଷୀ ଆହତ ହୋଇଥିଲେ। ସେମାନେ ହେଲେ ବାଲିକୁଦା ଥାନା ଝାରପିଟିର ନବ କିଶୋର ଦାସ (୪୦) ଓ ପ୍ରକାଶ କୁମାର ପରିଡ଼ା। ଏନେଇ ଜଗତ୍‌ସିଂହପୁର ପୋଲିସ ମାମଲା (ନଂ. ୨୩୭/୨୧) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଚେଷ୍ଟା ଚଳାଇଥିଲା। ଏ ସମ୍ପର୍କରେ ଅଭିଯୁକ୍ତ ରାଜା କହିଛନ୍ତି, ସେ ସାଙ୍ଗମାନଙ୍କ ସହ ଛେଳି ଚୋରି କରିବାକୁ ଜଗତ୍‌ସିଂହପୁର ଆସିଥିଲେ। ଏହା ପୂର୍ବରୁ ମଧ ଏହି ଉଦ୍ଦେଶ୍ୟରେ ସେ ଜଗତ୍‌ସିଂହପୁର ଆସିଥିବା ପୋଲିସ ଆଗରେ କହିଛନ୍ତି।

## ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି ୧,୯୨,୫୪୯

**ତୁରନ୍ତ ଚିହ୍ନଟ କରି ଟିକାକରଣ କରିବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ୧୪।୬(ବ୍ୟୁରୋ):** ରାଜ୍ୟରେ ୧,୯୨,୫୪୯ଜଣ ହିତାଧିକାରୀ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି। ଏମାନଙ୍କୁ ତୁରନ୍ତ ଚିହ୍ନଟ କରି ଟିକା ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ସୋମବାର ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଗତ ୯ ତାରିଖ କୋୱିନ ପୋର୍ଟାଲର ତଥ୍ୟାନୁସାରେ, ୬୪,୪୬୫ଜଣ ସ୍ୱାସ୍ଥ୍ୟକର୍ମୀ , ୩୪,୮୯୩ ସମ୍ମୁଖ ଯୋଦ୍ଧା ଓ ୯୩,୧୯୧ଜଣ ଅନ୍ୟାନ୍ୟ ବର୍ଗର ହିତାଧିକାରୀ ଏ ପର୍ଯ୍ୟନ୍ତ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି। ତେଣୁ ଏମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ଦ୍ୱିତୀୟ ଡୋଜ୍ ଟିକା ଦେବା ପାଇଁ ମହାପାତ୍ର କହିଛନ୍ତି। ଏଥିସହିତ କୋଭିଡ୍ ଟିକାକରଣ କେନ୍ଦ୍ର ସ୍ତରରେ ଏବଂ ବ୍ଲକ୍ ସ୍ତରରେ ଦ୍ୱିତୀୟ ଡୋଜ୍ ଟିକାକରଣକୁ ପର୍ଯ୍ୟାୟକ୍ରମେ ମନିଟର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଏମ୍‌ସ ପରୀକ୍ଷା: ଆଡମିଟ୍ କାର୍ଡକୁ ପାସ୍ ଭାବେ ବ୍ୟବହାର କରିପାରିବେ ପରୀକ୍ଷାର୍ଥୀ

**ଭୁବନେଶ୍ୱର,୧୪।୬(ବ୍ୟୁରୋ):** ଏମ୍‌ସ ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷା ଆସନ୍ତା ୧୬ ଓ ୨୭ ତାରିଖରେ ଅନୁଷ୍ଠିତ ହେବ। ସାରା ଦେଶରେ ଏହି ଦୁଇଦିନ ଅନ୍‌ଲାଇନ୍ ମୋଡ୍‌ରେ ଏହି ପରୀକ୍ଷା ହେବ। ପରୀକ୍ଷାକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଯିବା ଆସିବାରେ ଯେପରି କୌଣସି ସମସ୍ୟା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀ ସେମାନଙ୍କ ଆଡମିଟ୍ କାର୍ଡକୁ କର୍ଫ୍ୟୁ ପାସ୍ ଭାବେ ବ୍ୟବହାର କରିପାରିବେ। ଏ ନେଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଏସ୍‌ପିଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି ଦୁଇଦିନ ପରୀକ୍ଷା ପାଇଁ ଆୟୋଜକ ଯେ କୌଣସି ପ୍ରକାର ସାହାଯ୍ୟ ନେଇପାରିବେ। ତେବେ ପରୀକ୍ଷା କେନ୍ଦ୍ରରେ ସମସ୍ତ ପ୍ରକାର କୋଭିଡ୍ କଟକଣା କଡ଼ାକଡ଼ି ପାଳନ ହେବ। ପରୀକ୍ଷା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ, ବିମାନବନ୍ଦର କର୍ତ୍ତୃପକ୍ଷ, ରେଳ ବିଭାଗ କର୍ତ୍ତୃପକ୍ଷ ଆବଶ୍ୟକ ପ୍ରଶାସନକ ସହାୟତା ଦେବା ପାଇଁ କୁହାଯାଇଛି।



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ବିଜୟଶ୍ରୀ ରାଉତରାୟଙ୍କ ଏକାଦଶାହରେ ସୋମବାର ଭୁବନେଶ୍ୱର ପିଏମ୍‌ଜିସ୍ଥିତ ତାଙ୍କ ସରକାରୀ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

## ଖେଳ ଖବର

## ମହିଳା କ୍ରିକେଟ ଖେଳାଳିଙ୍କୁ ରାହାନେଙ୍କ ଟିପ୍ସ

**ନୂଆଦିଲ୍ଲୀ, ୧୪।୬(ପି.ଟି.)**

ଭାରତୀୟ ମହିଳା କ୍ରିକେଟ ଦଳ ଦୀର୍ଘ ୭ ବର୍ଷ ବ୍ୟବଧାନରେ ଟେଷ୍ଟ ମ୍ୟାଚ ଖେଳିବାକୁ ଯାଉଛି। ଇଂଲଣ୍ଡ ବିପକ୍ଷ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ମିଥାଲି ରାଜଙ୍କ ନେତୃତ୍ୱାଧୀନ ମହିଳା ଦଳର ଖେଳାଳିଙ୍କୁ ଟିମ୍ ଇଣ୍ଡିଆ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ମୂଲ୍ୟବାନ ଟିପ୍ସ ଦେଇଛନ୍ତି। ଶରୀର ନିକଟରୁ ବଲ୍ ଖେଳିବା, ମାଇଣ୍ଡସେଟ୍ ଉପରେ କାର୍ଯ୍ୟ କରିବା ଏବଂ ଛୋଟ ଟାର୍ଗେଟ୍ ବନାଇବା ଉପରେ ରାହାନେ ଗୁରୁତ୍ୱ ଦେଇଛନ୍ତି। ଜଣେ ଟେଷ୍ଟ ସ୍ପେଶାଲିଷ୍ଟଭାବେ ବିଶେଷ ପରିଚିତ ରାହାନେ ମହିଳା ଦଳର କୋଚ୍ ରମେଶ ପାୱାରଙ୍କ ଅନୁରୋଧକ୍ରମେ ଏକ ସେସନରେ ଏହି ଟିପ୍ସ ଦେଇଥିଲେ। ଭାରତୀୟ ଦଳର ଇଂଲଣ୍ଡ ଗସ୍ତ ପୂର୍ବରୁ ଏହି କାର୍ଯ୍ୟ ସମ୍ପାଦନ ହୋଇଥିଲା। ରାହାନେ ୭୩ଟି ଟେଷ୍ଟ ଖେଳି ୪୫୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ରମେଶ ଏବଂ ରାହାନେ ଟିମ୍‌ମେଟ୍ ଥିଲେ। ଭାରତୀୟ ମହିଳାମାନେ ୭ ବର୍ଷ ବ୍ୟବଧାନରେ ଟେଷ୍ଟ ମ୍ୟାଚ ଖେଳିବାକୁ ଯାଉଥିବାରୁ ରାହାନେ ଏକ ସେସନରେ ବ୍ୟାଟିଂ ଟିପ୍ସ ଦେଲେ ଉପାଦେୟ ହେବ ବୋଲି ପାୱାର ଅନୁଭବ କରିଥିଲେ। ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ମୁମ୍ବାଇରେ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୫୦ ମିନିଟ ଧରି ଜୁମ୍ ସେସନ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁସାରେ ଅଧିନାୟିକା ମିଥାଲି, ଉପଅଧିନାୟିକା ହରମନପ୍ରୀତ କୌର, ସ୍ମୃତି ମନ୍ଧାନା ଏବଂ ସମସ୍ତ ବ୍ୟାଟ୍ସଓମ୍ୟାନ, ଦ୍ରୁତ ବୋଲର ଶିଖା ପାଣ୍ଡେ ଏହି ଜୁମ୍ ସେସନରେ ରାହାନେଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ।

ୟୁକେରେ ବଲ୍ ଉଭୟ ଦିଗକୁ ମୁଭ୍ କରୁଥିବାରୁ ଇନିଂସ ଆରମ୍ଭରେ ଅଧିକ ଡ୍ରାଇଭ୍ ନ କରିବା ପାଇଁ ରାହାନେ ପରାମର୍ଶ ଦେଇଥିଲେ। ଯଥାସମ୍ଭବ ଶରୀର ପାଖରୁ ବଲ୍‌କୁ ଖେଳିବା ଉପରେ ଅଧିକ ଏକାଗ୍ର ହେବାକୁ ସେ କହିଥିଲେ। ଛୋଟ ଟାର୍ଗେଟ୍ ଦ୍ୱାରା ଟେଷ୍ଟ ଇନିଂସର ଭଲ ମୂଳଦୁଆ ପକାଯାଇ ପାରିବ ବୋଲି ରାହାନେ ଅନୁଭବ କରୁଛନ୍ତି। ତେଣୁ ପ୍ରଥମେ ୧୫ ରନ, ପରେ ଆଉ ୨୫ ଏବଂ ଏହାପରେ ଅଧିକ ୩୦ ରନ କରିବା ଉପରେ ଧ୍ୟାନ ଦିଆଯିବା ଉଚିତ। ଇଂଲଣ୍ଡରେ ବର୍ଷାଜନିତ ବ୍ରେକ୍ ସାଧାରଣ ଘଟଣା। ତେଣୁ ଏଥିପ୍ରତି ମାନସିକ ସ୍ତରରେ ପ୍ରସ୍ତୁତ ରହିବାକୁ ମଧ ସେ ପରାମର୍ଶ ଦେଇଛନ୍ତି। ଜଣେ ବ୍ୟାଟ୍ସମ୍ୟାନ ଭଲ ରିଦିମରେ ଥିବାବେଳେ ବ୍ରେକ୍ ପରେ ସେହି ରିଦିମ ପାଇବା ସହଜ ହୋଇ ନ ଥାଏ। ତେଣୁ ନିଜ ଗେମ୍ ଉପରେ ଅଧିକ ଫୋକସ କରିବାକୁ ସେ କହିଛନ୍ତି।




## ମୁସ୍‌ଫିକର, ବ୍ରାଇସ୍ ପ୍ଲେୟର ଅଫ୍ ଦି ମନ୍ଥ୍

**ଦୁବାଇ, ୧୪।୬ (ପି.ଟି.)**

ବାଂଲାଦେଶର ପୂର୍ବତନ ଅଧିନାୟକ ମୁସ୍‌ଫିକର ରହିମ ଓ ସ୍କଟିଶ ଅଲ୍‌ରାଉଣ୍ଡର କ୍ୟାଥରିନ୍ ବ୍ରାଇସ୍ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏହା ଘୋଷଣା କରାଯାଇଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ମେ ମାସରେ ଶ୍ରୀଲଙ୍କା ବିପକ୍ଷରେ ଏକ ଟେଷ୍ଟ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶର ପ୍ରଥମ ଦିନିକିଆ ସିରିଜ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦ୍ୱିତୀୟ ଗେମ୍‌ରେ ସେ ୧୨୫ ରନ ସ୍କୋର କରିଥିଲେ। ଆଇସିସି ଭୋଟିଂ ଏକାଡେମୀରେ ପ୍ରତିନିଧିତ୍ୱ କରୁଥିବା ଭାରତର ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ମେ ମାସରେ ମୁସ୍‌ଫିକରଙ୍କ ପ୍ରଦର୍ଶନ ଉପରେ ତାଙ୍କର ମନ୍ତବ୍ୟ ରଖି କହିଛନ୍ତି ଉଚ୍ଚସ୍ତରରେ ୧୫ ବର୍ଷ ଖେଳିସାରିବା ପରେ ମଧ ବାଂଲାଦେଶର ଏହି ଖେଳାଳିଙ୍କର ରନ ସଂଗ୍ରହ କ୍ଷୁଧା ମେଣ୍ଟି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ୧୯୯୬ ବିଶ୍ୱକପ୍ ଚାମ୍ପିୟନ ବିପକ୍ଷରେ ବାଂଲାଦେଶର ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ସିରିଜ ବିଜୟ ସଫଳତାରେ ଏହି ଖେଳାଳିଙ୍କର ବିଶେଷ ଅବଦାନ ରହିଛି। ମିଡିଲ ଅର୍ଡରରେ କ୍ରିଜ୍‌ରେ ଜମି ରହିବା ଏବଂ ଚମତ୍କାର ଉଇକେଟ କିପିଂ ତାଙ୍କ ଫିଟ୍‌ନେସ୍ ଓ ସ୍କିଲ୍‌ର ପ୍ରମାଣ ଦେଉଛି। ଅନ୍ୟପକ୍ଷରେ ବ୍ରାଇସ ସ୍କଟ୍‌ଲାଣ୍ଡର ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରଥମ ଖେଳାଳି ହିସାବରେ ବ୍ୟାଟିଂ ହେଉ ଅବା ବୋଲିଂ ନିକଟରେ ପ୍ରକାଶିତ ଏମ୍‌ଆର୍‌ଏଫ୍ ଟାୟାର୍ସ ଆଇସିସି ପ୍ଲେୟର ର୍‍ୟାଙ୍କିଂର ଟପ୍ ୧୦ରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ମେ ମାସରେ ଆୟର୍ଲାଣ୍ଡ ବିପକ୍ଷରେ ବ୍ରାଇସ୍ ୪ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ ୯୬ ରନ ସ୍କୋର କରିବା ସହ ୪.୭୬ ଇକୋନୋମି ରେଟ୍‌ରେ ୫ ଉଇକେଟ ଅକ୍ତିଆର କରିଛନ୍ତି।



ମୁସ୍‌ଫିକର ରହିମ



କ୍ୟାଥରିନ୍ ବ୍ରାଇସ୍

## ବିଜେତା ପାଇବେ ୧.୬ ନିୟୁତ ଡଲାର

**ଦୁବାଇ, ୧୪।୬ (ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ମ୍ୟାଚର ବିଜେତା ଦଳ ୧.୬ ନିୟୁତ ଆମେରିକୀୟ ଡଲାର ଆର୍ଥିକ ପୁରସ୍କାର ପାଇବ। ଏଥି ସହିତ ଟେଷ୍ଟ ଚାମ୍ପିୟନଶିପ୍ ଗଦା ମଧ ଦିଆଯିବ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ସମ୍ମାନଜନକ ଲଢ଼େଇ ଜୁନ୍ ୧୮ରେ ସାଉଥାମ୍ପଟନରେ ହେବ। ରନର୍ସଅପ୍ ଦଳପାଇଁ ୮୦୦,୦୦୦ ଆମେରିକୀୟ ଡଲାର ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। ପରିଚାଳନା ପରିଷଦର ସୂଚନା ଅନୁସାରେ ୯ଟି ଦଳକୁ ନେଇ ଅନୁଷ୍ଠିତ ଟେଷ୍ଟ ଚାମ୍ପିୟନଶିପ୍‌ରେ ତୃତୀୟ ସ୍ଥାନରେ ରହିଥିବା ଦଳ ୪୫୦,୦୦୦ ଡଲାର ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ୩୫୦,୦୦୦ ଡଲାର ପାଇବେ। ୫ମ ସ୍ଥାନ ଅଧିକାର କରିଥିବା ଦଳ ୨୦୦,୦୦୦ ଡଲାର ପାଇବାକୁ ଥିବାବେଳେ ଅବଶିଷ୍ଟ ୪ଟି ଦଳ ପ୍ରତ୍ୟେକେ ୧୦୦,୦୦୦ ଡଲାର ଲେଖାଏ ପାଇବେ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଯଦି ଡ୍ର ରୁହେ ତେବେ ଉଭୟଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯିବ। ଚାମ୍ପିୟନଶିପ୍ ଗଦାକୁ ଉଭୟ ଦଳ ନିଜ ପାଖରେ ଅଧା ଅଧା ଦିନ ବାଣ୍ଟିକରି ରଖିବେ।

## ରକ୍ତଦାନ କଲେ ତେନ୍ଦୁଲକର

**ମୁମ୍ବାଇ, ୧୪।୬ (ପି.ଟି.)**

ବିଶ୍ୱ ରକ୍ତଦାନ ଦିବସ ଅବସରରେ ଭାରତର ପୂର୍ବତନ କ୍ରିକେଟ ଅଧିନାୟକ ସଚିନ ତେନ୍ଦୁଲକର ସୋମବାର ରକ୍ତଦାନ କରିଛନ୍ତି। ଏହି ପୂର୍ବତନ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାପାଇଁ ଆଗଭର ହେବାଲାଗି ନାଗରିକମାନଙ୍କୁ ନିବେଦନ କରିଛନ୍ତି। ଆମ ସମସ୍ତଙ୍କ ପାଖରେ ଅନ୍ୟଜଣକ ଜୀବନ ବଞ୍ଚାଇପାରିବା ଭଳି ଶକ୍ତି ରହିଛି। ଆମେ ତାହାର ବିନିଯୋଗ କରିବା ଉଚିତ ବୋଲି ସେ ଟୁଇଟ୍ କରି କହିଛନ୍ତି। ତେନ୍ଦୁଲକର ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏଥିରେ ସେ କିଛିମାସ ତଳେ ଜଣେ ନିକଟ ସମ୍ପର୍କୀୟ କିପରି ରକ୍ତ ଦରକାର କରୁଥିଲେ, ତାହାର ବ୍ୟକ୍ତିଗତ ଅନୁଭୂତି ସେ ଏଥିରେ ବଖାଣିଛନ୍ତି। ଏହି ଘଟଣା ତାଙ୍କୁ ରକ୍ତଦାନ ପାଇଁ ଅନୁପ୍ରାଣିତ କରିଥିବା ତେନ୍ଦୁଲକର କହିଛନ୍ତି।



## ମାଳବିକା ଜିତିଲେ ଟାଇଟଲ

**କନାସ୍ (ଲିଥୁଆନିଆ), ୧୪।୬ (ପି.ଟି.)**

ଭାରତର ମାଳବିକା ବନସୋଡ୍ ଏଠାରେ ଚାଲିଥିବା ଆରଏସ୍‌ଏଲ୍ ଲିଥୁଆନିଆନ ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ତୃତୀୟ ସିଡ୍ ମାଳବିକା ୨୧-୧୪, ୨୧-୧୧ରେ ଆୟର୍ଲାଣ୍ଡର ରଚେଲ ଡାରାଗ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ ମାତ୍ର ୨୯ ମିନିଟ୍‌ରେ ଶେଷ ହୋଇଥିଲା। ଗତ ମାସରେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ମାଳବିକା ପୂର୍ବରୁ ଓପନିଂ ରାଉଣ୍ଡରେ ସ୍ଥାନୀୟ ଖେଳାଳି ଭିଲ୍‌ଟେ ପାଉଲାଉସ୍‌କେଟଙ୍କୁ ୨୧-୬, ୨୧-୧୦ରେ ଏବଂ ପରେ ଇସ୍ରାଏଲ୍‌ର ହେଲି ନିମାନଙ୍କୁ ୨୧-୧୦, ୨୧-୧୧ରେ ହରାଇ ଦେଇଥିଲେ। କ୍ୱାର୍ଟରଫାଇନାଲରେ ସେ ଅଷ୍ଟ୍ରିଆର କାଟ୍ରିନ୍ ନେଉଲ୍‌ଙ୍କୁ ୨୧-୧୨, ୨୧-୯ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ସେ ଫ୍ରାନ୍ସର ଆନ୍ନା ଟାଟ୍ରାନୋଭାଙ୍କୁ ୨୧-୧୩, ୨୧-୧୦ରେ ହରାଇ ଦେଇଥିଲେ।



ମାଳବିକା ବନସୋଡ୍

## ସଂକ୍ଷେପରେ

### ବିବିପିଏସ୍‌ରେ ମୋବାଇଲ ପ୍ରିପେଡ୍ ରିଚାର୍ଜ

**ମୁମ୍ବାଇ,୧୪।୬:** ଭାରତ ବିଲ୍ ପେମେଣ୍ଟ ସିଷ୍ଟମ (ବିପିପିଏସ୍)ରେ ଅଗଷ୍ଟ ୩୧ ସୁଦ୍ଧା ମୋବାଇଲ ପ୍ରିପେଡ୍ ରିଚାର୍ଜ ସୁବିଧା ମିଳିବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏ ନେଇ ସୋମବାର ଘୋଷଣା କରାଯାଇଛି। ବିଲ୍‌ର ବର୍ଗରେ ଏହି ସୁବିଧା ଯୋଡ଼ାଯିବ। ଫଳରେ ନିୟୁତାଧିକ ମୋବାଇଲ ପ୍ରିପେଡ୍ ଉପଭୋକ୍ତା ଏହାଦ୍ୱାରା ଲାଭବାନ୍ ହୋଇପାରିବେ। ୨୦୧୯ ସେପ୍ଟେମ୍ବରରେ ବିବିପିଏସ୍ ପରିସରକୁ ସବୁ ବର୍ଗର ବିଲ୍‌ରଙ୍କ ପାଇଁ ସମ୍ପ୍ରସାରଣ କରାଯାଇଥିଲା। ସେହି ସମୟରେ ମୋବାଇଲ ପ୍ରିପେଡ୍ ରିଚାର୍ଜ ବାଦ୍ ସବୁ ସୁବିଧା ଲାଗି ରେକରିଂ ବିଲ୍ କରିବା ସହଜ ହୋଇଥିଲା। ଏହା ପୂର୍ବରୁ ଡିଟିଏଚ୍, ବିଦ୍ୟୁତ୍, ଗ୍ୟାସ୍, ଟେଲିକମ୍ ଏବଂ ଜଳ ଭଳି ବର୍ଗରେ ବିଲ୍ ସୁବିଧା ଦିଆଯାଇଥିଲା। ବର୍ତ୍ତମାନ ମୋବାଇଲ ପ୍ରିପେଡ୍ ରିଚାର୍ଜକୁ ଏଥିରେ ସଂଯୋଗ କରାଯାଇଛି।

### ଓଏମ୍‌ସିକୁ ଏସିଆନ ଲିଡରଶିପ୍ ଆୱାର୍ଡ

**ଭୁବନେଶ୍ୱର,୧୪।୬:** ଓଡିଶା ଖଣି ନିଗମ (ଓଏମ୍‌ସି) ସମ୍ମାନଜନକ ୧୯ତମ ଏସିଆନ ଲିଡରଶିପ୍ ଆୱାର୍ଡର 'ବେଷ୍ଟ ଇନ ମ୍ୟାନେଜିଂ ହେଲଥ ଏଟ ୱାର୍କ' ବର୍ଗରେ ସମ୍ମାନିତ ହୋଇଛି। କୋଭିଡ ମହାମାରୀ ସମୟରେ ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଗମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେହିଭଳି ଏକ ସୁସ୍ଥ ଏବଂ ନିରାପଦ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ସହ ୱାର୍କ ଲାଇଫ ବାଲାନ୍ସକୁ ସୁନିଶ୍ଚିତ କରିବା ଦିଗରେ ଉଦ୍ୟମ ଜାରି ରହିଛି ବୋଲି ଓଏମସି ପକ୍ଷରୁ କୁହାଯାଇଛି। କୋଭିଡ କେୟାର ହୋମ, କରୋନା ପ୍ରତିଷେଧକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର, ମେଡିକ୍ଲେମ୍ ଭଳି ସୁବିଧା ସହିତ କାର୍ଯ୍ୟସ୍ଥଳରେ ଉପଯୁକ୍ତ ନିରୀକ୍ଷଣ ଏବଂ ଜନ କଲ୍ୟାଣକାରୀ ପଦକ୍ଷେପ ନିଗମ ପକ୍ଷରୁ ଗ୍ରହଣ କରାଯାଇଛି। ସେହିପରି କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଶ୍ରମିକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ପଦକ୍ଷେପଗୁଡିକକୁ ସୁନିଶ୍ଚିତ କରିପାରିଥିବାରୁ ଓଏମସିକୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି ବୋଲି ନିଗମ ସୂଚନା ଦେଇଛି।

# ପାଇକାରୀ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ

**ନୂଆଦିଲ୍ଲୀ,୧୪।୬**



ଚଳିତ ବର୍ଷ ମେ ମାସରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ରେକର୍ଡ ସ୍ତର ୧୨.୯୪% ସ୍ତର ଛୁଇଁଛି। ଅଶୋଧିତ ତେଲ ଏବଂ ବିନିର୍ମାଣ ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ୨୦୨୦ ମେ ମାସରେ ପାଇକାରୀ ମୂଲ୍ୟସୂଚୀ (ଡବ୍ଲ୍ୟୁପିଆଇ) -୩.୩୭% ସ୍ତରରେ ରହିଥିଲା। ସେହି ହାରକୁ ଦେଖିଲେ ବର୍ତ୍ତମାନ ଦରଦାମ ବଢ଼ିଛି। ଗତ ୫ ମାସ ହେବ ଦେଶ ମଧ୍ୟରେ ପାଇକାରୀ ମୁଦ୍ରାସ୍ଫୀତି ଲଗାତର ବଢ଼ିଚାଲିଛି। ଚଳିତ ବର୍ଷ ଏପ୍ରିଲରେ ଏହା ୧୦.୪୯% ସ୍ତରରେ ରହିଥିଲା। ଅଶୋଧିତ ତୈଳ ଦର ବଢ଼ିବା ଯୋଗୁ ଦେଶ ମଧ୍ୟରେ ପେଟ୍ରୋଲ, ଡିଜେଲ, ନାପ୍‌ଥା, ଫର୍ନେସ ଅଏଲ ଦର ବଢ଼ିଛି। ସେହିଭଳି ପୂର୍ବ ମାସଗୁଡିକ ତୁଳନାରେ ବିନିର୍ମାଣ ସାମଗ୍ରୀ ଦର ବଢ଼ିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

ତେଲ ଏବଂ ଶକ୍ତି ବାସ୍କେଟରେ ମେ ମାସରେ ମୁଦ୍ରାସ୍ଫୀତି ୩୭.୬୧% ବଢ଼ିଛି। ଏହା ଏପ୍ରିଲରେ ୨୦.୯୪% ସ୍ତରରେ ରହିଥିଲା। ବିନିର୍ମାଣ ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ୧୦.୮୩% ରହିଛି ଯାହା ଏହାର ପୂର୍ବ ମାସରେ ୯.୦୧% ସ୍ତରରେ ରହିଥିଲା। ସେହିଭଳି ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ୪.୩୧% ସ୍ତରରେ ରହିଛି। ପିଆଜ କ୍ଷେତ୍ରରେ ମୁଦ୍ରାସ୍ଫୀତି ୨୩.୨୪% ସ୍ତରରେ ରହିଛି। ଏହା ଏପ୍ରିଲରେ -୧୯.୭୨% ସ୍ତରରେ ଥିଲା। ଚଳିତ ମାସରେ ଆର୍‌ବିଆଇ ମୁଦ୍ରାନୀତି କମିଟି ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିଛି। ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ଏହା ପଦକ୍ଷେପ ଆଗାମୀ ଦିନରେ ଗ୍ରହଣ କରିପାରେ। ୨୦୨୨ ମାର୍ଚ୍ଚ ସୁଦ୍ଧା ଖୁଚୁରା ମୁଦ୍ରାସ୍ଫୀତି ୫.୧% ସ୍ତରରେ ରଖିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବଜାର ବର୍ତ୍ତମାନ ପ୍ରଭାବିତ ଥିବାରୁ ଦରଦାମ ବଢ଼ିବା ଆଶଙ୍କା ରହିଥିବାରୁ ଏଭଳି ଲକ୍ଷ୍ୟ ହାସଲ ଦିଗରେ ବ୍ୟାଙ୍କ ନଜର ରଖିଛି।

### ୬.୩% ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୬.୩% ସ୍ତରରେ ରହିଛି। ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟଠାରୁ ଏହା ଟପିଯାଇଛି। ଖାଦ୍ୟ ସାମଗ୍ରୀ ଦର ବଢ଼ିବା ଯୋଗୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସୋମବାର ସରକାର ଏ ନେଇ ରିପୋର୍ଟ ଜାରି କରିଛନ୍ତି। ଚଳିତ ବର୍ଷ ଏପ୍ରିଲରେ ଖାଉଟି ମୂଲ୍ୟସୂଚୀ(ସିପିଆଇ)୪.୨୩% ସ୍ତରରେ ରହିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଡାଟା ମୁତାବକ, ଖାଦ୍ୟ ସାମଗ୍ରୀ ବର୍ଗରେ ମେ ମାସରେ ମୁଦ୍ରାସ୍ଫୀତି ୫.୦୧% ରହିଛି। ଏହା ପୂର୍ବ ମାସ ତୁଳନାରେ ୧.୯୬% ଅଧିକ। ୪%ରୁ ଅଧିକ କିମ୍ବା କମ୍ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତିକୁ ରଖିବା ଲାଗି ସରକାର ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ରେପୋ ରେଟ୍ ନିର୍ଦ୍ଧାରଣ ବେଳେ ମୁଦ୍ରାନୀତି କମିଟି(ଏମ୍‌ପିସି) ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାର କରିଥାଏ।

# ଡ. ବିଶ୍ୱଜିତ ଏସିବିଏସ୍‌ପି ଦକ୍ଷିଣ ପୂର୍ବ ଏସିଆ ଅଧ୍ୟକ୍ଷ

**ଭୁବନେଶ୍ୱର,୧୪।୬**



ବିଶିଷ୍ଟ ଶିକ୍ଷାବିତ୍ ଏବଂ ମ୍ୟାନେଜମେଣ୍ଟ ଗୁରୁ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଯୁକ୍ତରାଷ୍ଟ୍ର ଆମେରିକାର ଆକ୍ରେଡିଟେଶନ କାଉନସିଲ ଫର୍ ବିଜ୍‌ନେସ୍ ସ୍କୁଲ୍‌ସ ଆଣ୍ଡ ପ୍ରୋଗ୍ରାମ୍ସର ରିଜନ୍ ୧୦ (ଦକ୍ଷିଣ ପୂର୍ବ ଏସିଆ) କାଉନ୍‌ସିଲର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏସିବିଏସ୍‌ପି ବିଶ୍ୱର ବିଭିନ୍ନ ମ୍ୟାନେଜମେଣ୍ଟ ସ୍କୁଲକୁ ଗୁଣବତ୍ତାର ମାନ୍ୟତା ପ୍ରଦାନକରେ । ପ୍ରଫେସର ପଟ୍ଟନାୟକ ଏହି ପଦବୀରେ ନିର୍ବାଚିତ ହେବାରେ ପ୍ରଥମ ଓଡ଼ିଆ । ସେ ଏହି ପଦବୀରେ ରହି ଏସିବିଏସ୍‌ପିର ଦକ୍ଷିଣ ପୂର୍ବ ଏସିଆର ସମସ୍ତ ଦେଶର ମ୍ୟାନେଜମେଣ୍ଟ ଶିକ୍ଷାର କ୍ୱାଲିଟି ଆକ୍ରେଡିଟେଶନ ଦାୟିତ୍ୱରେ ରହିବେ । ପ୍ରକାଶ ଥାଉକି ପ୍ରଫେସର ପଟ୍ଟନାୟକ ଗତ ୩ ଦଶନ୍ଧି ଧରି ଜଣେ ମ୍ୟାନେଜମେଣ୍ଟ ଶିକ୍ଷାର ପ୍ରଫେସର ଓ ଗବେଷକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରଫେସର ପଟ୍ଟନାୟକ ତାଙ୍କର ଲଗାନ ଚଳଚ୍ଚିତ୍ର ଗବେଷଣା ପାଇଁ ଲଗାନ ପ୍ରଫେସର ଭାବେ ସୁପରିଚିତ । ତାଙ୍କର ୧୦୪ ଗୋଟି ଗବେଷଣାତ୍ମକ ପ୍ରବନ୍ଧ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମ୍ୟାନେଜମେଣ୍ଟ ଜର୍ନାଲରେ ପ୍ରକାଶିତ ହୋଇଛି। ପ୍ରଫେସର ପଟ୍ଟନାୟକ ୨୪ଗୋଟି ମ୍ୟାନେଜମେଣ୍ଟ ପୁସ୍ତକ ରଚନା କରିଛନ୍ତି। ସେଥିମଧ୍ୟରୁ 'ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟ' ଓ 'କ୍ରିଏଟିଂ ପରଫରମିଂ ଅର୍ଗାନାଇଜେଶନ' ପୁସ୍ତକ ଆମାଜନ ବେଷ୍ଟ ସେଲର ମାନ୍ୟତା ପାଇଛି । ସେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ସମ୍ପ୍ରତି ଏହାର କୁଳାଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି।

## ଆଇଡିଆ ଲାବ୍ ସ୍କିମ୍‌ରେ ଗୀତା ରାଜ୍ୟର ଏକମାତ୍ର କଲେଜ

**ଭୁବନେଶ୍ୱର,୧୪।୬**

ବୈଷୟିକ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପାଇଁ ପରୀକ୍ଷଣ ଓ ପରୀକ୍ଷାଗାର ସହ ଶ୍ରେଣୀଗୃହ ଶିକ୍ଷାର ସଫଳ ସମନ୍ୱୟ ଲାଗି ଏଆଇସିଟିଇ ପକ୍ଷରୁ ନୂତନ ଭାବେ ଘୋଷିତ 'ଆଇଡିଆ ଲାବ୍ ସ୍କିମ୍' ର ଚୂଡ଼ାନ୍ତ ତାଲିକାରେ 'ଗୀତା' ରାଜ୍ୟର ଏକମାତ୍ର କଲେଜ ଭାବେ ସ୍ଥାନ ପାଇଛି। ଏଆଇସିଟିଇର ଚେୟାରମ୍ୟାନ ପ୍ରଫେସର ଅନୀଲ.ଡି ସହସ୍ରବୁଦ୍ଧେଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ବୈଠକରେ ଏହା ଘୋଷଣା କରାଯାଇଛି। 'ଆଇଡିଆ ଲାବ୍ ସ୍କିମ୍'ରେ ସମଗ୍ର ଦେଶରୁ ୨୦୪ଟି ଶିକ୍ଷାନୁଷ୍ଠାନ ନିଜର ପ୍ରସ୍ତାବ ଦାଖଲ କରିଥିଲେ। ଏଆଇସିଟିଇର ବିଭିନ୍ନ ସମୀକ୍ଷା ପରେ ମୋଟ ୪୯ଟି ଶିକ୍ଷାନୁଷ୍ଠାନକୁ ଏହି ଅନୁମୋଦନ ମିଳିଛି। ଶିକ୍ଷା, ଶିଳ୍ପ, ପ୍ରଯୁକ୍ତିବିଦ୍ୟା, ଦକ୍ଷତା ଓ ବିକାଶ କ୍ଷେତ୍ରରେ 'ଆତ୍ମନିର୍ଭର ଭାରତ' ଓ ନୂତନ ଶିକ୍ଷାନୀତିକୁ ପ୍ରୋତ୍ସାହିତ କରିବା ସହ ଏହା ବୈଷୟିକ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କୁ ଗବେଷଣାରେ ମନୋନିବେଶ ପାଇଁ ନୂତନ ଭିତ୍ତିଭୂମି ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମର ଏହା ପ୍ରମୁଖ ଲକ୍ଷ୍ୟ ବୋଲି ଏଆଇସିଟିଇ ପକ୍ଷରୁ ୟୁଟ୍ୟୁବ ଭିଡିଓ ମାଧ୍ୟମରେ ଘୋଷଣା କରାଯାଇଛି। ଏହି ନୂତନ ସ୍ୱୀକୃତି ପାଇଁ ଗୀତା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମନ୍ମଥ କୁମାର ରାଉଳ ଗୀତା ମ୍ୟାନେଜମେଣ୍ଟ ସହିତ ଏହାର ସମସ୍ତ ବିଦ୍ୟାର୍ଥୀ, ଅଧ୍ୟାପିକା ଅଧ୍ୟାପକ ଓ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।

### ଶିଭମ୍ କନ୍‌ଡେଭ, ହେମ୍ପକ୍ୟାନର ଔଷଧ ବଣ୍ଟନ

**ଭୁବନେଶ୍ୱର,୧୪।୬**

ଶରୀରର ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇବା ଲାଗି ଶିଭମ୍ କନ୍‌ଭେଡ ପ୍ରାଇଭେଟ ଲିମିଟେଡ୍ ଏବଂ ହେମ୍ପକ୍ୟାନ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଦେୟମୁକ୍ତ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତ୍ରିଫଳା, ଗୁଡୁଚି, ଅଶ୍ୱଗନ୍ଧା, ଇମ୍ୟୁସୀଙ୍କ ଇତ୍ୟାଦି ଏଚ୍‌ଓଡି ଭବନର ସମସ୍ତ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହେମ୍ପକ୍ୟାନର ନିର୍ଦ୍ଦେଶକ ସୌରଭ ଅଗ୍ରୱାଲ, ଉତ୍ପାଦକ କର୍ମଚାରୀ ଦୀପ୍ତିମୟୀ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏଥିରେ ଶିଭମ କନ୍‌ଭେଡ କର୍ମକର୍ତ୍ତା ଯୋଗଦେଇଥିଲେ।

## ନୂଆ ଆଇଟି ଫାଇଲିଂ ପୋର୍ଟାଲରେ ସମସ୍ୟା

**ନୂଆଦିଲ୍ଲୀ,୧୪।୬**

ଆୟକର ବିଭାଗ ପକ୍ଷରୁ ଗତ ଗୋଟିଏ ସପ୍ତାହ ତଳେ ଶୁଭାରମ୍ଭ ହୋଇଥିବା ନୂଆ ଆଇଟି ରିଟର୍ନ ପୋର୍ଟାଲରେ ସମସ୍ୟା ଜାରି ରହିଛି। ଏହାର କେତେକ ଫିଚର ବର୍ତ୍ତମାନ ଯାଏ କାର୍ଯ୍ୟକ୍ଷମ ହେଉ ନ ଥିବା ଦେଖାଯାଇଛି। ଫଳରେ ଲୋକମାନେ ରିଟର୍ନ ଫାଇଲ କରିବା ସମୟରେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଲଗିଂ ଲାଗି ପୂର୍ବ ସମୟଠାରୁ ଅଧିକ ସମୟ ଲାଗୁଛି। ସେହିଭଳି ନୋଟିସର ଉତ୍ତର ରଖିବା ବେଳେ ସମସ୍ୟା ଉପୁଜୁଛି। ସବୁ ଫିଚର ଠିକ୍ ଭାବେ କାମ କରୁ ନ ଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆମେ ଅଭିଯୋଗ କରୁଛନ୍ତି। ଜୁନ୍ ୭ରେ ଏହି ନୂଆ ପୋର୍ଟାଲ ଶୁଭାରମ୍ଭ ହୋଇଥିଲା। ଟିକସ ଅନୁପାଳନକୁ ସହଜ କରିବା ଲାଗି ଏହା ଶୁଭାରମ୍ଭ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଥିଲା। ପୂର୍ବ ପୋର୍ଟାଲଠାରୁ ନୂଆ ପୋର୍ଟାଲ ଆହୁରି ଦକ୍ଷ ହେବ ବୋଲି ଆଶା କରାଯାଇଥିଲା। ହେଲେ ଶୁଭାରମ୍ଭ ପରଠାରୁ ଏଥିରେ ବିଭିନ୍ନ ସମସ୍ୟା ଦେଖାଯାଇଛି। ଏହାକୁ ଧ୍ୟାନରେ ରଖି ଫରେନ ରେମିଟାନ୍ସର ଟାକ୍ସ ଫର୍ମ ମାନୁଆଲ ଭାବେ ଫାଇଲିଂ ଲାଗି ସରକାର ଅନୁମତି ଦେଇଥିବା ଜଣାପଡିଛି। ସମସ୍ୟା ସମାଧାନ ଲାଗି ଲୋକମାନେ ଟୁଇଟର ଯୋଗେ ବିଭାଗ ଏବଂ ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ କହିଛନ୍ତି, ପୂର୍ବରୁ ଇ-ଫାଇଲ ରିଟର୍ନ ସମ୍ପର୍କରେ ଦେଖିବା କଷ୍ଟକର ହେଉଛି। ଅପରପକ୍ଷରେ ଅନେକ ଫିଚର ଏବଂ ସୁବିଧା ଶୀଘ୍ର ଆସିବ ବୋଲି ୱେବ୍‌ସାଇଟରେ ଉଲ୍ଲେଖ ରହିଛି। ନୂଆ ପୋର୍ଟାଲକୁ ଇନ୍‌ଫୋସିସ୍ ପ୍ରସ୍ତୁତ କରିଛି। ଲୋକଙ୍କ ସମସ୍ୟାକୁ ନଜରରେ ରଖି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି କମ୍ପାନୀ ଏବଂ ନନ୍ଦନ ନିଲେକାନିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ସୀତାରାମନଙ୍କୁ ଉତ୍ତର ରଖି ନିଲେକାନି କହିଥିଲେ, ସମସ୍ୟା ସମାଧାନ କରିବା ଦିଗରେ ଇନ୍‌ଫୋସିସ୍ ବର୍ତ୍ତମାନ କାର୍ଯ୍ୟ କରୁଛି।

**ଟାକ୍ସ ଫର୍ମ ମାନୁଆଲ ଫାଇଲିଂ ଲାଗି ଅନୁମତି**




## ଫୁରସତ୍

# ମତ୍ସ୍ୟଜୀବୀଙ୍କୁ ଗିଳି ଓକାଳିଲା ତିମି





- ମୃତ୍ୟୁମୁଖରୁ ଜୀବନ୍ତ ଖସିଆସିଲେ
- ଶୁଣାଇଲେ ୩୦ ସେକେଣ୍ଡର ଭୟଙ୍କର ଅନୁଭୂତି

**ୱାଶିଂଟନ:** ଯାହାଙ୍କୁ ଭଗବାନ କୃପା କରିବେ ସେ ମୃତ୍ୟୁକୁ ବି ଚକମା ଦେଖାଇ ସହଜରେ ଖସିଆସିବେ। ଆମେରିକାର ଜଣେ ବ୍ୟକ୍ତିଙ୍କ ସହ ଏପରି ହୋଇଛି। ମତ୍ସ୍ୟଜୀବୀ ଜଣକ ଏକ ତିମି ମୁହଁରୁ ଖସିଆସିଛନ୍ତି। ତିମି ମୁହଁରେ ୩୦ ସେକେଣ୍ଡ ରହିବା ପରେ ଜୀବନ୍ତ ବାହାରିଥିବା ମାଇକେଲ ପେକର୍ଡଙ୍କ ଦେହରେ କେତୋଟି କ୍ଷତ ସୃଷ୍ଟି ହୋଇଛି। ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ମାସାଚ୍ୟୁସେଟ୍ସରେ ଘଟିଥିବା ଏହି ଘଟଣା ବାସ୍ତବରେ କୌଣସି ଚମତ୍କାରଠାରୁ କମ୍ ନୁହେଁ।

୫୬ ବର୍ଷୀୟ ମାଇକେଲ ପେକର୍ଡ ଜଣେ ଲୋବଷ୍ଟର ଡାଇଭର। ସେ ୪୦ ବର୍ଷ ହେଲା ଏହି କାମ କରୁଛନ୍ତି। ସେ ସମୁଦ୍ରରୁ ବିଭିନ୍ନ ପ୍ରଜାତିର ଜଳଜୀବଙ୍କୁ ଧରି ବଜାରରେ ବିକ୍ରି କରିଥାଆନ୍ତି। ପେକର୍ଡ ପ୍ରତିଦିନ ଭଳି ଶୁକ୍ରବାର ସକାଳେ ସମୁଦ୍ରର ହେରିଙ୍ଗ୍ କୋଭ୍ ବେଳାଭୂମିରେ ଥିଲେ। ମାଛ ଧରିବା ପାଇଁ ସମୁଦ୍ର ଭିତରେ ୩୫ ଫୁଟ୍ ଗଭୀରକୁ ଚାଲିଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ତିମି ମାଛ ଗିଳିଦେଲା। ତିମି ମୁହଁରୁ ପେଟକୁ ଯାଉ ଯାଉ ତାଙ୍କୁ ଜୋର୍‌ରେ ଧକ୍କା ଲାଗିଲା ଓ ଅନ୍ଧକାର ଦେଖାଗଲା। ସେ କେବଳ ହଲଚଲ ହୋଇପାରୁଥିଲେ। କିନ୍ତୁ କ'ଣ ଘଟୁଛି ବୁଝିପାରୁ ନ ଥିଲେ। କୌଣସି ସାର୍କ ଆକ୍ରମଣ କରିଛି ବୋଲି ପ୍ରଥମେ ସେ ଭାବିଥିଲେ। ଏହା ହିଁ ତାଙ୍କର ଶେଷ ଦିନ ବୋଲି ଚିନ୍ତାରେ ପଡ଼ିଯାଇଥିଲେ। ପରେ ଜାଣିଲେ ତାହା ସାର୍କ ନୁହେଁ, ତିମି। ପ୍ରକାଣ୍ଡ ତିମି ମୁହଁରୁ ଫେରିବା ଅସମ୍ଭବ ମନେହେଉଥିଲା। ପ୍ରାୟ ୩୦ ସେକେଣ୍ଡ ଧରି ତିମି ମୁହଁରେ ରହି ବଞ୍ଚିବା ଆଶା ଛାଡ଼ିଦେଇଥିଲେ। ସେତେବେଳେ ସେ ନିଜ ସ୍ତ୍ରୀ ଏବଂ ୧୪ ଓ ୧୨ ବର୍ଷୀୟ ଦୁଇ ପୁଅଙ୍କ ବିଷୟରେ ଚିନ୍ତା କରିବାରେ ଲାଗିଲେ। ଏହା ପରେ ସେ ହ୍ୱେଲ ମୁହଁରୁ ବାହାରିବାକୁ ଉଦ୍ୟମ କଲେ। ମାଇକେଲ କହିଛନ୍ତି, ତିମି ମୁଣ୍ଡ ହଲାଇବାରେ ଲାଗିବାରୁ ତା' ମୁହଁରୁ ଆଲୋକ ଦେଖାଗଲା। ପରବର୍ତ୍ତୀ ମୁହୂର୍ତ୍ତରେ ସେ ନିଜକୁ ସମୁଦ୍ର ଭିତରେ ପାଇଲେ। ତିମି ତାଙ୍କୁ ଓକାଳି ବାହାରକୁ ଫିଙ୍ଗିଦେଇଥିଲା।

ପେକର୍ଡଙ୍କ ବୋଟ୍‌ରେ ଥିବା ବନ୍ଧୁ ଜୋସିଆହ ମାୟୋ ତାଙ୍କୁ ସମୁଦ୍ର ବାହାରକୁ ଉଦ୍ଧାର କରି ଆଣିଥିଲେ। ମାୟୋ କହିଛନ୍ତି, ହଠାତ୍ ବୋଟ ସାମ୍ନାରେ ଏକ ବଡ଼ ବେଲୁନ ଭଳି ପାଣି ଫୋଟକା ସୃଷ୍ଟି ହୋଇଥିଲା। ତା' ପରେ ପେକର୍ଡ ବାହାରକୁ ଆସିଥିଲେ। ତାଙ୍କୁ କୂଳକୁ ଆଣିବା ପରେ ଅଧିକାରୀମାନଙ୍କୁ ଏହି ବିଷୟରେ ଅବଗତ କଲେ। ପ୍ରୋଭିନ୍ସଟାଉନ୍ ଫାୟାର ଡିପାର୍ଟମେଣ୍ଟ କହିଛି ଯେ, ପେକର୍ଡଙ୍କ ପାଦରେ କ୍ଷତ ସୃଷ୍ଟି ହୋଇଛି। ପେକର୍ଡ ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ଅନୁଭବ କରିଥିଲେ। କିନ୍ତୁ ଡାକ୍ତରମାନେ କେବଳ କିଛି କ୍ଷତ ହୋଇଥିବା ଦର୍ଶାଇ ଶୀଘ୍ର ଭଲ ହୋଇଯିବେ ବୋଲି କହିଛନ୍ତି। ପେକର୍ଡ ତାଙ୍କର ଏହି କାହାଣୀକୁ ସୋସିଆଲ ମିଡିଆରେ ପୋଷ୍ଟ କରି ଉଦ୍ଧାରକାରୀ ଦଳକୁ ଧନ୍ୟବାଦ ଦେଇଛନ୍ତି।

# ଭାବପ୍ରବଣ ହେଲେ ରିଆ



ରିଆ ଚକ୍ରବର୍ତ୍ତୀ

**ମୁମ୍ବାଇ:** ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀରେ ଗର୍ଲଫ୍ରେଣ୍ଡ ରିଆ ଚକ୍ରବର୍ତ୍ତୀ ଏକ ଭାବପ୍ରବଣ ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ଗୋଟିଏ ମୁହୂର୍ତ୍ତ ମଧ୍ୟ ଅନୁଭବ କରି ନାହିଁ ଯେ ତୁମେ ଆଉ ନାହଁ, ଲୋକମାନେ କୁହନ୍ତି ସମୟ ସବୁକିଛି ଠିକ କରେ, ମୋ ପାଇଁ ତୁମେ ମୋର ସମୟ, ସବୁକିଛି ଥିଲ। ମୁଁ ଜାଣେ ତୁମେ ମୋତେ ଉପରୁ ଦେଖୁଛ, ମୋତେ ସୁରକ୍ଷା ଦେଉଛ। ତୁମେ ମୋତେ ନେବାକୁ ଆସିବ, ପ୍ରତିଦିନ ଅପେକ୍ଷା କରୁଛି। ମୁଁ ତୁମକୁ ସବୁଆଡ଼େ ଖୋଜୁଛି। ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ଜାଣେ ତୁମେ ମୋ ସହିତ ଅଛ। ଯେତେବେଳେ ବି ମୁଁ ଅନୁଭବ କରେ ଯେ ତୁମେ ଏଠାରେ ନାହଁ, ମୋ ମନ ଭାବନାରେ ପରିପୂର୍ଣ୍ଣ ହୋଇଯାଏ। ଏହା ଲେଖିବା ବେଳେ ମୋର ହୃଦୟକୁ କଷ୍ଟ ହେଉଛି। ତୁମ ବିନା ଜୀବନ ନାହିଁ, ତୁମେ ଏହାର ଅର୍ଥ ସାଙ୍ଗରେ ନେଇଛ। ଏହି ଶୂନ୍ୟସ୍ଥାନ ପୂରଣ ହୋଇପାରିବ ନାହିଁ। ତୁମ ବିନା ମୁଁ ଛିଡା ହୋଇଛି। ଦୟାକରି ମୋ ପାଖକୁ ଫେରି ଆସ। ତୁମକୁ ବହୁତ ମିସ୍ କରୁଛି ମୋର ବନ୍ଧୁ, ମୋର ମଣିଷ, ମୋ ପ୍ରେମ। ଗତ ବର୍ଷ ଜୁନ ୧୪ରେ ସୁଶାନ୍ତଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ମୁମ୍ବାଇ ଫ୍ଲାଟରୁ ସୁଶାନ୍ତଙ୍କ ମୃତଦେହ ଜବତ ହୋଇଥିଲା।

# ମହାକାଶ ଫେରନ୍ତା ମଦ

**ୱାଶିଂଟନ:** ଏକ ରକେଟ୍‌ରେ ୧୪ ମାସ ଧରି ମହାକାଶ ଭ୍ରମଣ କରିଥିବା ରେଡ୍ ୱାଇନ ଏବେ ବିକ୍ରି ଅପେକ୍ଷାରେ। 'ପେଟ୍ରସ ୨୦୦୦' ନାମକ ରେଡ୍ ୱାଇନର ୧୨ଟି ବୋତଲକୁ ୨୦୧୯ ନଭେମ୍ବରରେ ମହାକାଶ ପଠାଯାଇଥିଲା। ମହାକାଶରେ ରହିବା ଦ୍ୱାରା ଏହି ରେଡ୍ ୱାଇନର ଟେଷ୍ଟ ବା ସ୍ୱାଦରେ କ'ଣ ଫରକ ପଡୁଛି ଜାଣିବା ପାଇଁ ବିଶେଷଜ୍ଞମାନେ ଏଭଳି କରିଥିଲେ। ୧୪ ମାସ ଧରି ପୃଥିବୀ ଓ ବିଭିନ୍ନ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍)ର ପରିକ୍ରମା କରିବା ପରେ ଫେରିଥିଲା ଚଳିତ ବର୍ଷ ଜାନୁୟାରୀରେ। ଏହାକୁ ପ୍ରାଇଭେଟ ଅକଶନ କମ୍ପାନୀ କ୍ରିଷ୍ଟିଜ ପକ୍ଷରୁ ନିଲାମ କରାଯିବ। ଏହି ଫ୍ରେଞ୍ଚ ରେଡ୍ ୱାଇନର ଗୋଟିଏ ବୋତଲର ମୂଲ୍ୟ ୧ ନିୟୁତ ଡଲାର ଧାର୍ଯ୍ୟ କରାଯାଇଛି। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୭ କୋଟି ୨୯ ଲକ୍ଷ ୧୦ ହଜାର ୫୦୦ ଟଙ୍କା। ଏହା 'ପେଟ୍ରସ ୨୦୦୦' ରେଡ୍ ୱାଇନର ପ୍ରକୃତ ଦାମଠାରୁ ୧୬୬ ଗୁଣା ଅଧିକ।




# ଇକୋ ଫ୍ରେଣ୍ଡଲି ଏୟାର ପ୍ୟୁରିଫାୟର



**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଲୋକଙ୍କର ଏହି ଆବଶ୍ୟକତାକୁ ଲକ୍ଷ୍ୟ କରି ଏବେ ଖୁବ୍ କମ୍ ଦାମରେ ଏକ ଏୟାର ପ୍ୟୁରିଫାୟର ତିଆରି କରିଛନ୍ତି ୧୯ ବର୍ଷୀୟ କ୍ରୀଶ୍ ଚାୱଲା। ଦିଲ୍ଲୀର ୧୯ ବର୍ଷୀୟ କ୍ରୀଶ ଚାୱଲା ଏବେ ତିଆରି କରିଛନ୍ତି ଏକ ଏୟାର ପ୍ୟୁରିଫାୟର ; ଯାହା ଇକୋ ଫ୍ରେଣ୍ଡଲି ଏବଂ ବହୁତ ଶସ୍ତା। ତାଙ୍କର ଏହି ଏୟାର ପ୍ୟୁରିଫାୟର ମେଶିନର ନାଁ ହେଉଛି ବ୍ରେଦିଫାଏ। କ୍ରୀଶ କହନ୍ତି, ଏହି ମେଶିନ ସାହାଯ୍ୟରେ ଆଖପାଖର ବାୟୁମଣ୍ଡଳରେ ଥିବା ହେପା ଫିଲଟର କ୍ୱାଲିଟି ବହୁ ମାତ୍ରାରେ ବଢାଇଥାଏ। କ୍ରୀଶ ଏଭଳି ଏକ ମେଶିନ ତିଆରି କରିବେ ବୋଲି ଛୋଟବେଳରୁ ଚିନ୍ତା କରିଥିଲେ। କାହିଁକି ନା ସେ ନିଜେ ଛୋଟବେଳେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ। ଏଥିପାଇଁ ତାଙ୍କୁ ଅନେକ ସମୟରେ ନେବୁଲାଇଜର ଏବଂ କୋର୍ଟିସୋନର ସାହାଯ୍ୟ ନେବାକୁ ପଡୁଥିଲା। ଅଧିକାଂଶ ସମୟରେ ତାଙ୍କୁ ବିଭିନ୍ନ ଏୟାର ପ୍ୟୁରିଫାୟର ମେଶିନ ପାଖରେ ହିଁ ରହିବାକୁ ପଡୁଥିଲା। କିନ୍ତୁ ସେସବୁ ମେଶିନଗୁଡ଼ିକ ବହୁତ ଟଙ୍କା ଦେବାକୁ ପଡୁଥିଲା। ତେଣୁ ସେ କମ୍ ଦାମ୍‌ରେ ଏଭଳି ଏୟାର ପ୍ୟୁରିଫାୟର ତିଆରି କରିବା ପାଇଁ ଚିନ୍ତା କରୁଥିଲେ। କ୍ରୀଶ୍ କହିଛନ୍ତି କି ତାଙ୍କର ଏହି ପ୍ୟୁରିଫାୟର ମେଶିନର ୯୮ ପ୍ରତିଶତ ଅଂଶ ପ୍ଲାଷ୍ଟିକବିହୀନ ଏବଂ ତାଙ୍କ ମେଶିନରେ ବ୍ୟବହୃତ ସମସ୍ତ ଜିନିଷ ସ୍ୱଦେଶୀ ମଧ୍ୟ। ତେଣୁ ଖୁବ୍ କମ୍ ଦାମରେ ଏହା ତିଆରି ହୋଇପାରିଛି। ଏହାକୁ ବ୍ୟବହାର କରିବା ମଧ୍ୟ ବହୁତ ସହଜ, କିନ୍ତୁ କେବଳ ମଝିରେ ମଝିରେ ଏଥିରେ ହେପା ଫିଲଟରକୁ ବଦଳାଇବାକୁ ପଡ଼ିଥାଏ। ଏବେ ସୁଦ୍ଧା ସେ ୪,୭୦୦ଟି ମେଶିନ ବିକ୍ରି କରି ସାରିଲେଣି ଏବଂ ବିଭିନ୍ନ ଜରା ନିବାସ, ଡାକ୍ତରଖାନା, ଅନାଥାଶ୍ରମକୁ ପ୍ରାୟ ୫୦୦ଟି ମେଶିନ ଦାନ କରି ସାରିଲେଣି।



ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ବରଦାନ ନଡ଼ିଆ ତେଲ

**ସବୁଠୁ ସହଜ ଏବଂ ସୁଲଭ ଦରରେ ମିଳୁଥିବା ନଡ଼ିଆ ତେଲରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ। ଏହାକୁ କିପରି ବ୍ୟବହାର କଲେ ଆପଣ ଅଧିକ ଉପକୃତ ହୋଇପାରିବେ ଜାଣି ରଖନ୍ତୁ ଟିପ୍ସ...**

➤ନଡ଼ିଆତେଲ ତ୍ୱଚାକୁ ପ୍ରାକୃତିକ ଉପାୟରେ ମଶ୍ଚରାଇଜ୍ କରି ରଖିବାରେ ସାହାଯ୍ୟ କରେ। ଏହାକୁ ବ୍ୟବହାର କଲେ ସ୍କିନ୍ ଗ୍ଲୋ କରେ। ପ୍ରତିଦିନ ମୁହଁ ଏବଂ ଦେହରେ ଅଳ୍ପ ନଡ଼ିଆ ତେଲ ମସାଜ କଲେ ସ୍କିନ୍ ସଫ୍ଟ, ସ୍ମୁଥ୍ ରହିବା ସହ ସ୍କିନ୍‌ଟୋନ୍ ବି ଲାଇଟ୍ ହୋଇଥାଏ।

➤ଏହା ତ୍ୱଚାକୁ ପ୍ରଦୂଷଣରୁ ରକ୍ଷା କରେ। ବିଭିନ୍ନ ପ୍ରକାରର ସ୍କିନ୍ ସମସ୍ୟା ଡ୍ରାଏନେସ୍, କୁଣ୍ଡେଇ ହେବା, ଲାଲ୍ ପଡ଼ିବା, ଫଳିଯିବା, ଫାଟିଯିବା ଆଦି ଦୂର କରିବାରେ ଏହା ବେଶ୍ ସାହାଯ୍ୟ କରେ।

➤ସାମାନ୍ୟ ଉଷୁମ ନଡ଼ିଆ ତେଲକୁ ଅଙ୍ଗୁଳି ଟିପ ସାହାଯ୍ୟରେ କେଶ ମୂଳରେ ଲଗାଇ ଭଲ ଭାବେ ମସାଜ କଲେ ଉକ୍ତ ସ୍ଥାନରେ ରକ୍ତ ସଞ୍ଚାଳନ ଭଲ ହେବା ସହ ନଡ଼ିଆ ତେଲରେ ଥିବା ଉପକାରୀ ଗୁଣ କେଶକୁ ମଜଭୁତ୍, କଳା ଏବଂ ଘନ ରଖିବାରେ ବେଶ୍ ସାହାଯ୍ୟ କରିଥାଏ।

➤ ଯଦି ତ୍ୱଚାରେ ବ୍ଲାକ୍ କିମ୍ବା ହ୍ୱାଇଟ୍ କିମ୍ବା ବ୍ଲାକ୍ ହେଡ୍ ସମସ୍ୟା ରହିଛି ଏବଂ ସ୍କ୍ରବିଂ ପାଇଁ ମାର୍କେଟ୍‌ରୁ ବିଭିନ୍ନ ସ୍କ୍ରବର ଆଣିବାକୁ ପଡୁଛି, ତେବେ ଆପଣ ଜାଣିଲେ ଖୁସି ହେବେ ଯେ, ନଡ଼ିଆ ତେଲରେ ଅଳ୍ପ ଚିନି ମିଶାଇ ସ୍କ୍ରବ୍ କଲେ ଅଧିକ ଉପକୃତ ହେବେ। ଏହା ନା କେବଳ ଆପଣଙ୍କ ଉକ୍ତ ସମସ୍ୟା ଦୂର କରିବ ବରଂ ତ୍ୱଚାରେ ଉଜ୍ଜ୍ୱଳତା ମଧ୍ୟ ବଢାଇବ।

➤ମେକ୍‌ଅପ୍ ନେବା ଅଧିକାଂଶ ମହିଳାଙ୍କୁ ପସନ୍ଦ, ହେଲେ ଏହାକୁ ଠିକ୍ ଭାବେ ଛଡ଼ାଇବା ଏତେ ସହଜ ନୁହେଁ। କାରଣ ଭଲ ଭାବେ ଏସବୁ ପ୍ରଡକ୍ଟ ମୁହଁରୁ ନ ଛାଡିଲେ ପରବର୍ତ୍ତୀ ସମୟରେ ବ୍ରଣ, ଦାଗ ଆଦି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏଥିପାଇଁ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ମେକ୍‌ଅପ୍ ରିମୁଭର ପରିବର୍ତ୍ତେ ନଡ଼ିଆ ତେଲକୁ ବ୍ୟବହାର କରିପାରିବେ। ମୁହଁରେ ନଡ଼ିଆ ତେଲ ଲଗାଇ ଧୀରେ ଧୀରେ ଘଷି ତୁଳାରେ ପୋଛିଦେଲେ ମେକ୍‌ଅପ୍ ସହଜରେ ଛାଡ଼ିଯିବ ଏବଂ ସ୍କିନ୍ ଭଲ ରହିବ।



# ଫିକା ଫିକା ରଜ

**ବାହାଘର ପରେ ପ୍ରଥମ ରଜ। ନୂଆ ପିନ୍ଧିବା, ସ୍ୱାମୀଙ୍କ ସହ ବୁଲିଯିବା ଆଉ ବାପଘରେ ଯାଇ ପୁରୁଣାଦିନର ରଜ ଅନୁଭୂତିକୁ ସାଉଁଟିବାକୁ ନେଇ କେତେ କେତେ ସ୍ୱପ୍ନ। ହେଲେ କୋଭିଡ କଟକଣା ଭିତରେ ଏସବୁ ପ୍ଲାନିଂ ପଡ଼ିଯାଇଛି ଫିକା। ଏମିତିରେ ଶାଶୁଘରେ ନିଜର ପ୍ରଥମ ରଜ ପାଳିବାର ଅନୁଭୂତି ସମ୍ପର୍କରେ ଯାହା କୁହନ୍ତି ଏମାନେ...**





ପ୍ରିୟମ୍ବଦା ଲୀଳାବତୀ ମିନତି



ଅଙ୍କିତା



ଦୀପାଞ୍ଜଳି

### ଘର ଭିତରେ ରଜ ପାଳିବା ଏକ ନିଆରା ଅନୁଭୂତି

ପିଲାବେଳୁ ରଜ ଆସିଲେ ମନରେ ଖୁସି କହିଲେ ନ ସରେ। ହେଲେ ଏଥରର ରଜ ସବୁଠୁ ସ୍ପେଶାଲ। କାରଣ ଏହା ମୋର ବାହାଘର ପରେ ପ୍ରଥମ ରଜ। ପ୍ଲାନିଂ ବହୁତ କିଛି ଥିଲା। ସ୍ୱାମୀଙ୍କ ସହ ଦିନେ ବାପଘରକୁ ଯିବି, ଦିନେ ପୁରୀ ଆଉ ଦିନେ ୱାଟରପାର୍କ କିମ୍ବା ଫିଲ୍ମ ଦେଖି ବାହାରେ ବୁଲାବୁଲି କରିବୁ। ହେଲେ କିଏ ଜାଣିଥିଲା କରୋନା ପାଇଁ ଲକ୍‌ଡାଉନ୍ ସବୁ ଆଶାକୁ ଧୂଳିସାତ୍ କରିଦେବ। ତଥାପି ଶାଶୁଘରେ ସଭିଙ୍କ ସହ ରଜ ପାଳନରେ ବେଶ୍ ମଜା ଆସୁଛି। ରଜକୁ ଆହୁରି ସ୍ପେଶାଲ କରିବା ଲାଗି କେବଳ ପିଠା ନୁହେଁ ଭଳିକି ଭଳି ରେସିପି ଇଣ୍ଟରନେଟ୍‌ରୁ ଦେଖି ପ୍ରସ୍ତୁତ କରୁଛୁ। ରଜ ପାନ ଖାଇବା ସହ ଘରେ ଦୋଳି ଖେଳ ବି ହେଉଛି। ସତ କହିବାକୁ ଗଲେ ସମ୍ପୂର୍ଣ୍ଣ ଘରେ ରହି ରଜ ପାଳିବାରେ ଏହି ନିଆରା ଅନୁଭୂତି ବୋଧହୁଏ ବାହାରକୁ ଗଲେ ମିସ୍ ହୋଇଥାନ୍ତା। **– ଅଙ୍କିତା ପାଢ଼ୀ ଦାଶ**
(ସୁନ୍ଦରଗ୍ରାମ, କଟକ)

### ଘର ଲୋକଙ୍କୁ ମିସ୍ କରୁଛି

ରଜ ପର୍ବ ନାଁ ଶୁଣିବା ମାତ୍ରେ ଓଠରେ ଖେଳିଯାଏ ହସର ଲହରି। ବେଶ୍ କିଛି ଦିନ ଆଗରୁ ନୂଆ ଡ୍ରେସ୍ କିଣାଠୁ ଆରମ୍ଭ କରି ଦୋଳି ବନ୍ଧା ଏବଂ କେଉଁଆଡେ ବୁଲିବା, କ'ଣ ଖାଇବା ଇତ୍ୟାଦିକୁ ନେଇ ଚାଲେ କେତେ ପ୍ଲାନିଂ। କେବଳ ଏତିକି ନୁହେଁ ରଜରେ ବଡ଼ି ଭୋରରୁ ଗାଧେଇ ନୂଆ ପିନ୍ଧି ସଜବାଜ ହୋଇ ସାଙ୍ଗମାନଙ୍କ ସହ ପରସ୍ପରର ଘରକୁ ଯାଇ ପୋଡ ପିଠା ଆଉ ପାନ ଖାଇବାର ମଜା ସତରେ ନିଆରା। ତେବେ ଚଳିତ ବର୍ଷ ବିବାହପରେ ପ୍ରଥମ ରଜ ହୋଇଥିବାରୁ ବେଶୀ ଏକ୍ସାଇଟ୍‌ମେଣ୍ଟ ଥିଲା। ଶାଶୁଘରେ ପାଳିବା ସହ ଗୋଟିଏ ଦିନ ହେଲେବି ବାପଘରକୁ ଯିବାକୁ ମନସ୍ଥ କରିଥିଲି। କିନ୍ତୁ ଲକ୍‌ଡାଉନ୍ ଥିବାରୁ ଏହା ସମ୍ଭବ ହୋଇପାରିଲାନାହିଁ। ଶାଶୁଘରେ ଖୁବ୍ ଭଲ ଭାବେ ରାଜ ପାଳୁଥିଲେବି ଜୀବନରେ ପ୍ରଥମଥର ରଜରେ ବାପଘର ଲୋକଙ୍କ ପାଖରେ ନ ଥିବାରୁ ବହୁତ ମିସ୍ ବି କରୁଛି। ତେଣୁ ଭିଡିଓ କଲିଂରେ କଥା ହୋଇ ମନ ବୁଝାଇ ଦେଉଛି।
**– ଦୀପାଞ୍ଜଳି ନାୟକ**(ଭଦ୍ରକ)

### ଦୁଃଖ ଲାଗିଲେ ବି କଟକଣାକୁ ସ୍ୱାଗତ ଜଣାଇଛି

ବିଭାଘର ପରେ ପ୍ରଥମ ରଜ ଉତ୍ସବ ପରମ୍ପରା ଅଲଗା। ଏହା ଉପଲକ୍ଷେ ବାପ ଘରୁ ନୂଆ ଲୁଗା, ପିଠା ପଣା ଆସେ। ଦୋଳି ଖେଳ ସାଙ୍ଗକୁ ଅନେକ କିଛି ମଜା ମସ୍ତି ହୁଏ। ଅନ୍ୟ ନୂଆ ବୋହୂମାନଙ୍କ ପରି ମୋ ଜୀବନରେ ବିବାହ ପରର ଏହି ପ୍ରଥମ ରଜ ପାଳନକୁ ନେଇ ଖୁବ୍ ଉତ୍ସାହିତ ଥିଲି। ହେଲେ ବଢୁଥିବା କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ନେଇ ସରକାର ରଜ ପାଳନ ଉପରେ ଅଙ୍କୁଶ ଲଗାଇବା ଫଳରେ ସବୁ ଆଶା ମଉଳିଗଲା। ହେଲେ ଯେଉଁଠି ଜୀବନ ବଞ୍ଚାଇବା କଥା ଆସୁଛି ସେଠାରେ କଟକଣାକୁ ସ୍ୱାଗତ କରିବା ଆବଶ୍ୟକ। କାରଣ ରଜ ପ୍ରତିବର୍ଷ ଆସିବ ହେଲେ ସାମାନ୍ୟ ଖୁସି କରିବା ଆଳରେ ନିଜ ସହିତ ପରିବାର ଲୋକଙ୍କୁ ବିପଦମୁଖକୁ ଠେଲିଦେବା ଠିକ୍ ନୁହେଁ। ତେଣୁ ବାହାରକୁ ନ ଯାଇ ଘରେ ବେଶ୍ ଭଲ ଭାବେ ଏହି ଉତ୍ସବର ମଜା ନେଉଛୁ। **– ମିନତି ସିଂହ**
(ଶିକ୍ଷୟିତ୍ରୀ, ତେଲକୋଇ, କେନ୍ଦୁଝର)

### ଅପେକ୍ଷା ଆର ବର୍ଷକୁ

ଓଡିଆ ଘରେ ବାର ମାସରେ ତେର ପର୍ବ। ତେବେ ସବୁ ପର୍ବ ଭିତରେ ରଜ ପାଳିବାର ମଜା ସ୍ପେଶାଲ୍। ପ୍ରତିବର୍ଷ ରଜ ତିନିଦିନରେ ପରିବାର ଏବଂ ସାଙ୍ଗସାଥୀଙ୍କ ସହ ବହୁତ ମଜା କରୁ। ବିଶେଷ କରି ବୁଲାବୁଲି ଏବଂ ଫିଲ୍ମ ଦେଖା ଏହାର ଖୁସିକୁ ଦ୍ୱିଗୁଣିତ କରିଦିଏ। ତେବେ ଚଳିତ ବର୍ଷ ବିବାହପରେ ଶାଶୁଘରେ ପ୍ରଥମ ରଜ ହୋଇଥିବାରୁ ସ୍ୱାମୀଙ୍କ ସହ ପୁରୀ, କୋଣାର୍କ ଆଦି ବୁଲିଯିବା ସହ ଆହୁରି ଅନେକ ପ୍ଲାନିଂ ଥିଲା। ଲକ୍‌ଡାଉନ୍ ପାଇଁ ଏସବୁ କେବଳ ଭାବନାରେ ସୀମିତ ହୋଇ ରହିଗଲା। ମହାପ୍ରଭୁଙ୍କ ଦୟାରୁ ଶୀଘ୍ର ଏ ମହାମାରୀ ଦୂର ହେଲେ ଆର ବର୍ଷ ରଜରେ ପୁରୀ ଯିବାକୁ ଅପେକ୍ଷା ରହିଲା। ତେବେ ଏ ସବୁ ସତ୍ତ୍ୱେ ବି ସୁରକ୍ଷା ଦୃଷ୍ଟିରୁ ଘର ଭିତରେ ରହି ଶାଶୁଘର ଲୋକଙ୍କ ସହ ରଜକୁ ବେଶ୍ ଏନ୍‌ଜୟ କରୁଛି।
**– ପ୍ରିୟମ୍ବଦା ନାୟକ**(ଭୁବନେଶ୍ୱର)

### ଫିକା ପଡ଼ିଗଲା ରଜ ମଉଜ

– ଝିଅ ସମୟରେ ଓ ବାହାଘର ପରେ ପ୍ରଥମ ବର୍ଷ ବୋହୂ ଭାବରେ ରଜ ଉତ୍ସବ ପାଳନର ଏକ ଭିନ୍ନ ମଜା ଥାଏ। ସେ ସମୟରେ ଶାଶୁଘରେ ଏକ ସ୍ପେଶାଲ ଅନୁଭୂତି ଥାଏ। ବାପ ଘରୁ ଆସିଥିବା ନୂଆ ବସ୍ତ୍ର ପିନ୍ଧି ପିଠା ପଣା, ଫଳ ଆଦି ଭାର ଖାଇ ରଜ ଦୋଳି ଖେଳିବାକୁ କେଉଁ ଝିଅ ବା ଉତ୍କଣ୍ଠାର ସହ ଚାହିଁ ରହି ନ ଥାଏ। ହେଲେ ଦୁର୍ଭାଗ୍ୟ ବଶତଃ ମୋ ବାହାଘରର ପ୍ରଥମ ବର୍ଷରେ ଏ ସବୁ ଖୁସିରୁ ବଞ୍ଚିତ ହେବାକୁ ପଡୁଛି। କରୋନା ମହାମାରୀରର ଭୟଙ୍କର ରୂପ ଆଗରେ କେବଳ ମୋ ପାଇଁ ନୁହେଁ ସଭିଙ୍କର ରଜ ମଉଜ ଫିକା ପଡି ଯାଇଛି। ତେଣୁ ବୁଲାବୁଲି କିମ୍ବା ସଭିଏଁ ଏକାଠି ହୋଇ ଦୋଳିଖେଳର ମଜା ବିନା ଘରେ ପିଠା ପଣା ଖାଇ, ନୂଆ ପିନ୍ଧି, ଲୁଡୁ, ତାସ ଆଦି ଖେଳି ରଜ ପାଳୁଛୁ। **– ଲୀଳାବତୀ ବ୍ରହ୍ମ**
(ମାଧପୁର, କେନ୍ଦୁଝର)



# ସାଉଣ୍ଡ ଫିଗର ଚାହୁଁଥିଲେ

**ବର୍ତ୍ତମାନ ସ୍ଲିମ୍ ଟ୍ରେଣ୍ଡ ଚାଲିଛି। ହେଲେ ମହିଳାମାନେ ଆବଶ୍ୟକରୁ ଅଧିକ ପତଳା ହେବା ଦ୍ୱାରା ଫିଗରର ଆକର୍ଷଣ କମିଯାଏ। ଏମିତିରେ ଅନେକେ ମୋଟା ହେବା ଲାଗି ଏଣୁ ତେଣୁ ଖାଦ୍ୟଠାରୁ ଆରମ୍ଭ କରି ବିଭିନ୍ନ ଔଷଧ ଖାଇବାକୁ ବି ପଛାଇ ନ ଥାନ୍ତି; ଯାହାକି ଅପରପକ୍ଷେ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇପାରେ। ତେଣୁ ଏକ ସୁନ୍ଦର ତଥା ସାଉଣ୍ଡ ଫିଗର ପାଇବାକୁ ଚାହୁଁଥିଲେ କେତେକ ପ୍ରାକୃତିକ ଉପାୟ ଆପଣାଇ ପାରିବେ...**



➔ସର୍ବପ୍ରଥମ କଥା ହେଉଛି ମୋଟା ହେବା ଆଳରେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍, ଫୁଡ୍ ସପ୍ଲିମେଣ୍ଟ, ପ୍ରୋଟିନ୍ ପାଉଡର ଆଦି ଗ୍ରହଣ କରିବା ଠିକ୍ ନୁହେଁ। କାରଣ ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ସୁଷମ ଆହାର ଗ୍ରହଣ କରନ୍ତୁ। ଓଜନ ବଢୁଛି କି ନାହିଁ ଜାଣିବା ଲାଗି ମାସକୁ ଥରେ ମାପିବାକୁ ଭୁଲନ୍ତୁ ନାହିଁ। ନଚେତ୍ ଆବଶ୍ୟକରୁ ଅଧିକ ମୋଟା ହେବା ଦ୍ୱାରା ବି ଅସୁବିଧା ହୋଇପାରେ।

➔ନିଜ ଖାଦ୍ୟ ତାଲିକାରେ ସବୁପ୍ରକାର ପୌଷ୍ଟିକ ଖାଦ୍ୟକୁ ସାମିଲ କରନ୍ତୁ। ଖାଦ୍ୟରେ କ୍ୟାଲୋରି ମାତ୍ରା ବଢ଼ାନ୍ତୁ। ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେତେ ଅଧିକ ଗ୍ରହଣ କରିବେ ସେତେ ଶୀଘ୍ର ଲାଭ ପାଇବେ।

➔ଶସ୍ୟଜାତୀୟ ଖାଦ୍ୟ, ଫଳ, ପନିପରିବା ଆଦିରେ ପର୍ଯ୍ୟାପ୍ତ ପରିମାଣରେ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ଓଜନ ବଢ଼ିବାରେ ସାହାଯ୍ୟ କରିବ।

➔ଫଳ ମଧ୍ୟରେ ଓଜନ ବଢାଇବା ଲାଗି କଦଳୀ ସବୁଠୁ ଭଲ। ପ୍ରତିଦିନ ଦୁଇଟି ପାଚିଲା କଦଳୀ ଖାଆନ୍ତୁ। ନ ହେଲେ ସକାଳୁ ଏହାର ସେକ୍ ପିଇପାରିବେ। କ୍ଷୀର କଦଳୀ ଚକଟି ଖାଇବା ବି ଲାଭଦାୟକ।

➔ପନୀରର ବିଭିନ୍ନ ଆଇଟମ୍ ଖାଆନ୍ତୁ। ସେହିପରି ଆମିଷ ଖାଇବା ବି ଓଜନ ବଢାଇବାରେ ସାହାଯ୍ୟ କରିଥାଏ।

➔ସକାଳ ଜଳଖିଆରେ ବ୍ରେଡ୍ ସହ ୨ଟି ସିଝା ଅଣ୍ଡା କିମ୍ବା ଆମ୍‌ଲେଟ୍ ଖାଆନ୍ତୁ। ଏହା ଖୁବ୍‌ଶୀଘ୍ର ଆପଣଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିବ।

➔ଖାଦ୍ୟ ତାଲିକାରେ ବଟରକୁ ସାମିଲ କରନ୍ତୁ। ବିଶେଷ କରି ପିନଟ୍ ବଟରରେ ଥିବା ମୋନୋସାଚୁରେଟେଡ୍ ଫ୍ୟାଟ୍ ଆପଣଙ୍କ ଓଜନ ଶୀଘ୍ର ବଢାଇବ।

ଖାଦ୍ୟରୁଚି

# ମେକ୍ସିକାନ୍ ଫ୍ରାଏଡ୍ ରାଇସ୍

**ଆବଶ୍ୟକ ସାମଗ୍ରୀ:** ୨ କପ୍ ଭାତ, ୧/୪ କପ୍ ଛୋଟ ଛୋଟ କଟା ହୋଇ ସିଝା ହୋଇଥିବା ବିନ୍ସ୍, ସିଝା ରାଜ୍‌ମା, ଗୋଟିଏ କଟା ପିଆଜ, ଛୋଟ ଛୋଟ କଟା ଯାଇଥିବା ଗୋଟିଏ ଗାଜର, କ୍ୟାପ୍ସିକମ୍, କଟା ଟମାଟୋ ୧/୨ କପ୍, ସିଝା ମକା , କଟା ପିଆଜ, ୩ଟି ରସୁଣ କୋଲା, ତେଲ ୨ ଟେବୁଲ୍ ସ୍ପୁନ୍, ଜିରା ୧/୪ ଟିସ୍ପୁନ୍, ଧନିଆ ପାଉଡର ୧/୨ ଟିସ୍ପୁନ୍, ଓରିଗାନୋ ୧/୨ ଟିସ୍ପୁନ୍, ଲାଲ୍ ଲଙ୍କା ପାଉଡ଼ର୧/୨ ଟିସ୍ପୁନ, ଚିଜ୍ କ୍ୟୁବ୍ ୨ଟା, ଟମାଟୋ ସସ୍ ୧ ଟେବୁଲ୍‌ସ୍ପୁନ୍।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ସେଥିରେ ଜିରା ଏବଂ କଟା ପିଆଜ, ରସୁଣ ପକାଇ ଭାଜନ୍ତୁ। ସେଥିରେ କଟା କ୍ୟାପ୍ସିକମ୍, ଗାଜର, ଟମାଟୋ ଏବଂ ଅଳ୍ପ ଲୁଣ ପକାଇ ଭଲ ଭାବେ ଭାଜନ୍ତୁ। ବର୍ତ୍ତମାନ ଏଥିରେ ବିନ୍ସ୍, ରାଜ୍‌ମା, ସିଝା ମକା ଏବଂ ସବୁ ମସଲା ପକାଇ ୫ମିନିଟ୍ ଘୋଡାଇ ଦିଅନ୍ତୁ। ଏହା ପରେ ଏଥିରେ ଭାତ ଏବଂ ଟମାଟୋ ସସ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମେକ୍ସିକାନ୍ ଫ୍ରାଏଡ୍ ରାଇସ୍। ଏହା ଉପରେ ଚିଜ୍ ପକାଇ ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ମଜା ନିଅନ୍ତୁ।





କୋପା ଆମେରିକା ଫୁଟବଲର ଉଦ୍‌ଘାଟନୀ ମ୍ୟାଚରେ ଗୋଲ ଦେବା ପରେ ବ୍ରାଜିଲର ନେମାର(ମଝି)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ବ୍ରାଜିଲ ଜିତିଲା ଉଦ୍‌ଘାଟନୀ ମ୍ୟାଚ

**କୋପା ଆମେରିକା ଫୁଟବଲ**

**ସାଓ ପାଓଲୋ, ୧୪।୬(ଏପି)**

କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟର ୪୭ତମ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ବ୍ରାଜିଲ ୩-୦ ଗୋଲରେ ଭେନିଜୁଏଲାକୁ ହରାଇ ଅଭିଯାନ ଆରମ୍ଭ କରିଛି। ରବିବାର ରାତିରେ ବ୍ରାସିଲିଆର ମାନେ ଗାରିଞ୍ଚା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ମର୍କ୍ୱିନୋ, ନେମାର ଓ ଗାବ୍ରିଏଲ ବାର୍ବୋସା ଗୋଲ ସ୍କୋର କରି ବ୍ରାଜିଲକୁ ବିଜୟୀ କରାଇଛନ୍ତି। କରୋନାରେ ଅନେକ ସଂକ୍ରମିତ ହୋଇଥିବାରୁ ଭେନେଜୁଏଲା ଶ୍ରେଷ୍ଠ ଏକାଦଶ ଖେଳିବା ସମ୍ଭବ ହୋଇ ନ ଥିଲା। ଆର୍ଜେଣ୍ଟିନା ଓ କଲମ୍ବିଆ ସହ ଆୟୋଜକରୁ ବାଦ୍ ପଡ଼ିବା ପରେ ଦକ୍ଷିଣ ଆମେରିକା ଫୁଟବଲ ପରିଚାଳନା ସଂସ୍ଥା କନ୍‌ମେବୋଲ କରୋନା ସଂକ୍ରମଣ ସକ୍ରିୟ ରହିଥିଲେ ହେଁ ବ୍ରାଜିଲକୁ ଆୟୋଜକଭାବେ ବାଛିଥିଲା। ଦେଶରେ ଟୁର୍ନାମେଣ୍ଟ ଆୟୋଜନକୁ ବିରୋଧ କରୁଥିଲେ ହେଁ ବ୍ରାଜିଲ ଅଧିନାୟକ କାସେମିରୋ ନିଜ ଦଳ ଟାଇଟଲ ବଜାୟ ରଖିବାନେଇ ବେଶ୍ ଆଶାବାଦୀ ଅଛନ୍ତି।

ଗତ ଶନିବାର ଭେନିଜୁଏଲାର ୮ ଖେଳାଳି କରୋନାରେ ସଂକ୍ରମିତ ହୋଇଥିବା ଜଣା ପଡ଼ିଥିଲା। ଫଳରେ ଶର୍ଟ ନୋଟିସ ମଧ୍ୟରେ ଆଉ ୧୫ ଖେଳାଳି ଦଳରେ ଯୋଗ ଦେଇଥିଲେ। ମାତ୍ର ଏହାର ପ୍ରଭାବ ପଡ଼ିଆରେ ଅନୁଭୂତ ହୋଇଥିଲା। ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ଖେଳାଳିଙ୍କ ମଧ୍ୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହୋଇଥିଲା। ମ୍ୟାଚର ୨୩ତମ ମିନିଟରେ ବ୍ରାଜିଲ ଏକ କର୍ନର କିକ୍‌ରୁ ମର୍କ୍ୱିନୋଙ୍କ ମାଧ୍ୟମରେ ଗୋଲ ଦେଇ ଅଗ୍ରଣୀ ନେଇଥିଲା। ଦ୍ୱିତୀୟାର୍ଦ୍ଧର କିଛି ସମୟ ପରେ ଡାନିଲୋ ବକ୍ସର ଡାହାଣ ପଟରେ ପ୍ରସ୍ତୁତ ଥିବା ଦେଖି ଏଭର୍ଟନ ରିବେଇରୋ ବଲ ପାସ୍ ଦେବାକୁ ଉଦ୍ୟମ କରୁଥିବାବେଳେ ପ୍ରତିପକ୍ଷ ଖେଳାଳି ତାଙ୍କୁ ଟାଣି ତଳେ ପକାଇ ଦେଇଥିଲେ। ଫଳରେ ବ୍ରାଜିଲକୁ ପେନାଲ୍ଟି ମିଳିଥିଲା। ୬୩ତମ ମିନିଟରେ ନେମାର ତାହାକୁ ଗୋଲରେ ପରିଣତ କରିଥିଲେ। ସେ ଭେନିଜୁଏଲା ଗୋଲକିପର ଜୋଏଲ ଗ୍ରାଟେରୋଲଙ୍କ ଡାହାଣ ପଟକୁ ଚାହିଁ ବାମ ଦିଗରେ ଶଟ୍ ମାରିଥିଲେ। ଏଥିରେ ପ୍ରତିପକ୍ଷ ଗୋଲକିପର ଚକ୍‌ମା ଖାଇ ଯାଇଥିଲେ। ମ୍ୟାଚ ଶେଷ ହେବାର ଅଳ୍ପ କିଛି ସମୟ ପୂର୍ବରୁ ଅର୍ଥାତ୍ ୮୯ତମ ମିନିଟରେ ନେମାରଙ୍କଠାରୁ ପାସ୍ ପାଇ ଗାବ୍ରିଏଲ ବାର୍ବୋସା ତାହାକୁ ଗୋଲରେ ପରିଣତ କରିବାରୁ ବ୍ରାଜିଲ ୩-୦ ଗୋଲରେ ବିଜୟୀ ହୋଇଥିଲା। ଇଣ୍ଟର ମିଲାନ ଏବଂ ବେନ୍‌ଫିକାରେ ଫ୍ଲପ୍ ହେବାପରେ ବାର୍ବୋସା ବ୍ରାଜିଲିଆନ କ୍ଲବ ଫ୍ଲାମେଙ୍ଗୋରେ ସଫଳ ହେବାରୁ ଜାତୀୟ ଦଳରେ ସ୍ଥାନ ପାଇଥିଲେ। ବ୍ରାଜିଲିଆନ ଫୁଟବଲ କୋଚ୍ ଟାଇଟ୍ ଆସନ୍ତା ବର୍ଷ କାତାରରେ ହେବାକୁଥିବା ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ପରୀକ୍ଷା ନିରୀକ୍ଷା ଜାରି ରଖିଥିବା ପ୍ରକାଶ କରିଛନ୍ତି। ବ୍ରାଜିଲ ଏହାର ପରବର୍ତ୍ତୀ ମ୍ୟାଚ ଗୁରୁବାର ପେରୁ ସହିତ ଖେଳିବ। ସେହିଦିନ କଲମ୍ବିଆ ସହିତ ମୁକାବିଲା କରିବ ଭେନିଜୁଏଲା। ଗ୍ରୁପ୍ 'ବି'ରେ ବ୍ରାଜିଲ ଓ ଭେନିଜୁଏଲା ସହିତ କଲମ୍ବିଆ, ଇକ୍ୱେଡର ଓ ପେରୁ ସ୍ଥାନ ପାଇଛି। ଗ୍ରୁପ୍ 'ଏ'ରେ ରହିଛି ଆର୍ଜେଣ୍ଟିନା, ବଲିଭିଆ, ଉରୁଗୁଏ, ଚିଲି ଓ ପାରାଗୁଏ। ପ୍ରତି ଗ୍ରୁପର ଶ୍ରେଷ୍ଠ ୪ ଦଳ ନକ୍‌ଆଉଟରେ ପ୍ରବେଶ କରିବ। ଫାଇନାଲ ଜୁଲାଇ ୧୦ରେ ରିଓ ଡି ଜେନିରୋସ୍ଥିତ ଐତିହାସିକ ମାରାକାନା ଷ୍ଟାଡିୟମରେ ଅନୁଷ୍ଠିତ ହେବ।



ଇଡୱିନ କାର୍ଡୋନା

## କାର୍ଡୋନାଙ୍କ ଗୋଲରେ କଲମ୍ବିଆ ବିଜୟୀ

**କୁଇଆବା (ବ୍ରାଜିଲ), ୧୪।୬(ଏପି):** କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟର ଅନ୍ୟଏକ ମ୍ୟାଚରେ କଲମ୍ବିଆ ୧-୦ ଗୋଲରେ ଇକ୍ୱେଡରକୁ ହରାଇ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ପାଣ୍ଟାନାଲ ଆରେନାରେ ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୪୨ତମ ମିନିଟ୍‌ରେ ଇଡୱିନ କାର୍ଡୋନା ଦଳ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। କଲମ୍ବିଆ ଏହାର ପରବର୍ତ୍ତୀ ମ୍ୟାଚ ୧୭ ତାରିଖରେ ଭେନିଜୁଏଲା ସହିତ ଖେଳିବ। ସେହିପରି ଇକ୍ୱେଡର ୨୦ ତାରିଖରେ ଭେନିଜୁଏଲାକୁ ଭେଟିବ।

# ୟୁକ୍ରେନକୁ ହରାଇଲା ନେଦରଲାଣ୍ଡ୍ସ

**ୟୁରୋ କପ୍ ଫୁଟବଲ**

**ଆମଷ୍ଟରଡାମ, ୧୪।୬(ଏପି)**

ଡେଞ୍ଜେଲ ଡମ୍ଫ୍ରେସଙ୍କ ପ୍ରଥମ ଅନ୍ତର୍ଜାତୀୟ ଗୋଲ ଚଳିତ ୟୁରୋ କପ୍ ଫୁଟବଲରେ ନେଦରଲାଣ୍ଡ୍ସକୁ ବିଜୟ ସ୍ୱାଦ ଚଖାଇଛି। ରବିବାର ରାତିରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନେଦରଲାଣ୍ଡ୍ସ ୩-୨ ଗୋଲରେ ୟୁକ୍ରେନକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଏକ ସୁନ୍ଦର ସୁଯୋଗ ମିସ୍ କରିବାପରେ ଡମ୍ଫ୍ରେସ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ଦେବାରେ ସାଥୀଖେଳାଳିଙ୍କୁ ସହାୟତା କରିବା ସହ ୮୫ତମ ମିନିଟରେ ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ମ୍ୟାଚରେ ଏକଦା ନେଦରଲାଣ୍ଡ୍ସ ୨-୦ରେ ଅଗ୍ରଣୀ ନେଇଥିଲେ ହେଁ ଦୁଇ ବିଳମ୍ବିତ ଗୋଲ ବଳରେ ୟୁକ୍ରେନ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ଡମ୍ଫ୍ରେସଙ୍କ ବିଜୟ ସୂଚକ ହେଡର ଗୋଲ ୟୁକ୍ରେନ ଆଶାରେ ପାଣି ଭରି ଦେଇଥିଲା। ଏହା ତାଙ୍କର ଶ୍ରେଷ୍ଠ ମ୍ୟାଚ ନ ଥିଲେ ହେଁ ସୁନ୍ଦର ଅନୁଭବ ଥିଲା ବୋଲି ମ୍ୟାଚ ପରେ ଡମ୍ଫ୍ରେସ ପ୍ରକାଶ କରିଛନ୍ତି।

ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୫୨ତମ ମିନିଟରେ ନେଦରଲାଣ୍ଡ୍ସର କାମଚଳା ଅଧିନାୟକ ଜର୍ଜିନୋ ୱିଜନାଲ୍ଡୁମ୍ ଗୋଲ ଦେଇ ୧୯୮୮ ୟୁରୋପିଆନ ଚାମ୍ପିୟନ ଦଳକୁ ଅଗ୍ରଣୀ କରାଇଥିଲେ। ୫୯ତମ ମିନିଟରେ ଉଟ୍ ୱେଗୋର୍ଷ୍ଟ ଏକ ଗୋଲ ଦେଇ ଏହାକୁ ୨-୦ରେ ପରିଣତ କରିଥିଲେ। ୟୁକ୍ରେନ ଅଧିନାୟକ ଆନ୍ଦ୍ରେ ୟାର୍ମୋଲେଙ୍କୋ ବାମ ପାଦ ଶଟ୍ ଜରିଆରେ ଗୋଟିଏ ଗୋଲ ପରିଶୋଧ କରିଥିବାବେଳେ ଏହାର ୪ ମିନିଟ ପରେ ଅର୍ଥାତ୍ ୭୯ତମ ମିନିଟରେ ରୋମାନ ୟାରେମ୍‌ଚୁକ୍ ଏକ ଫ୍ରି-କିକ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ। ଫଳରେ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ଶେଷରେ ଡମ୍ଫ୍ରେସଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା।

ନେଦରଲାଣ୍ଡ୍ସ ପ୍ରଥମାର୍ଦ୍ଧରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ୟୁକ୍ରେନ ଗୋଲକିପର ଜର୍ଜି ବୁଶକାନ ଚମତ୍କାର ସେଭ୍ କରି ଦଳକୁ ଗୋଲ ବରଣରୁ ରକ୍ଷା କରିଥିଲେ। ନେଦାଲାଣ୍ଡ୍ସ ପରବର୍ତ୍ତୀ ମ୍ୟାଚରେ ଅଷ୍ଟ୍ରିଆକୁ ଗୁରୁବାର ଏବଂ ୟୁକ୍ରେନ ସେହିଦିନ ନର୍ଥ ମାସେଡୋନିଆକୁ ବୁକାରେଷ୍ଟଠାରେ ଭେଟିବ।



ଡେଞ୍ଜେଲ ଡମ୍ଫ୍ରେସ

## ଅଷ୍ଟ୍ରିଆର ପ୍ରଥମ ବିଜୟ

**ବୁକାରେଷ୍ଟ,(ରୋମାନିଆ):** ଅନ୍ୟ ଏକ ମ୍ୟାଚରେ ଅଷ୍ଟ୍ରିଆ ୩-୧ ଗୋଲରେ ନର୍ଥ ମାସେଡୋନିଆକୁ ପରାସ୍ତ କରିଛି। ମ୍ୟାଚର ୧୮ତମ ମିନିଟରେ ଷ୍ଟିଫାନ ଲିନେର ଏକ ଗୋଲ ଦେଇ ଅଷ୍ଟ୍ରିଆକୁ ଅଗ୍ରଣୀ କରାଇଥିଲେ। ମାତ୍ର ନର୍ଥ ମାସେଡୋନିଆର ଗୋରାନ ପାଣ୍ଡେଭ ୨୮ତମ ମିନିଟ୍‌ରେ ଗୋଲଟି ପରିଶୋଧ କରି ଦେଇଥିଲେ। ପ୍ରଥମାର୍ଦ୍ଧ ୧-୧ ସ୍ଥିତିରେ ରହିବାପରେ ଦ୍ୱିତୀୟାର୍ଦ୍ଧରେ ବଦଳ ଖେଳାଳିଭାବେ ସୁଯୋଗ ପାଇଥିବା ମାଇକେଲ ଗ୍ରେଗୋରିଶ୍ ଏବଂ ମାର୍କୋ ଅର୍ନାଟୋଭିକ୍ ଗୋଟିଏ ଲେଖାଏ ଗୋଲ ଦେଇ ଅଷ୍ଟ୍ରିଆକୁ ବିଜୟୀ କରାଇଥିଲେ। ଦୁଇ ଖେଳାଳି ଯଥାକ୍ରମେ ମ୍ୟାଚ୍‌ର ୭୮ ଓ ୮୯ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅଷ୍ଟ୍ରିଆ କୋଚ୍ ଫ୍ରାଙ୍କୋ ଫୋଡା ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗତ ୩୧ ବର୍ଷ ମଧ୍ୟରେ କୌଣସି ବଡ଼ ଟୁର୍ନାମେଣ୍ଟରେ ଅଷ୍ଟ୍ରିଆର ଏହା ପ୍ରଥମ ବିଜୟ। ଏହା ଛଡ଼ା ୟୁରୋପିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ଦଳ ସର୍ବପ୍ରଥମ ବିଜୟ ସ୍ୱାଦ ଚାଖିଛି। ଅନ୍ୟଏକ ମ୍ୟାଚ୍‌ରେ ଚେକ୍‌ରିପବ୍ଲିକ୍ ୨-୦ ଗୋଲ୍‌ରେ ସ୍କଟ୍‌ଲାଣ୍ଡକୁ ପରାସ୍ତ କରିଛି।

# ଅଲିମ୍ପିକ୍ସ ଆୟୋଜନ ନିଷ୍ପତ୍ତି ସପକ୍ଷରେ ଜି-୭ ନେତୃମଣ୍ଡଳୀ

**ଟୋକିଓ ୧୪।୬ (ଏପି)**

ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ଆସନ୍ତା ମାସରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ କରିବା ଲାଗି ଜାପାନ ସରକାର ନେଇଥିବା ସଂକଳ୍ପ ପ୍ରତି ଜି-୭ ନେତୃମଣ୍ଡଳୀ ଆଶ୍ୱାସନାର ବାଣୀ ଶୁଣାଇଛନ୍ତି। ଜି-୭ ଶିଖର ସମ୍ମିଳନୀ ପାଇଁ ବ୍ରିଟେନରେ ଥିବାବେଳେ ଖବରଦାତାମାନଙ୍କୁ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଏ ବିଷୟରେ ସୂଚନା ଦେଇଛନ୍ତି। କରୋନା ଭାଇରସ୍ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ସହ ଗେମ୍ସର ବିପଦଶୂନ୍ୟ ଆୟୋଜନ ପାଇଁ ଜାପାନ ନେଇଥିବା ପଦକ୍ଷେପଗୁଡ଼ିକ ଉପରେ ସେମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଲିମ୍ପିକ୍ସ ଆଉ ୪୦ ଦିନ ବାକି ରହିଛି। କରୋନା ସଂକ୍ରମଣରେ ଅଙ୍କୁଶ ଲଗାଇବା ପାଇଁ ଟୋକିଓ ଓ ଜାପାନର ଅନ୍ୟ ମେଟ୍ରୋ ଅଞ୍ଚଳରେ ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇଛି। ଜାପାନରେ ଟିକାକରଣ କାର୍ଯ୍ୟକୁ ଜୋରଦାର କରାଯାଇଛି। ଗତ ସପ୍ତାହ ସୁଦ୍ଧା ଦେଶର ୫ ପ୍ରତିଶତ ଲୋକ ଟିକା ନେଇ ସାରିଛନ୍ତି। ଟୋକିଓ ଏବଂ ଅନ୍ୟ କେତେକ ଅଞ୍ଚଳରେ ଲାଗୁ କରାଯାଇଥିବା ଜରୁରିକାଳୀନ ପରିସ୍ଥିତି ଅବଧି ଜୁନ୍ ୨୦ରେ ଶେଷ ହେଉଛି। ଏହାର ମିଆଦ ବୃଦ୍ଧି କରାଯିବ କି ନା ସେ ସମ୍ପର୍କରେ ସୁଗା ନିଷ୍ପତ୍ତି ନେବେ। ଜାପାନରେ କୋଭିଡ୍ ସଂକ୍ରମଣଙ୍କ ସଂଖ୍ୟା ପ୍ରାୟ ୭,୭୪,୦୦୦ ରହିଥିବାବେଳେ ୧୪,୦୦୦ ଜଣ ପ୍ରାଣ ହରାଇ ସାରିଲେଣି।

# ମନୀଷ କୁମାର ଜାତୀୟ ଚାମ୍ପିୟନ

**ଭୁବନେଶ୍ୱର, ୧୪।୬(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ମନୀଷ କୁମାର ଜାତୀୟ ୧୮ ବର୍ଷରୁ କମ୍ ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୯ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ପଶ୍ଚିମବଙ୍ଗର ଆରଣ୍ୟକ ଘୋଷ ଏବଂ ମଧ୍ୟପ୍ରଦେଶର ଆୟୁଷ ଶର୍ମା ୯ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲଜରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ୨୧୦୫ ରେଟିଂରେ ଥିବା ମନୀଷ ୮ ମ୍ୟାଚରେ ବିଜୟୀ ହୋଇଥିବାବେଳେ ୨ଟି ମ୍ୟାଚ ଡ୍ର ରଖିଥିଲେ ଏବଂ ମାତ୍ର ଗୋଟିଏ ମ୍ୟାଚରେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସଂକଳ୍ପ ଗୁପ୍ତା(୨୪୨୯)ଙ୍କଠାରୁ ହାରିଥିଲେ। ତେବେ ସେ ପରେ ୨ ଆଇଏମ୍ କୌସ୍ତୁଭ ଚାଟାର୍ଜୀ(୨୪୩୧) ଏବଂ ଏମ. ପ୍ରଣେଶ(୨୪୩୭)ଙ୍କୁ ହରାଇଥିବାବେଳେ ଆରଣ୍ୟକ ଘୋଷ(୨୪୪୦)ଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଜଗଦୀଶ ବାରିକ ୮ ପଏଣ୍ଟ ସହିତ ୧୬, ସମ୍ମିତ ପଣ୍ଡା ୭.୫ ପଏଣ୍ଟ ସହ ୨୩, ହର୍ଷିତ ରଞ୍ଜନ ୬.୫ ପଏଣ୍ଟ ସହ ୬୩, ମହିତୋଶ ଦେ ୫ ପଏଣ୍ଟ ସହିତ ୧୨୮ ଏବଂ ଇନ୍ଦ୍ରଜିତ ସୂର୍ଯ୍ୟପ୍ରାଞ୍ଜଳ ୧୬୬ତମ ସ୍ଥାନରେ ରହିଛନ୍ତି। ମନୀଷ କୁମାରଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଟାଚାର୍ଯ୍ୟ, ସଭାପତି ରଞ୍ଜନ ମହାନ୍ତି, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଏସ୍‌ଆର୍ ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



## ଭାରତ ଆଜି ଆଫଗାନିସ୍ତାନକୁ ଭେଟିବ

**ଦୋହା, ୧୪।୬ (ପି.ଟି.):** ୨୦୨୨ ଫିଫା ବିଶ୍ୱକପ ଏବଂ ୨୦୨୩ ଏସିଆନ କପ୍ କ୍ୱାଲିଫାୟରରେ ଭାରତ ମଙ୍ଗଳବାର ଆଫଗାନିସ୍ତାନକୁ ଭେଟିବ। ଏହି ମ୍ୟାଚରେ ଆଉ ଗୋଟିଏ ଗୋଲ ଦେଇ ପାରିଲେ ଅଧିନାୟକ ସୁନୀଲ ଛେତ୍ରୀ ସର୍ବକାଳୀନ ଟପ୍-୧୦ ଗୋଲ ସ୍କୋରର ତାଲିକାରେ ସାମିଲ ହୋଇପାରିବେ। ଆଫଗାନିସ୍ତାନ ବିପକ୍ଷରେ ଭାରତ ଅତିକମ୍‌ରେ ମ୍ୟାଚ ଡ୍ର ରଖି ପାରିଲେ ଏଏଫସି ଏସିଆନ କପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡରେ ପ୍ରବେଶ କରି ପାରିବ। ଓମାନ ଗତ ଶୁକ୍ରବାର ଆଫଗାନିସ୍ତାନକୁ ହରାଇବାରୁ ଏହି ସ୍ଥିତି ସୃଷ୍ଟି ହୋଇଛି।






## 'କିଛିଟା ପରିବର୍ତ୍ତନ ଲୋଡ଼ା'

**ଭିଭିଏସ୍ ଲକ୍ଷ୍ମଣ**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଖେଳର ଲମ୍ବା ଫର୍ମାଟ୍‌କୁ ଗୁରୁତ୍ୱ ଦେଇଥିବାରୁ ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ମୁଁ ନିଶ୍ଚୟ ପ୍ରଶଂସା କରିବି। କ୍ରିକେଟ ଖେଳ ଇତିମଧ୍ୟରେ ବହୁ ବିକଶିତ ହୋଇଛି। ଖେଳକୁ ମନୋରଞ୍ଜନଧର୍ମୀ ଓ ଆମୋଦଦାୟକ କରିବା ଲାଗି ଆମେ ଅନେକ ସଂଶୋଧନ କରିଛୁ। ହେଲେ ଆମକୁ ଖେଳାଳିଙ୍କ ପ୍ରତି ଧ୍ୟାନଦେବାକୁ ପଡ଼ିବ। ମୋ ଭଳି ଅନେକ ଟେଷ୍ଟ ଖେଳାଳି ଅଛନ୍ତି, ଯେଉଁମାନେ ବିଶ୍ୱକପ୍ ଖେଳିନାହାନ୍ତି। ଏହି ଦୃଷ୍ଟିରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମୋ ମତରେ ଏହି ପ୍ରତିଯୋଗିତାରେ କିଛି ପରିବର୍ତ୍ତନ କରାଯାଇପାରିଲେ ଏହା ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇପାରନ୍ତା। ପ୍ରତି ଦୁଇବର୍ଷ ବ୍ୟବଧାନରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବା ଠିକ୍ ଅଛି। ହେଲେ ଏଥିରେ ସମସ୍ତ ୧୨ଟି ଟେଷ୍ଟ ଖେଳୁଥିବା ଦେଶ ଭାଗ ନେଲେ ଭଲ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବା ଦରକାର। ପ୍ରତି ଗ୍ରୁପ୍‌ରେ ୬ଟି ଲେଖାଏ ଦଳ ରହିବେ। ଦୁଇଟି ଗ୍ରୁପର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ବେଷ୍ଟ ଅଫ୍ ଥ୍ରି ଫାଇନାଲ ଖେଳାଯିବା ଉଚିତ। ଏହାକୁ ଯଦି କାର୍ଯ୍ୟକାରୀ କରାଯାଏ ତେବେ ଟେଷ୍ଟ ଟିମ୍ ର୍ୟାଙ୍କିଙ୍ଗର ନିମ୍ନଭାଗରେ ରହିଥିବା ଦଳଗୁଡ଼ିକ ଟପ୍ ଦଳଗୁଡ଼ିକ ସହିତ ଖେଳିପାରନ୍ତେ। ଏହାଦ୍ୱାରା ସେମାନଙ୍କ ଦକ୍ଷତା ବୃଦ୍ଧି ସାଙ୍ଗକୁ ଆର୍ଥିକ ଦୃଷ୍ଟିରୁ ଲାଭବାନ ହୋଇପାରନ୍ତେ। ପଏଣ୍ଟ ବ୍ୟବସ୍ଥାରେ ମଧ୍ୟ କିଛିଟା ପରିବର୍ତ୍ତନ ଦରକାର। ବିଶ୍ୱ ଟେଷ୍ଟ ସିରିଜ ୩ ମ୍ୟାଚବିଶିଷ୍ଟ ହେବା ଉଚିତ। ଆଶେସ ଅବା ଭାରତ ବନାମ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ସିରିଜ ୪ କିମ୍ବା ୫ ମ୍ୟାଚବିଶିଷ୍ଟ ହୋଇପାରେ, ହେଲେ ପଏଣ୍ଟ ହିସାବ ପ୍ରଥମ ତିନୋଟି ମ୍ୟାଚକୁ ନେଇ କରାଯିବା ଆବଶ୍ୟକ। ପୁନଶ୍ଚ ନିଜ ଦେଶ ଅପେକ୍ଷା ବିଦେଶ ମାଟିରେ ବିଜୟପାଇଁ ବୋନସ ପଏଣ୍ଟ ବ୍ୟବସ୍ଥା ରହିବା ଉଚିତ। ସିରିଜର ପ୍ରଥମ ଟେଷ୍ଟରେ ଟସ୍ ପକା ନ ଯାଇ ଭ୍ରମଣକାରୀ ଦଳର ଅଧିନାୟକଙ୍କୁ ନିଜ ପସନ୍ଦ ଅନୁସାରେ ପ୍ରଥମେ ବ୍ୟାଟିଂ କିମ୍ବା ବୋଲିଂ ସୁଯୋଗ ଦିଆଯିବା ଉଚିତ। ଫଳରେ ଘରୋଇ ଦଳ ନିଜକୁ ସୁହାଇବା ଭଳି ପ୍ରସ୍ତୁତ କରିଥିବା ପିଚ୍‌ରୁ ଫାଇଦା ଉଠାଇପାରିବ ନାହିଁ। ଉଦ୍‌ଘାଟନୀ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବ। ମହାମାରୀରେ ପ୍ରଭାବିତ ଚକ୍ରରେ ଯେଉଁ ୩ଟି ଦଳ ୬ଟି ସିରିଜ ଖେଳିବାରେ ସମର୍ଥ ହୋଇଛନ୍ତି ଭାରତ ତନ୍ମଧ୍ୟରେ ଅନ୍ୟତମ। ଫାଇନାଲ ଷ୍ଟାଣ୍ଡିଂ ପାଇଁ ଉଦ୍ଦିଷ୍ଟ ପ୍ରତିଶତ ପଏଣ୍ଟ ବ୍ୟବସ୍ଥାରୁ ନ୍ୟୁଜିଲାଣ୍ଡ ଉପକୃତ ହୋଇଛି। ଡିସେମ୍ବରରେ ଏମ୍‌ସିଜିଠାରେ ଭାରତ ବିପକ୍ଷରେ ଓଭର-ରେଟ୍ ଅପରାଧ ପାଇଁ ୪ ଡକ୍ ପଏଣ୍ଟ ଯୋଗୁ ନ୍ୟୁଜିଲାଣ୍ଡ ଲାଗି ପଥ ପରିଷ୍କାର ହୋଇଥିଲା। ମୋଟ ଉପରେ କହିବାକୁ ଗଲେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏକ ଉତ୍ତମ ପ୍ରୟାସ। ଏହା କେବଳ ଟେଷ୍ଟ କ୍ରିକେଟକୁ ବଞ୍ଚାଇ ରଖିବ ନାହିଁ ଏହି ଫର୍ମାଟ୍‌ର ଗୁରୁତ୍ୱ ବୃଦ୍ଧି ପାଇବ।

-(ଗେମ୍‌ପ୍ଲାନ)


SEAGRAM'S
ROYAL STAG
PACKAGED DRINKING WATER



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୪।୦୬।୨୦୨୧
୨୪୦୯ ଟଙ୍କା

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ଆତ୍ମସାତ୍ ମସୁଧା

**ବ୍ରହ୍ମଗିରି, ୧୪।୬(ଡି.ଏନ୍.ଏ.):**

ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଅର୍ଥ ଆତ୍ମସାତ୍ ପାଇଁ ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ଶ୍ରମିକମାନଙ୍କୁ ଗୋଟିଏ ବର୍ଷରେ ୧୦୦ ଦିନର କାମ ଯୋଗାଇଦେବାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ ହେଉଛି। ତେବେ ଏହି ଯୋଜନାରେ ବ୍ରହ୍ମଗିରି ବ୍ଲକ ଅଧୀନ ଆମ୍ବପଡ଼ା ପଞ୍ଚାୟତ କାକୁଡ଼ିଗାଡ଼ିଆ ଗ୍ରାମର ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବା



ଜେସିବି ସାହାଯ୍ୟରେ କାର୍ଯ୍ୟ ଚାଲିଛି ।

ପରିବର୍ତ୍ତେ ମେଶିନ ସାହାଯ୍ୟରେ କାମ କରାଯାଉଛି। ଗ୍ରାମ ଘେରିବନ୍ଧ ଉନ୍ନତୀକରଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୪୧୩୦୦୨୦୦୩/ ଆର୍‌ସି/ ୧୦୪୭୫୯୮୯ ରେ ଅନ୍ତର୍ଭୁକ୍ତ ହୋଇ କାର୍ଯ୍ୟାଦେଶ ମିଳିଛି। ଏପରି କି, ଏହି ଗ୍ରାମରେ ବହୁ ଶ୍ରମିକ ରହିଛନ୍ତି। ମାତ୍ର ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବା ବଦଳରେ ଜେସିବି ଓ ଟ୍ରାକ୍ଟର ବ୍ୟବହାର କରି ମାଟି ଖୋଳା ପ୍ରଭୃତି କାର୍ଯ୍ୟ କରାଯାଉଛି। ପୁରୁଣା ବନ୍ଧରେ ନାମକୁ ମାତ୍ର କାମ କରି ବିଲ୍ ପ୍ରସ୍ତୁତ ସହ ଅର୍ଥ ଆତ୍ମସାତ ପାଇଁ ମସୁଧା ଚାଲିଥିବା ଗ୍ରାମର ପ୍ରଫୁଲ୍ଲ ସେଠୀ, ରବି ବେହେରା, ପଦ୍ମଚରଣ ସେଠୀ ପ୍ରମୁଖ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି କାର୍ଯ୍ୟର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ବିଡିଓ ଜ୍ୟୋତି ପ୍ରକାଶ ସେଠୀ କହିଛନ୍ତି, ଏ ସମ୍ପର୍କରେ ଅଭିଯୋଗ ହୋଇଛି। ଖୁବଶୀଘ୍ର ଏହାର ତଦନ୍ତ କରାଯାଇ ରିପୋର୍ଟକୁ ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କୋରେକ୍ସ ବିକି ଯୁବକ ଗିରଫ

**ପୁରୀ ଅଫିସ, ୧୪।୬:**

ବେଆଇନ ଭାବେ କୋରେକ୍ସ ବିକିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ଅଞ୍ଚଳର କେଶବ ଦାଶ। ପୋଲିସ ତାଙ୍କଠାରୁ ୩୦ଟି କୋରେକ୍ସ ବୋତଲ ଜବତ କରିଛି। ସେଥିମଧ୍ୟରୁ ୫ଟି ବୋତଲର ସିଲ୍ ଖୋଲାଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୧୮୯/୨୧) ରୁଜୁ କରିଛି।




ଧ-୨୦୮୮୯


## ରଜ ସଜବାଜ



**ରଜ ସଜବାଜ:** ପହିଲି ରଜରେ ସୋମବାର ପୁରୀ ସହରର ଏକ ସାହିରେ ଝିଅମାନେ ପାଦରେ ଅଳତା ଲଗାଉଛନ୍ତି ।

## ଚଳନ୍ତା ଟ୍ରେନ୍‌ରୁ ଡେଇଁ ଯୁବକ ଗୁରୁତର

**ପୁରୀ ଅଫିସ, ୧୪।୬:**

ଚଳନ୍ତା ଟ୍ରେନରୁ ଡେଇଁପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ସନ୍ତୋଷ କୁମାର ଜେନା ଓ ଘର ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳରେ ବୋଲି ଜଣାପଡ଼ିଛି। ତାଙ୍କ ମୁଣ୍ଡ ଫାଟିଯିବା ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି। ତାଙ୍କୁ ଆର୍‌ପିଏଫ୍ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୮ଟାରେ ସନ୍ତୋଷ ମାଳତୀପାଟପୁର ଷ୍ଟେଶନରେ ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଓହ୍ଲାଇବାକୁ ଚାହିଁଥିଲେ। ତେବେ ଟ୍ରେନ୍ ଅଟକିବା ପୂର୍ବରୁ ସେ ତରବର ହୋଇ ଡେଇଁପଡ଼ିଥିଲେ। ଭାରସାମ୍ୟ ହରାଇ ଟ୍ରାକ୍ ଉପରେ ପଡ଼ିବାରୁ ତାଙ୍କୁ ଆର୍‌ପିଏଫ୍ କର୍ମଚାରୀ ଉଦ୍ଧାର କରିଥିଲେ। ଏହାପରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ମାତ୍ର ମୁଣ୍ଡରୁ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ପରିବାର ଲୋକେ ପହଞ୍ଚିଥିଲେ। ଆର୍‌ପିଏଫ୍ ଥାନା ଆଇଆଇସି ଅନୀଲ ସିଂ କହିଛନ୍ତି, ଚଳନ୍ତା ଟ୍ରେନରୁ ଡେଇଁବା ପାଇଁ କୌଣସି ଯାତ୍ରୀ ଉଦ୍ୟମ ନ କରିବା ଉଚିତ୍। ସାମାନ୍ୟ ଯାତ୍ରାକଷ୍ଟ ଓ ସୁବିଧା ପାଇଁ ଯାତ୍ରୀମାନେ ନିଜ ଜୀବନକୁ ବାଜି ଲଗାନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି।

## ରଥଖଳାରୁ

### ପଞ୍ଚଦଣ୍ଡାରେ କଣ୍ଟା ବାଡ଼ିଆ ସରିଲା



ନନ୍ଦିଘୋଷ ରଥରେ ଗରବରା କାଠ ଲଗାଯାଉଛି ।

**ପୁରୀ ଅଫିସ, ୧୪।୬:**

ରଥଖଳାରେ ସୋମବାର ତିନି ରଥର ପଞ୍ଚଦଣ୍ଡାରେ କଣ୍ଟାବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ପଞ୍ଚଦଣ୍ଡା କଣ୍ଟା ବାଡ଼ିଆ ପରେ ଦଣ୍ଡାଗୁଡ଼ିକର ମଧ୍ୟଭାଗର ଦୁଇପଟେ ୨ଟି ଗରଗରା ଫିଟିଂ କରାଯାଇଛି। ଗରଗରା ଫିଟିଂ ପୂର୍ବରୁ ଦଣ୍ଡା ସହ ଗରଗରାର ସଂଯୋଗ ସ୍ଥାନରେ ବିନ୍ଧ କରାଯିବା ପରେ କମାରସେବକମାନେ କଣ୍ଟା ବାଡ଼େଇ ସେଟିଂ କରିଥିଲେ। ଏହାପରେ ତିନି ରଥର ଦୁଇଟି ଲେଖାଏ ପୋଲ ଗୟଳ ଫିଟିଂ ହୋଇ ଚାରି ନାହାକା ଉଠିବ। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୨ଟି ଲେଖାଏ ପୋଲ ଗୟଳ ଚିରଟ ଶେଷ ହୋଇଛି। ମଙ୍ଗଳବାର ଗୟଳ ଫିଟିଂ ଆରମ୍ଭ ହେବ। ତିନି ରଥର ପ୍ରଥମ ଭୂଇଁ ପାଇଁ ୪ଟି ପୋଟଳ ଖମ୍ବୀ ସାଲ ହେବା ସହ ୭ଟି ଯୋଖା ଖୋଦେଇ ସରିଛି। ତିନି ରଥର ୨ଟି ଲେଖାଏ ପୋଟଳ ପାରେଣି, ୭ଟି ଲେଖାଏ ଯୋଖା ଓ ଗୋଟିଏ ଲେଖାଏ ଚାର ପରିଛା ଶେଷ ହୋଇଛି। ପ୍ରତି ରଥ ପାଇଁ ୮ଟି ନାଟଗୋଡ଼ରୁ ୪ଟି ଲେଖାଏ ନାଟଗୋଡ଼ରେ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଓଝା ଓ କମାର ସେବକମାନେ ରଥ ଉପରି ଭାଗ ପାଇଁ କଣ୍ଟା ନିର୍ମାଣ କରୁଛନ୍ତି। ସୋମବାର ରଥଖଳାରେ ୧୯୮ ଜଣ ସେବକ ନିୟୋଜିତ ଥିଲେ।

## ସଂକ୍ଷେପରେ

### ବଟି ମାଗି ୪ ଗିରଫ, ୩୦ ହଜାର ଟଙ୍କା ଜବତ

ପୁରୀ ଅଫିସ, ୧୪।୬: ପୁରୀ ଟାଉନ ଥାନା ପୋଲିସ ସୋମବାର ବଟି ମାଗିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଟାଉନ ଥାନା ଅଧୀନ ଗୌଡ଼ବାଡ଼ ସାହିର ରବିନାରାୟଣ ଆପଟ ଓରଫ ମାଧବ, ଦାଣ୍ଡମାଳି ସାହିର ସତ୍ୟ ରଞ୍ଜନ ପଣ୍ଡା ଓରଫ ଚିଣ୍ଟୁ, ବାସେଳୀସାହି ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହିର କାହ୍ନୁ ଚରଣ ମହାପାତ୍ର ଏବଂ କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ଅଞ୍ଚଳର ଚୈତନ୍ୟ ପୃଷ୍ଟି। ଏ ନେଇ ଟାଉନ ଥାନାରେ କେସ୍ ନଂ. ୧୫୭/୨୧ ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ମରିଚିକୋଟ ଛକରେ ଥିବା ଅଭିରାମ ପରମହଂସ ଆଶ୍ରମକୁ ଅଭିଯୁକ୍ତମାନେ ଯାଇ ବାବାଜୀ ଅରବିନ୍ଦ ଦାସଙ୍କୁ ୩୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଦାସ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୦ ହଜାର ଟଙ୍କା ଜବତ କରିଛି।

### ଅଙ୍ଗନୱାଡି, ଆଶାକର୍ମୀଙ୍କୁ ପିପିଇ କିଟ୍ ଓ ଅକ୍ସିମିଟର ପ୍ରଦାନ

ପିପିଲି, ୧୪।୬(ଡି.ଏନ୍.ଏ./ସ୍ୱ.ପ୍ର.)- ପିପିଲି ବ୍ଲକ ଆତ୍ମା କମିଟିର ଅଧ୍ୟକ୍ଷ ଧରଣୀଧର ସାହୁଙ୍କ ମାତା ତଥା ତେଇଶିପୁର ପଞ୍ଚାୟତ ପୋଡଙ୍ଗ ଗ୍ରାମର ସାମାଜିକ କର୍ମୀ ଭାବେ ପରିଚିତ ସ୍ୱର୍ଗତ ପାର୍ବତୀ ସାହୁ(୯୦)ଙ୍କ ଏକାଦଶାହ ଅବସରରେ ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନଙ୍କୁ ପିପିଇ କିଟ୍ ଓ ଅକ୍ସିମିଟର ପ୍ରଦାନ କରାଯାଇଛି। ଏହି ଅବସରରେ ପୋଡ଼ଙ୍ଗ ଗ୍ରାମରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆତ୍ମା କମିଟିର ଅଧ୍ୟକ୍ଷ ସାହୁଙ୍କ ସମେତ ତାଙ୍କ ଭାଇ ବେଣୁଧର ସାହୁ, ଲକ୍ଷ୍ମୀଧର ସାହୁ, ଧନୁର୍ଦ୍ଧର ସାହୁ, ପୁତୁରା ମାନସ ରଞ୍ଜନ ମହାପାତ୍ର, ସତ୍ୟଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତରେ କାର୍ଯ୍ୟରତ ୧୨ଜଣ ଅଙ୍ଗନୱାଡି କର୍ମୀ ଓ ୮ଜଣ ଆଶା କର୍ମୀଙ୍କୁ ପିପିଇ କିଟ୍ ଓ ଅକ୍ସିମିଟର ପ୍ରଦାନ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ, ୧୪।୬(ସ୍ୱ.ପ୍ର.): କଣାସ ବ୍ଲକ ବିଣ୍ଡିପୁର ଗ୍ରାମର ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ ଗତ ୩ଦିନ ଧରି ଚାଲିଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୃତ୍ୟୁଞ୍ଜୟ ରଥ ଓ ସାଥୀ ବ୍ରାହ୍ମଣମାନେ ବେଦମନ୍ତ୍ର ପାଠ କରି ଯଜ୍ଞସମ୍ପନ୍ନ କରିଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ଘର ଜାଳିଦେଲେ

**ପୁରୀ ଅଫିସ, ୧୪।୬**

ପୁରୀ ସଦର ଥାନା ଅନ୍ତର୍ଗତ ମୁକୁନ୍ଦ ମିଶ୍ର ନଗର ପରିସରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ସୋମବାର ସନ୍ଧ୍ୟାରେ ଜଣଙ୍କ ଘର ଜାଳିଦେବା ସହ ହତ୍ୟା ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମୁକୁନ୍ଦ ମିଶ୍ର ନଗରର ରାଜ କିଶୋର ଦାଶ ଏବଂ ଦୀନବନ୍ଧୁ ଦାଶଙ୍କ ମଧ୍ୟରେ କିଛିବର୍ଷ ହେବ ଜମିବାଡିକୁ ନେଇ ବିବାଦ ଲାଗି ରହିଥିଲା। ଯାହାଫଳରେ ଉଭୟ ପରିବାର ମଧ୍ୟରେ ଅଧିକାଂଶ ସମୟରେ କଳହ ଲାଗିରହୁଥିଲା। ତେବେ ସୋମବାର ସନ୍ଧ୍ୟାରେ ରାଜ କିଶୋର ଏବଂ ତାଙ୍କ ପୁଅମାନେ ଘରେ ନ ଥିବାବେଳେ ଦୀନବନ୍ଧୁ ଏବଂ ତାଙ୍କ ପୁଅ ରଞ୍ଜିତ ରାଜ କିଶୋରଙ୍କ ଘରକୁ ଆସି ଘର ଲୋକଙ୍କୁ ଗାଳି ଗୁଲଜ କରିଥିଲେ। ତେବେ ବଚସା ଉଗ୍ରରୂପ ନେଇଥିଲା। ଯାହାକୁ ନେଇ ଦୀନବନ୍ଧୁ ଏବଂ ତାଙ୍କ ପୁଅ ରଞ୍ଜିତ ରାଗି ଯାଇ ରାଜକିଶୋରଙ୍କ ଘରେ ଭଙ୍ଗାରୁଜା କରିବା ସହ ଘରେ ଥିବା ମହିଳାମାନଙ୍କୁ ଆକ୍ରମଣ କରିଥିଲେ। ଶେଷରେ ତାଙ୍କ ରୋଷଇ ଘରେ ନିଆଁ ଲଗାଇ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ରାଜ କିଶୋର ଏବଂ ତାଙ୍କ ବୋହୂଙ୍କ ପକ୍ଷରୁ ସଦର ଥାନାରେ ଦୁଇଟି ଅଭିଯୋଗ କରାଯାଇଛି। ଅଭିଯୋଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଡକାୟତି ଯୋଜନା ବେଳେ ୫ ଗିରଫ

**ପୁରୀ ଅଫିସ, ୧୪।୬:**

ପୁରୀ କୁମ୍ଭାରପଡ଼ା ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ସଦର ଥାନା ଅଧୀନ ମୁକୁନ୍ଦ ମିଶ୍ର ନଗରର ପ୍ରିୟବ୍ରତ ପ୍ରଧାନ (୨୫), ସୌମ୍ୟ ପଟ୍ଟନାୟକ (୨୯), ବାସେଳି ସାହି ଥାନା ଅନ୍ତର୍ଗତ ମାଟିତୋଟା ନୂଆସାହି ୨ୟ ଲେନ୍‌ର ଶଶାଙ୍କ ବଳିୟାରସିଂ (୩୪) ଏବଂ ଗଞ୍ଜାମର ସାଗର ବେହେରା (୩୫), ସନନ୍ଦ କୁମାର ପାଢ଼ୀ (୩୧)। ଏମାନଙ୍କଠାରୁ ଗୋଟିଏ ଭୁଜାଲି, ଖଣ୍ଡା, ୨ଟି ହାତବୋମା, ଲୁହାପାଇପ ଓ ୨ଟି କାର୍ ଜବତ କରାଯାଇଛି। ଏ ନେଇ କୁମ୍ଭାରପଡ଼ା ଥାନା ପୋଲିସ ଏକ କେସ୍ (ନଂ. ୧୯୦/୨୧)



ଗିରଫ ହୋଇଥିବା ୫ ଅଭିଯୁକ୍ତ ।

**ମାରଣାସ୍ତ୍ର, ହାତବୋମା ଓ ୨ କାର୍ ଜବତ**

ରୁଜୁ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନାନୁଯାୟୀ, ରବିବାର ବିଳମ୍ବିତ ରାତିରେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଆଶ୍ରମ ଛକର ଏକ ନିକାଞ୍ଚନ ଜାଗାରେ କେତେଜଣ ଯୁବକ ଏକାଠି ବସି ଡକାୟତି ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ପରେ ପୋଲିସ ସେଠାରେ ଚଢ଼ାଉ କରି ୫ ଡକାୟତକୁ ଗିରଫ କରିଥିବାବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ।

## ୧୭ଶହ ଅମାନିଆଙ୍କଠାରୁ ୧.୮୦ଲକ୍ଷ ଜରିମାନା ଆଦାୟ

**ନିମାପଡ଼ା, ୧୪।୬(ଡି.ଏନ୍.ଏ.)**

କରୋନା କଟକଣା ଉଲ୍ଲଂଘନକାରୀଙ୍କୁ ଶାସନ କରିବା ପାଇଁ ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ନିମାପଡ଼ା ଥାନା ଅଞ୍ଚଳରେ ଚଢ଼ାଉ, ଯାନବାହନ ଯାଞ୍ଚ, ମାସ୍କ ଚେକିଂକୁ ଅଧିକ କଡ଼ାକଡ଼ି କରାଯାଇଛି। ନିମାପଡ଼ା, ଖେଲାର ଓ ଚାରିଛକ ଅଞ୍ଚଳର ବହୁ ଦୋକାନ, ଗୋଦାମ, ହୋଟେଲ, ଢାବାଗୁଡ଼ିକରେ ଚଢ଼ାଉ କରାଯିବା ସହ ସିଲ୍ କରାଯାଇ ଜରିମାନା ଆଦାୟ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରେ ୧୭ଶହ ଅମାନିଆ ବ୍ୟକ୍ତି, ଗାଡ଼ି ଚାଳକ, ବ୍ୟବସାୟୀଙ୍କଠାରୁ ମୋଟରେ ୧୮୦୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ବାଳିହରଚଣ୍ଡୀରେ ବିନା ଭକ୍ତରେ ରଜ ଉତ୍ସବ

**ବ୍ରହ୍ମଗିରି, ୧୪।୬(ଡି.ଏନ୍.ଏ.):**

ବ୍ରହ୍ମଗିରିସ୍ଥିତ ବାଳିହରଚଣ୍ଡୀଙ୍କ ପୀଠରେ ରଜ ଉତ୍ସବ ସ୍ୱତନ୍ତ୍ର ଭାବେ ପାଳନ ହୁଏ। ତେବେ ଚଳିତବର୍ଷ କରୋନା ଯୋଗୁ ରଜ ଉତ୍ସବ ପାଇଁ କଟକଣା ଲାଗି ଥିବାରୁ ବିନା ଭକ୍ତରେ ଉତ୍ସବ ପାଳନ ହୋଇଛି। ମନ୍ଦିର ସମେତ ଏହାର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇଛି। ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ମନ୍ଦିରର ନୀତିକାନ୍ତି କରାଯାଇଛି। ଏହି ପୀଠରେ ରଜ ଉତ୍ସବ, ଭୋଜିଭାତ ବନ୍ଦ ରହିଛି। ପ୍ରକାଶ ଥାଉକି, ଓଡ଼ିଶାରେ ବିଭିନ୍ନ ଶକ୍ତି ପୀଠରେ ପାଳିତ ହେଉଥିବା ରଜ ଉତ୍ସବ ମଧ୍ୟରୁ ହରଚଣ୍ଡୀ ପୀଠ ଅନ୍ୟତମ। ଏହି ପାଠରେ ୪ ଦିନ ଧରି ରଜ ପାଳନ ହୋଇଥାଏ। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ୩ଟି ବ୍ଲକର ପ୍ରାୟ ୧୦୦ ଖଣ୍ଡି ଗ୍ରାମବାସୀ ଏହି ପୀଠରେ ଛାପା ( ଅସ୍ଥାୟୀ



ତମ୍ବୁ ଘର) ପକାଇ ଭୋଜିଭାତ, ଆମୋଦ ପ୍ରମୋଦ କରିଥାନ୍ତି । ୧୪୪ ଧାରା ଲାଗିଥିବାରୁ ଏସବୁ ବନ୍ଦ ହୋଇଛି। ରଜର ପ୍ରଥମ ଦିନ ଅର୍ଥାତ ପହିଲି ରଜରେ କଟକଣା ମଧ୍ୟରେ ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ମନ୍ଦିରର ସମସ୍ତ ନୀତିକାନ୍ତି ପରେ ମା'ଙ୍କ କୁଆଁରୀ ବେଶ ଅନୁଷ୍ଠିତ ହୋଇଥିଲା।

# ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସୁଧୁରୁନି

- ବହୁ ପଦବୀ ଖାଲି ପଡ଼ିଛି
- ସଫେଇ ହେଉନି ପରିସର

**ସାକ୍ଷୀଗୋପାଳ, ୧୪।୬(ସ୍ୱ.ପ୍ର.):**

ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ଦେଢ଼ଲକ୍ଷ ଲୋକ ନିର୍ଭର କରନ୍ତି। ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର କିଛିମାସ ତଳେ ଆଇଏସ୍‌ଓ ମାନ୍ୟତା ସହ କାୟାକଳ୍ପ ପୁରସ୍କାର ପାଇଥିଲା। ମାତ୍ର ସମ୍ପ୍ରତି ଏହି ସ୍ୱାସ୍ଥ୍ୟକେନ୍ଦ୍ର ନାନା ସମସ୍ୟା ଏବଂ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ଅଭାବ ଥିବାବେଳେ ପରିମଳ ବ୍ୟବସ୍ଥା ବିଗିଡ଼ିଯାଇଛି। ଏଠାରେ ମୋଟ ୧୦ଟି ଡାକ୍ତର ପଦବୀ ମଧ୍ୟରୁ ମେଡିସିନ୍, ସର୍ଜରି, ପେଡିଆଟ୍ରିକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନାହାନ୍ତି। ସେହିପରି ୧୧ ଷ୍ଟାଫନର୍ସ ପଦବୀ ମଧ୍ୟରୁ ୩ଟି ଏବଂ ୪ ସହାୟକ (ଆଟେଣ୍ଡାଣ୍ଟ) ସମେତ ଗୋଟିଏ ଫାର୍ମାସିଷ୍ଟ ପଦବୀ ଖାଲିପଡ଼ିଛି। ଫଳରେ ଉପଯୁକ୍ତ ସେବା ମିଳିପାରୁନାହିଁ। ରୋଗୀ ନିରାଶ ହୋଇ ଚିକିତ୍ସା ଲାଗି ଅନ୍ୟତ୍ର ଯିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଲୋକଙ୍କ ଭରସା ତୁଟିବାରେ ଲାଗିଛି।




ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲାଗିଥିବା ୱାଟର ଫିଲଟର ।



ଡାକ୍ତରଖାନା ପାର୍ଶ୍ୱରେ ଆବର୍ଜନା ପଡିରହିଛି ।

ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ପଦବୀଗୁଡ଼ିକ ପୂରଣ ହୋଇପାରିଲା ନାହିଁ। ଏଥିଯୋଗୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଆସିବାକୁ ଅରାଜି ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା ପଡ଼ିରହିଛି। ତାହାକୁ ସଫେଇ କରାଯାଉନାହିଁ। ବଜାର ମୁଖ୍ୟ ପାଚେରିକୁ ଲାଗି ଲେବର ରୁମ୍ କାନ୍ଥଠାରୁ ମୁଖ୍ୟ ଗେଟ ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ଅନାବନା ଗୁଳ୍ମରେ ପରିପୂର୍ଣ୍ଣ ହୋଇଛି। ପାନୀୟଜଳ ଯନ୍ତ୍ର ପାଖରେ ପାନଛେପ, ଗୁଟ୍‌ଖା ଜରି ପଡ଼ିରହି ଅପରିଷ୍କାର ହୋଇଛି। ୧୦ ଜଣ ସିକ୍ୟୁରିଟି ଗାର୍ଡ ୨୪ ଘଣ୍ଟା ଧରି ଡ୍ୟୁଟି କରୁଥିଲେ ମଧ୍ୟ ଅନେକ ସ୍ଥାନରେ ଖାଲି ମଦ ବୋତଲ ପଡ଼ିଥିବା ଦେଖିବାକୁ ମିଳୁଛି।

### ଏମାନେ ଯାହା କହନ୍ତି...

" ମେଡିକାଲ ଅଫିସର ପୋଷ୍ଟ କ୍ଲାସ୍-୧ ର୍‍ୟାଙ୍କର ହୋଇଥିବାବେଳେ ଏହା କେଉଁ ଆଧାରରେ ବର୍ତ୍ତମାନର ମେଡିକାଲ ଅଫିସରଙ୍କୁ ଦିଆଯାଇଛି ତାହା ବୁଝାପଡୁନାହିଁ। ଅନେକ କର୍ମଚାରୀଙ୍କ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଏହାର ତଦନ୍ତ କରାଯାଉ।

**-ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ**

" ପରିଚାଳନା ପ୍ରତି ଧ୍ୟାନ ଦିଆଗଲେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପୁଣି ସମସ୍ତଙ୍କ ଭରସା ପାଲଟିବ।

**- ଅଞ୍ଜନ କୁମାର ହୋତା, ଆଇନଜୀବୀ**

" ସମସ୍ତ ବିଭାଗରେ ବିଶେଷଜ୍ଞ ରହିବା ନିହାତି ଆବଶ୍ୟକ। ରୋଗୀ କଲ୍ୟାଣ ସମିତିର ବୈଠକ ନିୟମିତ ବସିବା ଉଚିତ।

**- ଦୀପକ ଶତପଥୀ, ସାମାଜିକ କର୍ମୀ**

" ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଚାଳନା ପାଇଁ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବା ସହ ସମସ୍ତ ପଦବୀ ପୂରଣ ଏବଂ ଉପକରଣ କାର୍ଯ୍ୟକ୍ଷମ ପାଇଁ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିବୁ।

**-ରାମଚନ୍ଦ୍ର ମହାନ୍ତି, ରୋଗୀ କଲ୍ୟାଣ ସମିତି ସଦସ୍ୟ**

" ଆଗାମୀ ଦିନରେ ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରି ଏହି ସବୁ ସମସ୍ୟର ସମାଧାନ ପାଇଁ ପଦକ୍ଷେପ ନିଆଯିବ।

**- ଡା. ସୁଜାତା ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ**

" ଏଠାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ବ୍ୟତୀତ ଅନ୍ୟ କୌଣସି ବିଭାଗର ବିଶେଷଜ୍ଞ ନାହାନ୍ତି। ଡାକ୍ତରଖାନାକୁ କୌଣସି ରୋଗୀ ଯାଉନାହାନ୍ତି କି ହସ୍ପିଟାଲରେ ରୋଗୀ ରହୁ ନାହାନ୍ତି। ଅନ୍ୟପକ୍ଷେ ମେଡିକାଲକୁ ଆସୁଥିବା ପରିଚାଳନାଗତ ଅର୍ଥକୁ ବାଟମାରଣା କରାଯାଉଛି। ଏହାର ତଦନ୍ତ କରାଯିବା ଆବଶ୍ୟକ।

**-ସୁଶାନ୍ତ କୁମାର ରଥ, ଆଇନଜୀବୀ**

## 'ପ୍ରାଚୀ'କୁ ଶୌଚାଳୟ ପାଣି ଛଡ଼ାଯିବା ମସୁଧା

**କାକଟପୁର, ୧୪।୬(ଡି.ଏନ୍.ଏ.):**

ଡ୍ରେନ୍ ପାଣି ଦ୍ୱାରା ପ୍ରାଚୀ ନଦୀ ପ୍ରଦୂଷିତ ହେବା ସହ ଧୀରେ ଧୀରେ ପୋତି ହୋଇପଡୁଛି। ଏହି ପ୍ରସଙ୍ଗରେ ବିଭିନ୍ନ ଅନୁଷ୍ଠାନ ସ୍ୱର ଉତ୍ତୋଳନ କରୁଥିବା ବେଳେ ସମ୍ପ୍ରତି ଏକ ଘଟଣା ଦୃଷ୍ଟିକୁ ଆସିଛି। କାକଟପୁରସ୍ଥ ମଙ୍ଗଳା ମନ୍ଦିର ସମ୍ମୁଖ ପୂର୍ତ୍ତବିଭାଗ ରାସ୍ତାକୁ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଏକ ଚିତ୍ତ ବିନୋଦନ କେନ୍ଦ୍ର ନିର୍ମାଣ କରାଯାଇଛି। ଉକ୍ତ କେନ୍ଦ୍ରରେ ଥିବା ଶୌଚାଳୟର ଟାଙ୍କିରୁ ଏକ ପାଇପ ମନ୍ଦିର ଡ୍ରେନ ସହିତ ସଂଯୋଗ ନିମନ୍ତେ ପୂର୍ତ୍ତବିଭାଗର ରାସ୍ତାକୁ ଖୋଳାଯାଉଛି। ଟାଙ୍କିରୁ ଉଦ୍‌ବୃତ୍ତି ପାଣି ଉକ୍ତ ଡ୍ରେନ ଦେଇ ପ୍ରାଚୀ ନଦୀକୁ ଛଡ଼ାଯିବାକୁ ମସୁଧା ହେଉଛି। ତେବେ ଏହାଦ୍ୱାରା ଭବିଷ୍ୟତରେ ମନ୍ଦିର ପରିସରରେ ମଇଳା ପାଣି ପ୍ରବେଶ କରିବାର ଆଶଙ୍କା ରହିଛି। ତେଣୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି। କିନ୍ତୁ ସମ୍ପୃକ୍ତ ଠିକାଦାର ଡ୍ରେନକୁ ପାଇପ ସଂଯୋଗ କାର୍ଯ୍ୟ ଜାରି ରଖିଛନ୍ତି। ଏଥିପ୍ରତି ପ୍ରଶାସନ କିପରି ଆଖି ବୁଜିଦେଇଛି ତାହା ବୁଝାପଡୁନାହିଁ ବୋଲି ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି।


अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ENGG/EE-2021/PET-CT/109 Dated: 14th Jun 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Electrical Wiring Items, Panel & Laying of Cable for Installation of PET-CT and Cyclotron equipment at Hospital Complex, AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (Electrical)
AIIMS, Bhubaneswar

# ସଂକ୍ଷେପରେ

## ହନୁମାନ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ଜଟଣୀ,୧୪।୬ (ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରେ ଦିନକୁ ଦିନ ଚୋରି ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ରାତିରେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ମହତାବ ନଗରସ୍ଥିତ କୁଦିଆରୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଥିବା ହନୁମାନ ମନ୍ଦିରରୁ କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନା ମୁତାବକ, ରବିବାର ରାତିରେ ପ୍ରତିଦିନ ପରି ମନ୍ଦିର ସେବା, ନୀତିକାନ୍ତି ପରେ ପହଡ଼ ପଡ଼ିଥିଲା। ସୋମବାର ସକାଳେ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଜଟଣୀ ପୋଲିସକୁ ଜଣାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଜଟଣୀ ଅଞ୍ଚଳର ଅନେକ ମନ୍ଦିରରୁ ଚୋରି ହେଉଥିବା ନେଇ ଅଭିଯୋଗ ହେଉଥିଲେ ମଧ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅହମ୍ମଦୀୟା ମୁସଲିମ ସଙ୍ଗଠନ ପକ୍ଷରୁ ସହାୟତା

**ଖୋର୍ଦ୍ଧା ଅଫିସ,୧୪।୬:** ରାଜ୍ୟରେ କରୋନା ପାଇଁ ଲକଡାଉନ ଜାରି ରହିଛି। ଫଳରେ ଖଟିଖିଆ, ଗରିବ ଶ୍ରେଣୀର ଲୋକେ ହଇରାଣ ହେଉଛନ୍ତି। ସୋମବାର ଅହମ୍ମଦୀୟା ମୁସଲିମ ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧା ସହର ସ୍ଥିତ ଶାନ୍ତିଧାମ କଲୋନୀ ଗୋପବନ୍ଧୁ କୁଷ୍ଠାଶ୍ରମରେ ୪୭ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁହମ୍ମଦ ନୁରୁଦ୍ଦିନ ମୋଜିବୁଲ ହକ, ମୌଲବି ରହିମ ଅହମଦ ଖାଁ, ସରଫରାଜ ଅହମ୍ମଦ ଜିଶାନ,ମୌଲାନା ଫଜଲ ହକ ଖାଁ, ତାହିର ଅହମଦ ଖାଁ, ମୁବାରକ ଅହମ୍ମଦ ଯୋଗଦେଇଥିଲେ। ସୂଚନାଥାଉ କି ଅହମ୍ମଦୀୟା ମୁସଲିମ ସଙ୍ଗଠନ ଦେଶରେ ହଜାର ହଜାର ସଂଖ୍ୟାରେ ଲୋକଙ୍କୁ ସାହାଯ୍ୟ କରି ଆସଛି। ଆଗକୁ ଏଭଳି କାର୍ଯ୍ୟକ୍ରମ ରହିଛି ବୋଲି ମୌଲାନା ଫଜଲ ହକ ଖାଁ କହିଛନ୍ତି।

## ସିକୋ ମଦ ଜବତ ଘଟଣା, ୨ ଗିରଫ

**ନିରାକାରପୁର,୧୪।୬ (ଡି.ଏନ୍.ଏ.):** ଜଙ୍କିଆ ଓ ସିକୋ ପୋଲିସ ଗତ ୮ତାରିଖରେ ଏକଡାଲିଆ ଜଙ୍ଗଲରେ ଚଢ଼ାଉ କରି ୧୬୦ ଲିଟର ଦେଶୀ ମଦ ସହ ୩୦୦୦ ଲିଟରରୁ ଉର୍ଦ୍ଧ୍ୱ ପୋଚ ନଷ୍ଟ କରିଥିଲା। ଏଥିସହ ଜେନେରେଟର, ପାଣି ମୋଟର, ଗ୍ୟାସ ସିଲିଣ୍ଡର, ଡ୍ରମ, ହଣ୍ଡା ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୧୭/୨୧) ରୁଜୁ ହୋଇଥିଲା। ଏହି ମାମଲାରେ ପୋଲିସ ଦୁଇଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସିକୋ ଅଞ୍ଚଳର ଆଲୋକ ପ୍ରଧାନ(୩୧) ଓ ତାଙ୍କ ସହଯୋଗୀ ମାନସ ବାରିକ। ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଗଠନ ଦଳ କରାଯାଇ ରବିବାର ରାତିରେ ଅଭିଯୁକ୍ତମାନଙ୍କୁ ଧରିଥିଲେ।

## ଅଭିଯୁକ୍ତ କୋର୍ଟଚାଲାଣ

**ଜଟଣୀ,୧୪।୬ (ଡି.ଏନ୍.ଏ.):** ଏକ ମୃତ୍ୟୁ ଘଟଣାରେ ଜଟଣୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲଣ କରିଛି। ସେ ହେଲେ ଜଟଣୀ ପୌରାଞ୍ଚଳ ବାଲିଛକ ମୁଣ୍ଡିଆ ସାହିର ମନ୍ଦିରା ଦାସ। ସୂଚନା ମୁତାବକ, ବାଲିଛକ ମୁଣ୍ଡିଆ ସାହିର ମନ୍ଦିରାଙ୍କ ସ୍ତ୍ରୀଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଯୌତୁକ ନିର୍ଯାତନା ଓ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ବାପଘର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୬୮/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

## ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

**ବାଣପୁର,୧୪।୬ (ଡି.ଏନ୍.ଏ.):** କରୋନା ସଂକ୍ରମଣ ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଗ୍ରାମାଞ୍ଚଳରେ ଜୁଆଖେଳ ବଢ଼ିବାରେ ଲାଗିଛି। କୁମାରାଙ୍ଗ ପଞ୍ଚାୟତର ରାଣୀପଡ଼ା ଗ୍ରାମରେ ସୋମବାର ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୪୪୧୦ ଟଙ୍କା, ୪ ବାଇକ୍ ଓ ୨ଟି ତାସମୁଠା ଜବତ ହୋଇଛି। ସୂଚନା ମୁତାବକ, ରାଣୀପଡ଼ା ଗ୍ରାମରେ ଜୁଆ ଖୋଳାଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଉପ ନିରୀକ୍ଷକ ରାଜକିଶୋର ବେହେରା ସଦଳବଳ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

# ଲୋକକଳା ହିଁ ଜାତିର ପରିଚୟ

**ଜିଲାସ୍ତରୀୟ ଲୋକକଳା ଦିବସ**
- ଉତ୍କର୍ଷର କ୍ଷେତ୍ର ଉତ୍କଳ
- ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୪।୬**

ଜିଲାସ୍ତରୀୟ ତୃତୀୟ ଲୋକକଳା ଦିବସ ସୋମବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସନତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଏବଂ ବ୍ଲକସ୍ତରୀୟ କଳାକାର, କଳାପ୍ରେମୀମାନେ ଯୋଗ ଦେଇଥିଲେ। ଘରେ ରହିବା, କରୋନାକୁ ଦୂରେଇ ଦେବା ଚଳିତ ବର୍ଷର ବାର୍ତ୍ତା ରହିଛି। ଏହି ଅବସରରେ ଜିଲାପାଳ ମହାନ୍ତି କହିଥିଲେ, ଉତ୍କର୍ଷର କ୍ଷେତ୍ର ଉତ୍କଳ। କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟ ଆଦି କ୍ଷେତ୍ରରେ ଉତ୍କଳ ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ଲୋକକଳା ହେଉଛି ଗୋଟିଏ ଜାତିର ପରିଚୟ। ଖୋର୍ଦ୍ଧା ଜିଲା ଲୋକକଳାରେ ପରିପୂର୍ଣ୍ଣ। ପାଇକ ଆଖଡ଼ା ଜିଲାର ଗୌରବମୟ ଇତିହାସକୁ ମନେ ପକାଇଦିଏ। ସାଧାରଣ ଜୀବନଶୈଳୀକୁ ଲୋକକଳା ସମୃଦ୍ଧ କରିଛି। ଆମୋଦପ୍ରମୋଦ ସହ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ମଧ ଦେଇଥାଏ। ଲୋକକଳାର ଚାହିଦା ରହିଛି। ଆଗାମୀ ପିଢ଼ିକୁ ମଧ ପ୍ରଭାବିତ କରିବ। ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ କହିଥିଲେ, ଖୋର୍ଦ୍ଧା ଜିଲାର କଳା ସଂସ୍କୃତି ଅନନ୍ୟ। ଏହାର ପ୍ରତି ରେଣୁରେ ଐତିହ୍ୟର ପଦଚିହ୍ନ ରହିଛି। ଲୋକକଳା, ସଂସ୍କୃତି, ଐତିହ୍ୟ ଜିଲାକୁ ସମୃଦ୍ଧ କରିଛି। କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ସେ ଜିଲାବାସୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ଲୋକକଳା ସମ୍ପର୍କରେ ବହୁ ବରିଷ୍ଠ କଳାକାର ନିଜ ମତ ଉପସ୍ଥାପନ କରିଥିଲେ। କଳାକାର ଖଗେଶ୍ୱର ମାର୍ଥା କହିଥିଲେ, ପାଲା ଏକ ସାରସ୍ୱତ କଳା। ପାଲା ଜନମାନସକୁ ସଂସ୍କୃତି, ପରମ୍ପରା ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାଏ। ଲୋକକଳା ସଂସ୍କୃତିର ପରିଚୟ ବହନ କରେ। ସେହିପରି ବରିଷ୍ଠ କଳାକାର ଶମ୍ଭୁଦତ୍ତ ସ୍ୱାଇଁ କହିଥିଲେ, ପାଇକ ଆଖଡା ଏକ ସମର କଳା। ଖୋର୍ଦ୍ଧା ପାଇକଙ୍କ ବୀରତ୍ୱର କାହାଣୀକୁ ଏହା ମନେ ପକାଇଥାଏ। ଲୋକକଳା କଳାକାର ଗୋପାଳ ବେହେରା କହିଥିଲେ, ଘୋଡାନାଚ କିମ୍ବା ଚଇତି ଘୋଡା ନୃତ୍ୟ ବେଶ ଲୋକପ୍ରିୟ। ଏହାର ତାଳ, ଲୟ, ଛାନ୍ଦ ଦର୍ଶକଙ୍କୁ ବେଶ ଆକର୍ଷିତ କରେ। ଖୋର୍ଦ୍ଧା ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ପ୍ରଭାତ କୁମାର ସାହୁ, ବେଗୁନିଆ ବ୍ଲକ ଉପସଭାପତି ଶ୍ୟାମସୁନ୍ଦର ତ୍ରିପାଠୀ ପ୍ରମୁଖ ଲୋକକଳାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାର କୋଣ ଅନୁକୋଣରେ ରହିଥିବା ସମସ୍ତ ଲୁକ୍କାୟିତ କଳାକୁ ସାମିଲ ଲାଗି ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମୃଗେଶ୍ୱରଙ୍କ ପୀଠରେ ଝାମୁଯାତ୍ରା ଆରମ୍ଭ

**ଯାଁଳା,୧୪।୬ (ଡି.ଏନ୍.ଏ.)**

କରୋନା କଟକଣା ମଧରେ ସୋମବାର ଯାଁଳା ପଞ୍ଚାୟତ ଓଗାଳପଡ଼ା ଗ୍ରାମର ଆରାଧ ଦେବତା ମୃଗେଶ୍ୱର ଦେବଙ୍କ ପୀଠରେ ରଜ ଝାମଯାତ୍ରା ଆରମ୍ଭ ହୋଇଛି। ଏହି ଝାମୁଯାତ୍ରା ପରମ୍ପରାକୁ ବନ୍ଦ ରଖାଯାଇ କେବଳ ବିଧି ଅନୁସାରେ ଅଘୋରତପ ଓ ଅଗ୍ନିଗର୍ତ୍ତ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ପାଟୁଆ ତଥା ମାନସିକଧାରୀଙ୍କ ସଂଖ୍ୟା ହ୍ରାସ କରାଯାଇଛି। ଏଥର ମାତ୍ର ୭ଜଣ ପାଟୁଆଙ୍କୁ ଅନୁମତି ମିଳିଛି। ପରମ୍ପରା ଅନୁଯାୟୀ ବିନା ଭକ୍ତରେ ପାଟୁଆମାନେ ଅଘୋରତପ ସାଧନ କାର୍ଯ୍ୟ ସମାପନ କରିଛନ୍ତି। ମଙ୍ଗଳବାର ରଜ ସଂକ୍ରାନ୍ତି ଅବସରରେ ଗୋଟିଏ ମାତ୍ର ଅଗ୍ନିଗର୍ତ୍ତ ଖୋଳି ପୂଜା କାର୍ଯ୍ୟ ସମ୍ପନ୍ନ କରିବେ।

ସୂଚନାଥାଉ କି, ଏକ ନିଆରା ଝାମୁଯାତ୍ରା ପାଇଁ ସ୍ଥାନୀୟ ଓଗାଳପଡ଼ାସ୍ଥିତ ମୃଗେଶ୍ୱର ଦେବଙ୍କ ପୀଠ ପ୍ରତିବର୍ଷେ ରଜ ପର୍ବରେ ଚଳଚଞ୍ଚଳ ହୋଇଉଠିଥାଏ। ଓଡ଼ିଶାର ବିଭିନ୍ନ ଜିଲାର ପ୍ରାୟ ୩୫/୪୦ ଜଣ ମାନସିକଧାରୀମାନେ ମନସ୍କାମନା ପୂର୍ଣ୍ଣ ପାଇଁ ଏହି ଶୈବପୀଠରେ ବ୍ରତ ଧାରଣ କରିଥାନ୍ତି। ମହାମାରୀ କରୋନା ପାଇଁ ଗତବର୍ଷ ଓ ଚଳିତ ବର୍ଷ କେବଳ ବିଧିରେ ଏହି ଝାମୁ ଯାତ୍ରା ପାଳିତ ହୋଇଛି।



ମାନସିକଧାରୀମାନେ କଣ୍ଟାରେ ଗଡ଼ିବା ପରେ ଅଘୋରତପ ସାଧନା କରୁଛନ୍ତି।

## ଗ୍ରାମାଞ୍ଚଳରେ ପୁଣି ୨୦୫ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୪।୬**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ପୁଣି କରୋନା ସଂକ୍ରମଣ ବୃଦ୍ଧି ପାଇଛି। ରବିବାର ୩୪ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସୋମବାର ୨୦୫ଜଣ ଚିହ୍ନଟ ହୋଇଛନ୍ତି। ୨୦୨ ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧରେ ବାଲିଅନ୍ତା ବ୍ଲକର ୨୦, ବାଲିପାଟଣା ୧୬, ଭୁବନେଶ୍ୱର ବ୍ଲକ ୫୮, ଜଟଣୀ ୨, ଖୋର୍ଦ୍ଧା ୨୫, ବେଗୁନିଆ ୨୪, ବୋଲଗଡ଼ ୨୦, ଟାଙ୍ଗୀ ୧୩, ଚିଲିକା ୧୬ ଏବଂ ବାଣପୁରର ୧୧ଜଣ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୩,୭୦,୯୮୮ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ରାପିଡ୍ ଆଣ୍ଟିଜେନ ଟେଷ୍ଟ ୨,୬୭,୬୮୦, ଟ୍ରୁନାଟ ୬୧୬ ଏବଂ ଆରଟିପିସିଆର ୧,୦୨,୬୯୨ ଜଣଙ୍କ କରାଯାଇଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ ୨୪,୦୧୪ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୨,୭୭୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬୯ଜଣଙ୍କ ମୃତ୍ୟୁ ଘଟିଛି। ୧,୧୬୬ ସକ୍ରିୟ ରହିଛନ୍ତି।

# ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଜବତ

**ବେଗୁନିଆ,୧୪।୬ (ଡି.ଏନ୍.ଏ.)**

ବେଗୁନିଆ ପୋଲିସ ସୋମବାର ଗୋବିନ୍ଦପୁର ଗ୍ରାମ ନିକଟ ଏକ କାଜୁ ବଗିଚାରୁ ଜଣେ ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି। ମୃତା ହେଲେ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ମୁରଲୀଧର ସାହୁଙ୍କ ସ୍ତ୍ରୀ ତିଳୋତ୍ତମା(୪୧)। ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୧) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ତିଲୋତ୍ତମା ଗତ ଶୁକ୍ରବାର ସକାଳ ପ୍ରାୟ ୯ଟାରେ ନିକଟ ଏକ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବିଳମ୍ବ ଯୋଗୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଏନେଇ ମୁରଲୀଧର ଶନିବାର ରାତିରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ନିଖୋଜ ହେବାର ୩ଦିନ ପରେ ତିଳୋତ୍ତମାଙ୍କ ଗଳିତ ମୃତଦେହ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମୃତଦେହ ଗଳିତ ହୋଇଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯିବ। ଋଣବୋଝ କାରଣରୁ ତିଳୋତ୍ତମା ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି।

## ମଦ ଜବତ, ୯ ଗିରଫ

**ବୋଲଗଡ଼/ନିରାକାରପୁର/ବାଣପୁର, ୧୪।୬ (ଡି.ଏନ୍.ଏ.)**

ବୋଲଗଡ଼ ପୋଲିସ ଦୁଇ ଦିନରେ ୪ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ କାର୍ତ୍ତିକ ସାହୁ, ରବୀନ୍ଦ୍ର ସାହୁ, ସ୍ମୃତି ରଞ୍ଜନ ମହାରଣା ଓ କୈଳାସ ମଲ୍ଲିକ। ଏମାନଙ୍କ ନିକଟରୁ ବିପୁଳ ମଦ ଜବତ ହୋଇଛି। ସୂଚନା ମୁତାବକ, ରବିବାର ରାତିରେ ବୋଲଗଡ଼ସ୍ଥିତ ମାଟିଗାଡିଆ ପୋଖରୀ ନିକଟ କାର୍ତ୍ତିକଙ୍କ ଘରୁ ପୋଲିସ ୨୦ ଲିଟର ଦେଶୀ ମଦ ଜବତ କରିଥିଲା। ସେହିପରି ଶିଆଳିଆ ନୂଆ ସାହି ନିକଟ ରାସ୍ତାରୁ ୬ ଲିଟର ୫୦୦ ବିଦେଶୀ ମଦ ସ୍ମୃତି ରଞ୍ଜନଙ୍କ ଠାରୁ ଜବତ ହୋଇଛି। ସୋମବାର ବରହ୍ମପୁରା ଛକ ନିକଟ ଟାଙ୍ଗୀସାହି ଗ୍ରାମର କୈଳାସଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ତିନୋଟି ମାମଲା (ନଂ.୯୫,୯୬,୯୭/୨୧) ରୁଜୁ ହୋଇଛି। ସେହିପରି ଜଙ୍କିଆ ପୋଲିସ ନରଣଗଡ଼ ପଞ୍ଚାୟତ ହାଡ଼ପଦା ଅଞ୍ଚଳରେ ସୋମବାର ଚଢ଼ାଉ କରି ୧୬ଲିଟର ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ.୧୨୩/୨୧) ରୁଜୁ ହୋଇଛି।ବାଣପୁର ପୋଲିସ ରବିବାର ରାତିରେ ତିନୋଟି ସ୍ଥାନରେ ଚଢାଉ କରି ୩ଜଣଙ୍କୁ ଗିରଫ କରିବା ସହ ୨୨୦ଲିଟର ଦେଶୀ ମଦ ଜବତ କରିଛି। ସୋମବାର ସୁନାକେରା ଗ୍ରାମରେ ଚଢ଼ାଉ କରି ଶମ୍ଭୁ ପ୍ରଧାନଙ୍କୁ ଗିରଫ କରିବା ସହ ୫୩ଲିଟର ବିଦେଶୀ ମଦ ଜବତ କରିଛି।

# ଯୌତୁକ ପାଇଁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ଡେଲାଙ୍ଗ,୧୪।୬ (ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ଅନ୍ତର୍ଗତ ସୁରଙ୍ଗପୁର ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ମୃତା ହେଲେ ଦୀପ୍ତିମୟୀ ବରାଳ(୨୩)। ମୃତାଙ୍କ ମା ପ୍ରଭାସିନୀ ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୪୯୮, ୩୦୨, ୩୦୪ବି, ୩୪ଆଇପିସି, ଡିପି ଆକ୍ଟରେ ଏକ ହତ୍ୟା ମାମଲା(ନଂ.୧୪୩/୨୧) ରୁଜୁ କରିଛି। ଏହି ଘଟଣାରେ ପୋଲିସ ମୃତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ବରାଳଙ୍କୁ ଗିରଫ କରିଛି। ଅଭିଯୋଗ ମୁତାବକ, ହରିରାଜପୁର ନିକଟ ବୁଢାପଡା ଗ୍ରାମର ଦୀପ୍ତିମୟୀ ୫ବର୍ଷ ତଳେ ସୂର୍ଯ୍ୟକାନ୍ତଙ୍କୁ ବିବାହ କରିଥିଲେ। କିଛିବର୍ଷ ପରେ ଉଭୟଙ୍କ ମଧରେ ପାରିବାରିକ କଳହ ଦେଖାଦେଲା। ସୂର୍ଯ୍ୟକାନ୍ତ ଜଣେ ଡ୍ରାଇଭର ଥିବାବେଳେ ଦୀପ୍ତିମୟୀଙ୍କୁ ନିର୍ଯାତନା ଦେବା ସହ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ଦାବି କରୁଥିଲେ। ବାପଘର ଲୋକେ ଏହା ଜାଣିବା ପରେ ସ୍ୱାଇଁଙ୍କୁ ସୁନା ଅଳଙ୍କାର ସହ ନଗଦ ୫୦ହଜାର ଟଙ୍କା ଦେଇଥିଲେ। ଏହାପରେ ପୁଣି ନିର୍ଯାତନା ଦେଉଥିଲେ। ତଥାପି ବାପଘର ସୂର୍ଯ୍ୟକାନ୍ତଙ୍କୁ ଟଙ୍କା ସହ ଏକ ଦୁଇଚକିଆ ଗାଡ଼ି ଦେଇଥିଲେ। କିନ୍ତୁ ରବିବାର ରାତିରେ ଦୀପ୍ତିମୟୀ ଆତ୍ମହତ୍ୟା କରିଥିବା ନେଇ ବାପଘର ଲୋକେ ଜାଣିବାକୁ ପାଇଥିଲେ। ଖବରପାଇ ଡେଲାଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଥାନାକୁ ନେଇଥିଲେ। ଅନ୍ୟପଟେ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ନେଇ ହରିରାଜପୁର ଫାଣ୍ଡିରେ ମା' ପ୍ରଭାସିନି ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରିଥିଲା। ପରେ ସାଇଣ୍ଟିଫିକ ଟିମ ଆସି ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

# ପୋଡ଼ପିଠା ଖାଇଲେ, ଦୋଳି ଖେଳିଲେ

**ଖୋର୍ଦ୍ଧା ଅଫିସ/ନିରାକାରପୁର/ଯାଁଳା, ୧୪।୬ (ଡି.ଏନ୍.ଏ.)**

କରୋନା ପାଇଁ ଖୋର୍ଦ୍ଧା ଜିଲାରେ ରଜ ଉତ୍ସବ ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଫିକା ପଡିଛି। ସୋମବାର ପହିଲି ରଜର ପ୍ରଥମ ଦିବସ ରହିଥିଲା ଫିକା ଫିକା। କୋଭିଡ୍ କଟକଣା ପାଇଁ ଏଥର ଗାଁ ଗହଳିରେ ସମୂହ ଦୋଳି, ପୁଚି ଖେଳ, ମ୍ୟୁଜିକ ଚେୟାର ବନ୍ଦ ରହିଥିଲା। ଘରେ ଘରେ ରଜ ଉତ୍ସବ ଜମିଥିଲା। ପିଲାମାନେ ନୂତନ ବସ୍ତ୍ର ପରିଧାନ କରିବା ସହ ପୋଡ଼ପିଠା ଖାଇ ଦୋଳି ଖେଳିଥିଲେ। ଏଥିସହ ସାଙ୍ଗସାଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜଟଣୀ ବ୍ଲକ ଛଣଗିରି କପାଳମୋଚନ ମନ୍ଦିର ପରିସରରେ କୋଭିଡ୍ କଟକଣାରେ ରଜ ଉତ୍ସବ ପାଳନ କରିଛନ୍ତି କୁନି କୁନି ପିଲା। ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରଖି ଦୋଳି ଖେଳିଥିଲେ। ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ତେବେ ଚଳିତବର୍ଷ କୋଭିଡ କଟକଣାରେ ଉତ୍ସବ ପାଳନ କରିଥିଲେ ବି ପିଲାଙ୍କ ମଧରେ ସେପରି ଉତ୍ସାହ ନ ଥିଲା। ସେହିପରି ଖୋର୍ଦ୍ଧା ଓ ନିରାକାରପୁର ଅଞ୍ଚଳରେ ରଜର ପ୍ରଥମ ଦିବସରେ ପିଲାମାନେ କୋଭିଡ କଟକଣାକୁ ମାନି ରଜ ପାଳିଥିଲେ। ପବିତ୍ର ରଜ ଉତ୍ସବ ଅବସରରେ ଭୁବନେଶ୍ୱର ଉପକଣ୍ଠ ମଦନପୁର ପଞ୍ଚାୟତରେ ରଜ ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ରଜଦୋଳିର ଉଦ୍‌ଘାଟନ କରିଥିଲେ। ଏଥିସହ କିଛି ସମୟ ପାଇଁ ଦୋଳି ଖେଳିଥିଲେ। କୋଭିଡ୍ କଟକଣା ଅନୁସାରେ ଏହି ମହୋତ୍ସବ ପାଳନ ହେଉଥିବା ବେଳେ ଏଠାରେ ଗୋଟିଏ ମାତ୍ର ଦୋଳି ଲଗାଯାଇଛି।


ଜଟଣୀ ବିଧାୟକ ସୁରେଶ ରାଉତରାୟ ଦୋଳି ଖେଳୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଜିତ୍


@ ନୃସିଂହ


@ ସନ୍ଧ୍ୟାରାଣୀ


@ ପ୍ରଦୀପ


@ ତ୍ରିଲୋଚନ


@ ଟୁଲୁ

## ୧୦୦ ଶ୍ରମିକଙ୍କ ପରିବାରଙ୍କୁ ସହାୟତା

**ନିରାକାରପୁର,୧୪।୬ (ଡି.ଏନ୍.ଏ.)**

କରୋନା ସଂକ୍ରମଣ ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଫଳରେ ଶ୍ରମିକ ଲୋକେ କାମ ନ ପାଇଁ ଘରେ ବସି ରହିଛନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇସ୍ୱାର୍ଡ ସହଯୋଗରେ ସ୍ଥାନୀୟ ପଞ୍ଚାୟତରେ ୧୦୦ ଶ୍ରମିକଙ୍କ ପରିବାରକୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ହୋଇ ଏହି କାର୍ଯ୍ୟ ସମ୍ପାଦନା କରିଥିଲେ।

## କାର୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ଜଟଣୀ,୧୪।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ମ୍ୟୁନିସିପାଲିଟି ଛକରେ ସୋମବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ରାମଚନ୍ଦ୍ରପୁର ଅଞ୍ଚଳର ଅଶୋକ ରଥ ଓ ସ୍ତ୍ରୀ ତୃପ୍ତି ରଥ। ଚିକିତ୍ସା ପାଇଁ ଏମାନଙ୍କୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁଇ କାର୍‌ର ଆଗପଟ ଭାଙ୍ଗିରୁଜି ଯାଇଛି। ଜଣେ କାର୍ ଚାଳକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅପରାହ୍ନରେ ହରିଭାଇନା ଛକ ପଟୁ ଏକ କାର୍ ପିପିଲି ଅଭିମୁଖେ ଯାଉଥିଲା। ଏହି ସମୟରେ ଅନ୍ୟ ଏକ କାର୍ ସରାଫ ଧର୍ମଶାଳା ପଟୁ ହରିଭାଇନା ଛକ ଅଭିମୁଖେ ମୁଖ୍ୟ ରାସ୍ତାକୁ ବାହାରୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଏକ କାରରେ ଥିବା ଅଶୋକ ଓ ତାଙ୍କ ସ୍ତ୍ରୀ ଆହତ ହୋଇଥିଲେ। ଚିକିତ୍ସା ପାଇଁ ଏମାନଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍‌ସ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ ଜଣେ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।